
ସୁଶ୍ରୀ ଓଡ଼ିଶା ଅଧିନାୟିକା
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-94 • SATURDAY • 27 SEPTEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୯୪ • ଶନିବାର • ୨୭ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ଅବପାତ ରୂପ ନେଲା ଲଘୁଚାପ

## ଆଜି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା

■ ଭୁବନେଶ୍ୱର, ୨୬।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ଶୁକ୍ରବାର ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୟୂରଭଞ୍ଜଠାରୁ ଗଞ୍ଜାମ ପର୍ଯ୍ୟନ୍ତ ବର୍ଷା ହୋଇଛି। ଏହି ଅବପାତ ଶନିବାର ସକାଳ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ମୁହାଁ ହୋଇ ସେଠାରେ ସ୍ଥଳଭାଗ ଅତିକ୍ରମ କରିବ। ତେଣୁ ଶନିବାର ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଶନିବାର ନବରଙ୍ଗପୁର ଜିଲ୍ଲା ପାଇଁ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ଶୁକ୍ରବାର ଦିନ ତମାମ ମହାନଦୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହୋଇଛି। ମହାନଦୀର ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏହି ସ୍ଥିତି ସୃଷ୍ଟି ହୋଇଛି। ଯେହେତୁ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ଓ ମହାନଦୀକୁ ପାଣି ପଶୁଛି, ତେଣୁ ହୀରାକୁଦରେ ଏବେ ବି ୨୦ ଟି ଗେଟ୍ ଖୋଲାଯାଇ ୩ ଲକ୍ଷ ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ନିଷ୍କାସିତ କରାଯାଉଛି। ଏହି ପାଣି ▶ପୃଷ୍ଠା-୭

**୨ରେ ଆଉ ଏକ ଲଘୁଚାପ**

## ବର୍ଷା, ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୨୬।୯ (ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରଭାବିତ ହେବାକୁ ଥିବା ୧୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍‌ସ ମାଧ୍ୟମରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲଘୁଚାପ ପ୍ରଭାବରେ ୩ଟି ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାସହ ୧୪ ଜିଲ୍ଲା ଯଥା ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ▶ପୃଷ୍ଠା-୭

**୧୭ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ**

## ମୁଣ୍ଡଳୀରେ ପହଞ୍ଚିଲା ମହାନଦୀ ବନ୍ୟାଜଳ

■ ତ୍ରିଶୂଳିଆ, ୨୬।୯ (ସମିସ): ହୀରାକୁଦରୁ ଗେଟ୍ ଖୋଲିବା ପରେ ଶୁକ୍ରବାର ଦିନ ମୁଣ୍ଡଳୀରେ ମହାନଦୀର ବନ୍ୟାଜଳ ପହଞ୍ଚିଛି। ଆଜି ସକାଳ ୬ଟା ସୁଦ୍ଧା ମୁଣ୍ଡଳୀ ଦେଇ ୫ଲକ୍ଷ ୧୨ ହଜାର ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ପୂର୍ବାହ୍ନ ୧୧ଟା ବେଳକୁ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଦିନ ୧ଟା ବେଳକୁ ୫ଲକ୍ଷ ୭୮ ହଜାର ୧୮୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ମୁଣ୍ଡଳୀର ଉପର ମୁଣ୍ଡରେ ୮୮.୭୦ ଫୁଟ୍ ଏବଂ ତଳ ମୁଣ୍ଡରେ ୮୬.୬୦ ଫୁଟ ଜଳସ୍ତର ରହିଛି। ଧୀରେଧୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳ କାଠଯୋଡ଼ି, କୁଆଖାଇ, ଦୟା ଆଦି ଅନେକ ନଦୀକୂଳିଆ ଅଞ୍ଚଳରେ ▶ପୃଷ୍ଠା-୭

# ଆଜି ଝାରସୁଗୁଡ଼ା ଆସୁଛନ୍ତି ପ୍ରଧାନମନ୍ତ୍ରୀ



**ଯୁବ ସମାବେଶରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ**

**ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ନେଟ୍‌ୱର୍କ ସେବାର ହେବ ଶୁଭାରମ୍ଭ**

■ ଭୁବନେଶ୍ୱର/ସମ୍ବଲପୁର ୨୬।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି (ଶନିବାର) ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ 'ସେବା ପର୍ବ-୨୦୨୫' ଚାଲିଛି। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶକୁ ସମ୍ବୋଧିତ କରିବା ସହ ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସାରା ଦେଶ ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିଏସ୍‌ଏନ୍‌ଏଲ୍ ୪ଜି ନେଟ୍‌ୱର୍କ ଟାୱାର ସେବାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।

କାର୍ଯ୍ୟସୂଚୀ ଅନୁସାରେ, ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୧୦ ମିନିଟରେ ପହଞ୍ଚି, ସେଠାରୁ ଅମଲିପାଲି ପଡ଼ିଆ ଅଭିମୁଖେ ଯାତ୍ରା କରିବେ। ସଭାସ୍ଥଳରେ ୧୧ଟା ୨୫ ମିନିଟରେ ପହଞ୍ଚି ସାଢ଼େ ୧୧ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଏକ ଘଣ୍ଟାର କାର୍ଯ୍ୟକ୍ରମ ରହିଛି। ସାଢ଼େ ୧୨ଟାରେ ସଭାସ୍ଥଳରୁ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବିମାନ ବନ୍ଦରକୁ ଯାଇ ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ।

ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୭ ବର୍ଷ ପରେ ଝାରସୁଗୁଡ଼ାକୁ ଆସୁଛନ୍ତି। ୨୦୧୮ ମସିହା ସେପ୍ଟେମ୍ବର ୨୨ ତାରିଖ ଝାରସୁଗୁଡ଼ା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ଉଦ୍‌ଘାଟନ କରିଥିଲେ।

### ପୁଣି ଭାରତକୁ ଟ୍ରମ୍ପ ଝଟ୍‌କା

# ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍

**କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦%, ଭାରୀ ଟ୍ରକ୍ ଉପରେ ୩୦%**

**ଅକ୍ଟୋବର ପହିଲାରୁ ଲାଗୁ**



■ ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରକୁ ଆଉ ଏକ ଶୁଳ୍କ ବୋମା ଛାଡିଛନ୍ତି। ଏଥର ଔଷଧ, ଫର୍ଣ୍ଣିଚର ଏବଂ ରୋଷେଇ କ୍ୟାବିନେଟ୍ ଉତ୍ପାଦ ଉପରେ ଭାରୀ ଟାରିଫ୍ ଘୋଷଣା କରିଛନ୍ତି। ଫର୍ଣ୍ଣିଚର, ଔଷଧ ସାମଗ୍ରୀ, ରୋଷେଇ କ୍ୟାବିନେଟ୍ ଏବଂ ବିଦେଶରୁ ଆମଦାନି ହେଉଥିବା ଭାରୀ ଟ୍ରକ୍ ଉପରେ ସେ ଏହି ଶୁଳ୍କ ଲଗାଇଛନ୍ତି। ଭାରତରୁ ଆସୁଥିବା ବ୍ରାଣ୍ଡେଡ୍ ଔଷଧ ସାମଗ୍ରୀ ଉପରେ ଶତ ପ୍ରତିଶତ ଟାରିଫ୍ ଲଗାଇଥିବା ▶ପୃଷ୍ଠା-୭

# ପ୍ରିୟାଂଶୁ ପାଲ୍ ଓସିଏସ୍ ଟପ୍ପର୍



**୩୯୮ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪୪ ଝିଅ**

■ ଭୁବନେଶ୍ୱର/କଟକ, ୨୬।୯ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ମୋଟ୍ ୩୯୮ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତଥର ଝିଅଙ୍କ ତୁଳନାରେ ପୁଅମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୯ ଜଣ ପୁଅ ଥିବା ବେଳେ ଅନୁଗୋଳର ପ୍ରିୟାଂଶୁ ପାଲ ଟପର୍ ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଅନନ୍ୟା ମିଶ୍ର ▶ପୃଷ୍ଠା-୭







**ଚାଷୀଙ୍କ ସରୁନି ଦୁଃଖ**

# ମୁଣ୍ଡବିନ୍ଧା ବଢ଼ାଇଲେଣି କାଣ୍ଡବିନ୍ଧା ପୋକ

**ବିପଦରେ ହଜାର ହଜାର ହେକ୍ଟର ଧାନ ଚାଷ**

**ପୋକଙ୍କୁ ବଳ ଯୋଗାଉଛି ଲଘୁଚାପ ବର୍ଷା ପାଗ**



ଭୁବନେଶ୍ୱର,୨୬।୯(ସମିସ): ଚଳିତ ବର୍ଷ ଖରିଫ୍ ଚାଷ ଆରମ୍ଭରୁ ଚାଷୀ ବିଭିନ୍ନ ଅସୁବିଧା ଦେଇ ଗତି କରୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ସମସ୍ୟା ଭୋଗିଲେ। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ଧାନ ଗଛରେ ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ଚାଷୀଙ୍କ ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଧାନ ଫସଲରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଚଳିତ ବର୍ଷ ଚାଷୋପଯୋଗୀ ବର୍ଷା ଓ ଅନ୍ୟାନ୍ୟ କାରଣ ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରିଥିବାରୁ ଭଲ ଅମଳ ଆଶା କରାଯାଉଛି। ମାତ୍ର ସପ୍ତାହ ହେବ ଧାନ ଗଛରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଶହ ଶହ ହେକ୍ଟର ଚାଷ ଜମିରେ ଧାନ ଚାଷ ନଷ୍ଟ ହୋଇଯିବାକୁ ବସିଲାଣି। ଏହାର ନିରାକରଣ ଦିଗରେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନି। ଚାଷୀ ଧାନ ଗଛରେ ରୋଗପୋକ ଦମନ ପାଇଁ ବଜାରରୁ ଅତି ଚଢ଼ା ଦରରେ କୀଟନାଶକ ଔଷଧ କିଣି ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛି। ଏହାସତ୍ତ୍ୱେ ବି କୀଟ ବଂଶ ନାଶ ନ ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଅନୁକୂଳ ପାଗ ସ୍ଥିତି ଯୋଗୁଁ ଚଳିତ ବର୍ଷ ଧାନ ଚାଷ ସୁରୁଖୁରୁରେ ଆରମ୍ଭ ହୋଇଥିଲା। ଏବେ ଧାନ ଗଛରେ ଭଲ ପିଲ ମାରିଥିଲେ ହେଁ କାଣ୍ଡବିନ୍ଧା ପୋକଙ୍କ ଯୋଗୁଁ ଗଛ ମରିଯାଉଛି। ରୋଗପୋକ ଦମନ ପାଇଁ କୀଟନାଶକ ଔଷଧ ସିଞ୍ଚନ କରୁଥିଲେ ମଧ୍ୟ ରୋଗ ପୋକ ଦମନ ହୋଇପାରୁ ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଉପକୂଳ ଓଡ଼ିଶାରେ ପ୍ରାୟ ଏକ ସପ୍ତାହ ଧରି କ୍ରମାଗତ ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗିରହିଛି। ଏଥିଯୋଗୁଁ ଧାନ ବିଲରେ ବିଭିନ୍ନ ରୋଗପୋକ ଦେଖାଦେଇଛି। ବେଉଷଣ ପରେ ବଢୁଥିବା ଧାନ ଗଛକୁ ଏବେ ପାଣି ସହିତ ଖରାର ଆବଶ୍ୟକତା ରହିଛି। ହେଲେ ନିୟମିତ ବର୍ଷା ଯୋଗୁଁ ଚାଷ ଜମିରେ ଏବେ ଜଳ ସଙ୍କଟ ନ ଥିଲେ ହେଁ ନରମ ପାଣିପାଗ ଧାନ ଗଛକୁ ରୋଗ ପୋକ କବଳିତ କରିଛି। ଧାନ ଗଛର କଅଁଳିଆ ପତ୍ର ଏବଂ କାଣ୍ଡରେ ଏବେ କାଣ୍ଡବିନ୍ଧା ପୋକ, ଗୁଣ୍ଡି ପୋକ ଏବଂ ପତ୍ର ଝାଉଁଳା ରୋଗ ଦେଖାଦେଇଛି। ଅନ୍ୟପଟରେ ଲଘୁଚାପଜନିତ ତୁହାକୁ ତୁହା ବର୍ଷା ଲାଗି ରହିଥିବା ଯୋଗୁଁ ଧାନ ଗଛରେ ବିଷ ସିଞ୍ଚନ କଲେ ମଧ୍ୟ ତାହା ବର୍ଷା ପାଣିରେ ଧୋଇଯାଉଛି। ଫଳରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବିଲରେ ବିଷ ଦେଲେ ମଧ୍ୟ ତାହା କାମ ଦେଉନି। ଏହିଭଳି ପାଗ ଆଉ କିଛିଦିନ ଲାଗି ରହିଲେ, ପରସ୍ଥିତି ଅସମ୍ଭାଳ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷି ବିଶେଷଜ୍ଞଙ୍କ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ପୂର୍ବଭଳି ଏବେ ଆଉ ଜମିରେ ଜୈବିକ ଖତ ଦିଆଯାଉନି। ବେଳକୁ ବେଳ ଜମିର ଉର୍ବରତା ହ୍ରାସ ପାଉଛି। ଏଣୁ ଏକାଧିକ କିସମର ସାର ଓ ରସାୟନର ଆବଶ୍ୟକତା ଦେଖାଦେଉଛି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏ ବାବଦରେ ବାରମ୍ବାର ସଚେତନ କରାଇବା ଜରୁରୀ ବୋଲି ସେ କହିଛନ୍ତି।

# ରାଜ୍ୟରେ 'ଏସ୍ଆଇଆର୍' ପାଇଁ ତତ୍ପରତା



**ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ ସହ ସିଇଓଙ୍କ ଆଲୋଚନା**

**ବିଏଲ୍ଓଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ବିଶେଷ ସଘନ ସଂଶୋଧନ (ଏସ୍ଆଇଆର୍), ୨୦୨୬କୁ ନେଇ ତତ୍ପରତା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ ଗୋପାଳନଙ୍କ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହିତ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ବର୍ତ୍ତମାନର ସ୍ଥିତି ଏବଂ ବିଶେଷ ସଘନ ସଂଶୋଧନର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସମସ୍ତ ସ୍ତରରେ ନିର୍ବାଚନ ଆୟୋଗ ଦ୍ୱାରା ନିୟମିତ ଭାବରେ ଦିଆଯାଉଥିବା ନିର୍ଦ୍ଦେଶନାମାର ସମୟୋଚିତ ଅନୁପାଳନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତିର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ନିର୍ବାଚନ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବାକୁ କହିଛନ୍ତି। ଏହାସହିତ ଏହି ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟତଃ ୨୦୦୨ ଏବଂ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ କରାଯିବା ଉପରେ ଆଲୋଚନା ହୋଇଥିବା ବେଳେ ଏସ୍ଆଇଆର୍ ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି।

ଏହାସହିତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରିବା ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଆବଶ୍ୟକୀୟ ସାମଗ୍ରୀର ପରିବହନ ଏବଂ ମାନବସମ୍ବଳ ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପ୍‌ଲୋଡ୍ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଛି।

**ଅକ୍ଟୋବର ୧୩ରେ ଦିଲ୍ଲୀ ମହାନଦୀ ସଂସଦ**

# ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ

**ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା**

**ଆଡ୍‌ଭୋକେଟ ଜେନେରାଲଙ୍କ ମନ୍ତବ୍ୟକୁ ନାପସନ୍ଦ**

ଭୁବନେଶ୍ୱର,୨୬।୯(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ ରେ ମହାନଦୀ ସଂସଦ ବସିବ। ଏଥିରେ ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧି ମାନଙ୍କ ସହିତ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ ତଥା ନଦୀ ବେଶଷଜ୍ଞ ମାନେ ଯୋଗଦେବେ। ଏହାସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା ମାନଙ୍କୁ ମଧ୍ୟ ଯୋଗ ଦେବାକୁ ନିବେଦନ କରାଯିବ ବୋଲି ଏକ ପ୍ରେସ ଇସ୍ତାହାରରେ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରିବା ସହିତ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏହାକୁ ସୀମାବଦ୍ଧ ନ କରି ଏହାର ବେଶିନ୍ ସହିତ ଜଡିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞ ମାନଙ୍କୁ ମଧ୍ୟ ଯୋଡ଼ିବାକୁ କୁହାଯାଇଛି। ତେଣୁ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋଷ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶ ଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟପଟେ ଓଡ଼ିଶା ଆଡଭୋକେଟ ଜେନେରାଲ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ "ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ' ବୋଲି କହିଛନ୍ତି। ଏହି ବକ୍ତବ୍ୟ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପ୍ରକ୍ରିୟାର ପରିପନ୍ଥୀ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ କହିଛି। ବିବାଦ ଯଦି ନାହିଁ, ଆପୋଷ ସମାଧାନର ଆବଶ୍ୟକତା କଣ ରହିଛି ବୋଲି ଏଠାରେ ପ୍ରଶ୍ନ କରାଯାଇଛି। 'ଜଳ ବିବାଦ ଟ୍ରିବୁନାଲ ହେଉଛି ଓକିଲ ପୋଷିବା ସଂସ୍ଥା' ବୋଲି ମଧ୍ୟ ଆଡଭୋକେଟ ଜେନେରାଲ କହିଛନ୍ତି। ଏକ ସାମ୍ବିଧାନିକ ପଦବୀରେ ରହି ଦେଶର ସମ୍ବିଧାନରେ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦର ସମାଧାନ ପାଇଁ ଏକ ଆଇନ ବ୍ୟବସ୍ଥାକୁ ଏଭଳି ତାଚ୍ଛଲ୍ୟ କରିବା କେତେ ଯୁକ୍ତି ଯୁକ୍ତ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପ୍ରଶ୍ନ ଉଠାଇଛି।

# ସରକାରୀ ଉଦ୍ୟୋଗ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

ଭୁବନେଶ୍ୱର, ୨୬।୯ (ସମିସ): ସରକାରୀ ଉଦ୍ୟୋଗ (ରାଜ୍ୟ ପିଏସ୍‌ୟୁ)ର କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଆଜି ଘୋଷଣା କରିଛନ୍ତି। ଏହାଦ୍ୱାରା ସରକାରୀ ଉଦ୍ୟୋଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଏହା ଲାଗୁ ହେବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାରେ ଥାଇ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

**୮ ମାସରେ ଏସ୍‌ସିବିରେ ଓପନହାର୍ଟ ସର୍ଜରୀ କରିଥିବା ୨୬ଜଣଙ୍କ ମୃତ୍ୟୁ**

# ସମୀକ୍ଷା କରି ସ୍ଥିତି ସୁଧାର: ହାଇକୋର୍ଟ

କଟକ, ୨୬।୯(ସମିସ): ଗତ ୮ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ-ହାର୍ଟ ସର୍ଜରୀ କ୍ଷେତ୍ରରେ ୨୬ଜଣଙ୍କ ମୃତ୍ୟୁ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଏହି ପ୍ରସଙ୍ଗରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ମୃତ୍ୟୁ ସମ୍ପର୍କିତ କାରଣ ଦର୍ଶାଯାଇ ନଥିବାରୁ ଏହାକୁ ସମୀକ୍ଷା କରିବା ସହ ସ୍ଥିତି ସୁଧାରିବା ଉପରେ ହାଇକୋର୍ଟ ଗୁରତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତି ୩ ଜଣରେ ଜଣେ ରୋଗୀଙ୍କ ମୃତ୍ୟୁ ନେଇ ଅଦାଲତ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ମେଡିକାଲରେ ଥିବା ମୃତ୍ୟୁ ସମୀକ୍ଷା ବୋର୍ଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲେ ହେଁ ମୃତ୍ୟୁର କାରଣ କିଛି ଉଲ୍ଲେଖ କରାଯାଇନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ତଥ୍ୟ ରଖିବାକୁ କହିଛନ୍ତି ଖଣ୍ଡପୀଠ।

୨୦୨୩ ମସିହାରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି, ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ରେ ମାତ୍ର ୮୫ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା। ତେବେ ଏସ୍‌ସିବିରୁ ଓପନହାର୍ଟ ସର୍ଜରୀ କରି ଡିସ୍‌ଚାର୍ଜ ହୋଇଯାଇଥିବା କେତେ ରୋଗୀଙ୍କ ମୃତ୍ୟୁ ହୋଇଛି, ସେ ସମ୍ପର୍କିତ ତଥ୍ୟ ଆଜି ଅଦାଲତରେ ଉପସ୍ଥାପନ କରାଯାଇଥିଲା।

# 'ସିଏଚ୍‌ଏସ୍‌ଇ ପରୀକ୍ଷା ପ୍ରସ୍ତୁତି ପୋର୍ଟାଲ' ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୯ (ସମିସ): +୨ ପିଲାଙ୍କୁ ପାଠ ପଢ଼ିବାରେ କୃତ୍ରିମ ବୁଦ୍ଧିମତା (ଏଆଇ) ସହଯୋଗ କରିବ। ନିଜର ପାଠପଢ଼ା ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ। ହୋମ୍‌ୱାର୍କ କରିବାରେ ମଧ୍ୟ ଏହା ସାହାଯ୍ୟ କରିବ। ବାର୍ଷିକ ପରୀକ୍ଷା ପାଇଁ ଏଆଇର ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉପଯୋଗ କରିବେ ଛାତ୍ରଛାତ୍ରୀ। ମକ୍-ଟେଷ୍ଟ ଦେଇ ପରୀକ୍ଷା ପ୍ରସ୍ତୁତି କରିବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ 'ସିଏଚ୍‌ଏସ୍‌ଇ ପରୀକ୍ଷା ପ୍ରସ୍ତୁତି ପୋର୍ଟାଲ'କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ଏହି ପୋର୍ଟାଲ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଏ.ଆଇ ଟୁଲ୍ ମାଧ୍ୟମରେ ଘରେ ବସି ଟେଷ୍ଟ ଦେବା ସହ ନିଜର ଦକ୍ଷତା ମାପି ପାରିବେ। ନିଜ ଇଚ୍ଛା ଅନୁସାରେ ମଡ୍ୟୁଲଗୁଡ଼ିକର ଅଭ୍ୟାସ କରି ଜେଇଇ, ନିଟ୍ ଓ କ୍ଲାଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରିପାରିବେ।

# ୨୭ରୁ ହାଇକୋର୍ଟର ଶାରଦୀୟ ପୂଜା ଅବକାଶ

କଟକ, ୨୬।୯(ସମିସ): ଆସନ୍ତା ୨୭ ତାରିଖଠାରୁ ଓଡ଼ିଶା ହାଇକୋର୍ଟର ଶାରଦୀୟ ଦୁର୍ଗାପୂଜା ଅବକାଶ ଆରମ୍ଭ ହେଉଛି। ଅକ୍ଟୋବର ୭ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଛୁଟି ରହିବ। ଜରୁରୀ ମାମଲା ଥିଲେ, ଏହା ଅବକାଶକାଳୀନ ଖଣ୍ଡପୀଠରେ ଶୁଣାଣି ହେବ। ଏହି ସମୟରେ ଆସନ୍ତା ସେପ୍ଟେମ୍ବର ୨୯ ତାରିଖ, ଅକ୍ଟୋବର ୧ ଓ ୬ ତାରିଖ ଦିନ ଅବକାଶକାଳୀନ ଖଣ୍ଡପୀଠ ଜରୁରୀ ମାମଲାର ଶୁଣାଣି କରିବେ। ସେପ୍ଟେମ୍ବର ୨୯ରେ ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ସହ ଏହି ଦୁଇ ବିଚାରପତିଙ୍କ ଜଣିକିଆ ପୀଠ ଓ ଜଷ୍ଟିସ ଚିତ୍ତରଂଜନ ଦାଶ ମାମଲାର ଶୁଣାଣି କରିବେ।

ସେହିଭଳି ଅକ୍ଟୋବର୧ରେ ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ସହ ଏମାନଙ୍କ ଜଣିକିଆ ପୀଠ, ଅକ୍ଟୋବର ୬ରେ ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କ ଦୁଇଜଣିଆ ଖଣ୍ଡପୀଠ ସହ ଜଣିକିଆ ପୀଠଙ୍କ ଅବକାଶକାଳୀନ ଅଦାଲତରେ ମାମଲା ଶୁଣାଣି କରାଯିବ। ଆସନ୍ତା ଅକ୍ଟୋବର ୮ରେ ହାଇକୋର୍ଟ ଖୋଲିବ କିନ୍ତୁ ପୂଜା ଅବକାଶ ସମୟରେ ସେପ୍ଟେମ୍ବର ୨୯, ଅକ୍ଟୋବର ୧, ୪, ୬ ଓ ୭ ତାରିଖରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ। କାର୍ଯ୍ୟଦିବସରେ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଜରୁରୀ ଆବେଦନ ଦାଖଲ କରାଯାଇପାରିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

**ଆରମ୍ଭ ହେଲା 'ଆମ ସାଥୀ'**

# ହ୍ୱାଟସ୍‌ଆପ୍‌ରେ ମିଳିବ ୧୨୦ ପ୍ରକାର ସେବା



ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ଆରମ୍ଭ ହୋଇଛି "ଆମ ସାଥୀ' ନାମକ ଏକୀକୃତ ହ୍ୱାଟ୍‌ସଆପ୍ ସେବା। ଏହି ହ୍ୱାଟ୍‌ସଆପ୍ ମାଧ୍ୟମରେ ରାଜ୍ୟବାସୀ ୧୨୦ ପ୍ରକାର ନାଗରିକ ସେବା ପାଇପାରିବେ। ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଶୁକ୍ରବାର ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କମ୍ପାନୀ 'ମେଟା' ସହିତ ସହଭାଗିତାରେ ଓଡ଼ିଶା ସରକାର ଏହି ବ୍ୟବସ୍ଥା ଆରମ୍ଭ କରିଥିବା ବେଳେ ଏଭଳି ସେବା ପ୍ରଦାନ କରିବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ ହୋଇଛି।

ଏହି ଅବସରରେ ରାଜ୍ୟ ସରରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଙ୍ଗ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ ସହିତ "ଜାତୀୟ ପରିବାର କଲ୍ୟାଣ ଯୋଜନା' ପରି ସୁବିଧା , ସବୁକିଛି ଏକୀକୃତ ହ୍ୱାଟ୍‌ସ୍‌ଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଏହା ସହିତ ଆଜି ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମର କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ୨.୦(ସିଏମଏସ)କୁ ମଧ୍ୟ ଆରମ୍ଭ କରାଯାଇଛି। "ଆମସାଥୀ' ସହାୟକ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍ ନମ୍ବର ୯୪୩୭୨୯୨୦୦୦ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ ହେବ। କଣ୍ଠସ୍ୱର (ଭଏସ୍) ମାଧ୍ୟମରେ ମଧ୍ୟ ଏଥିରେ ସେବା ପ୍ରଦାନ କରାଯାଇପାରିବ। ଏହା ମାଧ୍ୟମରେ ଲୋକମାନେ ସୁବିଧାରେ ଅଭିଯୋଗ ଦାଖଲ କରିବା ସହିତ ତାହାର ସ୍ଥିତି ଅନୁସରଣ କରିପାରିବେ। ଏହି ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଓଡ଼ିଶାର ନାଗରିକମାନେ ପୁଲିସ୍ ସହିତ ସଂଯୁକ୍ତ ସେବା, ଜମିର ରେକର୍ଡ ଏବଂ ରାଜସ୍ୱ ସମ୍ବନ୍ଧୀୟ ସୂଚନା ଯାଞ୍ଚ କରିବା ସହିତ ଆବଶ୍ୟକ ସହାୟତା ସୁବିଧାରେ ଉପଲବ୍ଧ କରିପାରିବେ। ପ୍ରୋତ୍ସାହନ ଯୋଜନାଗୁଡ଼ିକ ଯଥା ଜାତୀୟ ପରିବାର ଲାଭ ଯୋଜନା, ଆନ୍ତଃ-ଜାତି ବିବାହ ସହାୟତା ଇତ୍ୟାଦି ସହାୟତା ସହଜରେ ଉପଲବ୍ଧ ହେବ। ଆଗାମୀ କିଛି ମାସରେ ଏହି ସହାୟତା ୫୦୦ରୁ ଅଧିକ ସେବା ପ୍ରଦାନ ପାଇଁ ଯୋଡ଼ାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ କହିଛନ୍ତି ଯେ ଓଡ଼ିଶା ସରକାର ସାର୍ବଜନୀନ ସେବାକୁ ସହଜ, ସୁନିଶ୍ଚିତ ଭାବେ ପ୍ରଦାନ କରିବାକୁ ପ୍ରତିବଦ୍ଧ। ସୁବିଧାରେ ସେବା ପାଇପାରୁ ନ ଥିବା ପ୍ରତ୍ୟେକ ନାଗରିକକୁ ଏହି ବ୍ୟବସ୍ଥା ସହଜରେ ସେବା ପାଇବାର ଅନୁଭୂତି ଆଣି ଦେବ। ମେଟା ସହ ସହଭାଗିତାରେ "ଆମସାଥୀ'ର ଶୁଭାରମ୍ଭ, ଓଡ଼ିଶା ଶାସନର ପ୍ରକୃତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ 'ମେଟା'ର ଭାରତ ପରିଚାଳନା ନିର୍ଦ୍ଦେଶକ ତଥା ଦେଶ ମୁଖ୍ୟ ଅରୁଣ ଶ୍ରୀନିବାସ କହିଲେ ଯେ ମେଟା ସହ ଓଡ଼ିଶା ସରକାରଙ୍କ "ଆମ ସାଥୀ' ଶୁଭାରମ୍ଭରେ ସହଭାଗିତା ହେବା ପାଇଁ ଆମେ ଗର୍ବିତ। ଏହି ବ୍ୟବସ୍ଥା ହ୍ୱାଟ୍‌ସଆପ୍ ଶକ୍ତିକୁ ଉପଯୋଗ କରି ନାଗରିକମାନଙ୍କ ପାଇଁ ସାର୍ବଜନୀନ ସେବାଗୁଡ଼ିକୁ ସହଜ ଓ ସୁଲଭ କରିବ।




ଶ୍ରଦ୍ଧାଞ୍ଜଳି ଜାତୀୟ ଚୟନକର୍ତ୍ତା
▸ପୃଷ୍ଠା ୧୨

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-94 •SATURDAY •27 SEPTEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୪ •ଶନିବାର •୨୭ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




Under the Guidance of
Subrat Chhatoi
Founder (Vanik Group)

*Congratulations*

# OCS 2023
## SELECTIONS

VANIK-IAS


RANK 3
SOVAN PATTANAIK


RANK 8
MOHAMMAD NAZIF HATIF

2 IN TOP 10

TOTAL SELECTION TILL NOW 159 OUT OF 398

40% Selections

12 SWARUPINI PATNAIK · 14 SNEHA DAS MOHAPATRA · 15 ASHUTOSH SATPATHY · 16 DEEPSITA BEHERA · 18 ASEEMA ANWESHA · 25 AKASH NAYAK · 27 PRASANNAJIT PANDA · 30 GOUTAM PRADHAN · 31 MRUTYUNJAYA ROUL · 32 SOUMYA STHITA PRAGYAN · 33 MANISHA NAYAK · 34 SHASWATEE PATTANAIK · 35 SOURAV MITTAL

37 SAI RAMAN PATRA · 39 SONALI TRIPATHY · 40 BUBUN SAHOO · 41 JYOTIPRAKASH SAMAL · 42 PUSPITA TRIPATHY · 44 SRIKUMAR PRADHAN · 45 NIPUN KUMAR PUROHIT · 47 BHAGYASHREE SWAIN · 48 MOHIT MOHAPATRA · 49 JYOTIRMAYEE SWAIN · 51 MIHIKA DAS · 53 SIDHANT MISHRA · 55 AHALYA ROUTARAY · 61 SUBHASHREE JENA · 68 TARINI PRASAD DASH · 71 MOHIT BISWAL · 72 MONALISHA ROUT

74 LIPIKANT SAHOO · 82 DEBABRAT SAHU · 85 ROJALIN JENA · 86 ANSHUMAN SAHU · 87 T. NARASINGHA PATRO · 88 KHARAVEL PRADHAN · 90 PRIYANKA NAYAK · 93 MONALISA SAHU · 97 KUMAR SATYAJEET · 99 TARINI PRASAD GOCHHAYAT · 100 B. AVINASH · 104 AKSHYA KU. PATEL · 109 PRATYUSH KU. MOHAPATRA · 113 RAJESH KU. MOHAPATRA · 116 ASHIS KU. SAHU · 118 BAISAKHI DASH · 121 ANWESH MISHRA

122 MANAS PARIDA · 124 ARCHANA SARANGI · 125 SWASTIRANJAN SAHOO · 131 PRAGATI SATPATHY · 139 SATYAJIT RAIGURU · 141 BISWAJIT BEHERA · 146 SUDHIRANJAN D. DASH · 147 PUSPANJALI SAHOO · 151 SHASHANKA S. SAMAL · 152 SAHIL KUMAR PATRA · 153 ABHIJIT J. PRADHAN · 154 SOUMYA R. SAHOO · 155 AKASH U. ACHARYA · 156 SAMYAK S. MOHAPATRA · 157 POOJA SAMAL · 158 NIRAKAR SAHU · 161 CHINMAY K. PANDA

166 SAAJAN KU. SAHA · 167 BISWAJIT RANA · 170 MITALI PATTANAIK · 173 ASHUTOSH SAHU · 174 ARICHISA NAYAK · 175 SONALI SAHOO · 180 BYOMAKESH SATAPATHY · 181 JAGABANDHU MEHER · 192 SARMISTHA PRIYADARSHINI · 195 KALU RAUTA · 197 ABHIGNA KHUNTIA · 202 AISHWARYA PANDA · 204 ASHUTOSH SAHOO · 207 MURALIDHAR PAKAL · 209 RAJENDRA KU. OJHA · 212 NIKHIL AGRAWAL · 220 SARTHAK KU. MAHAPATRA

222 RAKHI BISWAL · 230 SONALI Y. DALAI · 233 RUPAK KUMAR SAHU · 235 SASWAT SOUMYAKANT · 242 BHABANI S. BEJ · 243 JAGANNATH SHA · 244 SATAROOPA SAHU · 245 SHUBHADARSHAN BISWAL · 248 ROJALIN MAJHI · 252 JATIN KUMAR BADI · 254 HEMRAJ KUMBHAR · 259 SOUMYA R. SETHI · 261 KALYANI GARDIA · 266 CHANDAN DAS · 268 YAGNASENI SETHI · 275 ALIBHA BEHERA · 282 BISHAL MAHANANDA

288 SUSHRI SANGITA · 298 PRITAM S. P. BEHERA · 299 SIPSARANI BEHERA · 303 ABINASH TRIPATHY · 306 BISWAJIT SINGH · 309 SOURABH BAG · 326 VISHAL DEV JANI · 329 MANASH KUMAR SOREN · 335 SMRUTI SIKHA BHOI · 342 SELINA P. NAIK · 346 BISHAL RANJAN BHOI · 352 PARBATI MARNDI · 370 RASHMI RANJAN PUJARI · 373 MANAS BHOI · 374 SATYANARAYAN BHOI · 382 NIKITA PATRO · 391 JITESH PANDA

## Admission Open for

# IAS/OAS
(GENERAL STUDIES) Time : 10.30am-1.30pm
Starts from 16th October 2025
EXPERT FACULTIES FROM NEW DELHI

## EXCLUSIVE OAS-2025
(Prelims & Mains)
New Batch Starts from 29th Sept' 2025
BERHAMPUR-Time : 7.00am-10.00am
CUTTACK-Time : 9.30am-1.45pm
BALASORE-Time : 9.30am-1.45pm
JEYPORE-Time : 5.00pm-8.00pm

ONLINE LIVE BATCH
Starts from 16th October 2025 | Time : 5.30pm-8.30pm

## OPTIONAL SUBJECTS
- Geography-Starts from 23rd October 2025
- Public Administration-Starts from 29th September 2025
- Political Science-Starts from 23rd October 2025
- Sociology-Starts from 23rd October 2025
- Home Science-Starts from 23rd October 2025
- Odia-Starts from 27th September 2025

MENTORS OF VANIK-IAS
- Sunil Gupta – Gov. & Social Issues, Public Administration
- Mansiz Sharma – General Science & Technology
- Naman Jain – Indian Economics
- Jai Prakash Rou – Internal Security
- Pramod Padhi – Odisha Economy, Current Af fairs
- Abhaya Thakur – World & Indian History, International Relations
- Vinay Tripathi – Environment & Ecology
- B.M. Panda – Geography & Disaster Management
- Saroj Samal – Sociology, Social Issue, Ethics
- Shantanu Roy – History, Polity

DURGA PUJA OFFER
20% Discount
on all Courses of VANIK-IAS
Offer Valid till 02nd Oct' 2025

Contact : 8093083555, 8984111101

www.vanikias.com · vaniksias@gmail.com · www.facebook.com/vanikias

| Bhubaneswar (CRP) | Cuttack | Berhampur | Balasore | Jeypore |
|---|---|---|---|---|
| Plot-1441, Opp. IOCL Petrol Pump, CRP Square, Bhubaneswar | Near Yamaha Showroom, Link Road, Cuttack | OSRTC Depo, Infornt of SBR Women's College, Near Khalikot College | Gadagadia Chowk Near Sanjay Heights-756001 | JCN Heights, Above Patra Electronics, Labour Office Chhak, Dhepaguda |
| 8093083555, 8984111101 | 8984556677, 9040656677 | 7992556677, 8018036677 | 8093136677, 8093146677 | 7205556677 |

# ୭ ଦିନ କାଠିଦିଅଁ ରୂପେ ପୂଜା ପାଆନ୍ତି ମା' କୁଞ୍ଜେଶ୍ୱରୀ



କଣାସ,୨୬।୯ (ସମିସ): କଣାସଠାରେ ପ୍ରତିଷ୍ଠିତ ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ଷୋଡ଼ଶ ପୂଜା ଅନୁଷ୍ଠିତ ହେଉଛି। ସେଥିମଧ୍ୟରୁ ୭ ଦିନ ଧରି ମା' କାଠିଦିଅଁ ରୂପେ ପୂଜା ପାଆନ୍ତି। ଆଶ୍ୱିନ ମାସ କୃଷ୍ଣ ପକ୍ଷ ମୂଳାଷ୍ଟମୀ ଦିନ ମା'ଙ୍କର ଶହ ଶହ କୁମ୍ଭବରଣ କରାଯିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ। ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ମନ୍ଦିରର ବ୍ରାହ୍ମଣ ଓ ପୂଜକମାନେ ଆଜ୍ଞାମାଳ ଧରି ଚିରାଚରିତ ପ୍ରଥା ଅନୁଯାୟୀ ବାଲିପାଟଣା ଗ୍ରାମକୁ ଯାଇ ରାଉଳ ସୁବୁଦ୍ଧି ପରିବାରଙ୍କ ନିକଟରୁ ଏକ ବାଉଁଶ ସଂଗ୍ରହ କରିବା ପରେ ଜଳଧୋଇ ଚନ୍ଦନ, ଫୁଲ, ଧୂପ, ଦୀପ ଦେବା ପରେ ମା'ଙ୍କଠାରୁ ନେଇଥିବା ଆଜ୍ଞାମାଳ ବାନ୍ଧି ଘଣ୍ଟ, ପେଁକାଳୀ ବାଦ୍ୟ ଧ୍ୱନିରେ କାଠିକୁ ମନ୍ଦିରକୁ ଆଣିଥା'ନ୍ତି। ମନ୍ଦିରରେ ଶୁକ୍ଳପକ୍ଷ ଦ୍ୱିତୀୟା, ତୃତୀୟା, ଚତୁର୍ଥୀ ୩ ଦିନ ଧରି କାଠିରେ ୧୫୦ରୁ ଊର୍ଦ୍ଧ୍ୱ ନୂତନ ଶାଢ଼ି ପରିଧାନ କରିବା ପରେ ମନ୍ଦିର ବେଢ଼ା ପରିକ୍ରମା କରନ୍ତି। ପଞ୍ଚମ ଦିନ କାଠିଦିଅଁ ମନ୍ଦିରରୁ ବାହାରି ପୋତାଘର, ନୂଆଦୋକନ୍ଦା ଗ୍ରାମକୁ ଯାଇ ଦୁଆରି ଭୋଗ ଖାଇଥା'ନ୍ତି। ଷଷ୍ଠୀ ଦିନ କଖାରୁବସ୍ତ, ବୈଦ୍ୟନାଥପାଟଣା, ବଡାସ, ତରପଡ଼ା, ଦୋକନ୍ଦା, ବାଲିପାଟଣା, କଦଳୀଦଣ୍ଡା, ଗୋଲାବଜାର ବୁଲି ଭୋଗ ଖାଇବା ପରେ ମନ୍ଦିରକୁ ଫେରନ୍ତି। ସପ୍ତମୀ ଦିନ ସିରେଇ, ରାହାନ୍ଦିଆ, ଚାନ୍ଦପଡ଼ା, ସହନା, କଣାସ ବ୍ଲକ୍ ବଜାର ପରିକ୍ରମା କରି ଭୋଗ ଖାଇଥା'ନ୍ତି। ଆଷ୍ଟମୀ ଦିନ ଡିମିରି ଗ୍ରାମକୁ ଯାଇ ସେଠାରେ ଥିବା ତାଙ୍କ ଭଉଣୀ ମା' ହରଚଣ୍ଡୀଙ୍କ ସହିତ ଭେଟ ହେବା ପରେ ଡିମିରି, ବିଶ୍ୱଲିପଡ଼ା, ଗାଣ୍ଡପଡ଼ା, ଜଳିଆପଡ଼ା, କଣାସ ଗ୍ରାମରେ ଭୋଗ ଖାଇବା ପରେ ମନ୍ଦିରକୁ ଫେରନ୍ତି। ମନ୍ଦିରକୁ ଫେରିବା ପରେ ମହାଷ୍ଟମୀ ପୂଜା ଆରମ୍ଭ ହୋଇଥାଏ। ମା'ଙ୍କ ସେବାପାଇଁ ବୈଦ୍ୟନାଥପାଟଣାରୁ ଦୁଇ ଘର ବ୍ରାହ୍ମଣ, ସିରେଇ ଗ୍ରାମରୁ ଦୁଇ ଘର ବ୍ରାହ୍ମଣ, କଣାସ ଗ୍ରାମରୁ ୬ଟି ପରିବାର ମହାପାତ୍ର ଓ ଡିମିରି ଗ୍ରାମରୁ ଗୋଟିଏ ପରିବାର ମହାପାତ୍ର ଠାକୁରାଣୀଙ୍କ ସେବା କାର୍ଯ୍ୟ ପାଇଁ ନିୟୋଜିତ ଅଛନ୍ତି। ମା' କାଠିଦିଅଁ ରୂପେ ଗାଁରେ ବୁଲି ଭୋଗ ଖାଉଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ଥାନା ଅଧିକାରୀ ଓ ତହସିଲ୍‌ଦାର ଉପସ୍ଥିତ ରୁହନ୍ତି।

# ତୀରକମାଣ ଓ ରଘୁନାଥ ବେଶରେ ମା' ମଙ୍ଗଳା



କାକଟପୁର,୨୬।୯ (ସମିସ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ଆଶ୍ୱିନ ମୂଳାଷ୍ଟମୀ ତିଥିରୁ ପାରମ୍ପରିକ ପ୍ରଥାନୁସାରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା। ମଙ୍ଗଳା ଓ ଦୁର୍ଗା ଏକ ଓ ଅଭିନ୍ନ ବୋଲି ବିଭିନ୍ନ ପୁରାଣରେ ବର୍ଣ୍ଣିତ କରାଯାଇଥିବାରୁ ମା' ମଙ୍ଗଳାଙ୍କ ମନ୍ଦିରରେ ଷୋଳ ପୂଜା ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଇଥାଏ। ଷୋଳପୂଜା ଅବସରରେ ଶୁକ୍ରବାର ପଞ୍ଚମୀ ତିଥିଠାରୁ ମା'ଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଦେବତାମାନେ ମା' ଦୁର୍ଗାଙ୍କୁ ଅସ୍ତ୍ର ଭାବେ ତୀରକମାଣ ଅର୍ପଣ କରିଥିବାବେଳେ ଆଜିର ଦିନରେ ମା'ଙ୍କୁ ତୀରକମାଣ ବା ରଘୁନାଥ ବେଶରେ ଭୂଷିତ କରାଯାଇଥାଏ। ସକାଳର ପାରମ୍ପରିକ ରୀତିନୀତି ସରିବା ପରେ ମା'ଙ୍କ ପହୁଡ଼ ପକାଯାଇ ତୀରକମାଣ ବେଶରେ ସଜ୍ଜିତ କରାଯାଇଥିଲା। ଶୁକ୍ରବାରଠାରୁ ମା'ଙ୍କ ଭୁଜଲାଗି କରାଯିବା ପରେ ଗୋଟିଏ ହସ୍ତରେ ଧନୁ ଏବଂ ଅନ୍ୟ ହସ୍ତରେ ତୀର ଅର୍ପଣ କରାଯାଇଥିଲା। ମା'ଙ୍କର ଚଳନ୍ତି ପ୍ରତିମା ରତ୍ନଗିରି ବିଜେ କରିବା ପରେ ବେଶପଣାଭୋଗ କରାଯାଇ ସର୍ବସାଧାରଣ ନିମନ୍ତେ ପହୁଡ଼ ଖୋଲାଯାଇଥିଲା। ଶାରଦୀୟ ପାର୍ବଣ ପୂଜା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିରହିଛି। ଏହି ବେଶରେ ସମସ୍ତ ପୂଜାପଣ୍ଡା ଉପସ୍ଥିତ ଥିବାବେଳେ ପୂଜାପଣ୍ଡା ସେବକ ଭାବେ ସର୍ବେଶ୍ୱର ପାଢ଼ୀ ଏବଂ ଷୋଡ଼ଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଶନିବାର ଷଷ୍ଠୀ ସନ୍ଧ୍ୟାରେ ମା'ଙ୍କର କାତି, ଖର୍ପର ବେଶ ଅନୁଷ୍ଠିତ ହେବ ବୋଲି ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

ଗୋପ,୨୬।୯ (ସମିସ): ଶୁକ୍ରବାର ଗୋପ ବ୍ଲକ୍ ଅଧୀନସ୍ଥ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତର ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେଉଥିବା ୬୯ତମ ପୁରୀ ଜିଲ୍ଲାସ୍ତରୀୟ ବିଦ୍ୟାଳୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଝୁନୁ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ପ୍ରଭାତ ବେହେରା, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ପୁରୀ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ଓଷ୍ଟା ପୁରୀ ଜିଲ୍ଲା ସମ୍ପାଦକ ବିଭୁଦତ୍ତ ନାୟକ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶରୀର ଓ ମନ ସୁସ୍ଥ ରୁହେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ କଣାସ ବ୍ଲକ୍ ଚାମ୍ପିଅନ୍ ହୋଇଥିବାବେଳେ ସତ୍ୟବାଦୀ ବ୍ଲକ୍ ରନର୍ସ ଅପ୍ ହୋଇଥିଲା। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଗୋପ ବ୍ଲକ୍ ଚାମ୍ପିଅନ୍ ହୋଇଥିବାବେଳେ କଣାସ ବ୍ଲକ୍ ରନର୍ସ ଅପ୍ ହୋଇଥିଲା ଓ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଗୋପ ବ୍ଲକ୍ ଚାମ୍ପିଅନ ହୋଇଥିଲା। ସେହିପରି ନିମାପଡ଼ା ବ୍ଲକ୍ ରନର୍ସ ଅପ୍ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ନୋଡାଲ ଅଧିକାରୀ ରାମକୃଷ୍ଣ ମହାନ୍ତି ପରିଚାଳନା କରିଥିଲେ।

# ବଢ଼ିଚାଲିଛି ଅସାମାଜିକ କାର୍ଯ୍ୟକଳାପ; ପୁଲିସ ଚୁପ୍

ବ୍ରହ୍ମଗିରି,୨୬।୯ (ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଧୀନରେ ପ୍ରାୟ ୧୮ଟି ପଞ୍ଚାୟତ ଓ ସାମୁଦ୍ରିକ ଥାନା ସହିତ ଏକ ଫାଣ୍ଡି ମଧ୍ୟ ରହିଛି। ମୁଖ୍ୟ ବ୍ରହ୍ମଗିରି ବଜାର ସମେତ ଫିଲ୍ମ ହଲ୍ ଛକ, ବେଣ୍ଟପୁର ଛକ, କଲେଜ ଛକ, କାଠୁଆରେଡି ଛକ, ବିଜୁପୁର ଛକ, ରାଏବିଧାର ଛକ, ଖଜୁରିଆ ଛକ, ସୁନାମୁହିଁ ଛକ ପ୍ରମୁଖ ବଜାର ଛକ ରହିଥିବାବେଳେ ପ୍ରତ୍ୟେକ ଜାଗାରେ ବଢୁଛି ଅସାମାଜିକ କାର୍ଯ୍ୟକଳାପ। ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ ବଢୁଛି ନିଶାଡ଼ିମାନଙ୍କ ଦୌରାତ୍ମ୍ୟ। ବିଭିନ୍ନ ଛକରେ ଜମୁଛି ଖଟି ଆଉ ନିଶାଡ଼ିଙ୍କ ଆଡ୍ଡା। କିନ୍ତୁ ପୁଲିସ ପକ୍ଷରୁ ସେଭଳି କିଛି ପଦକ୍ଷେପ ଅଭାବରୁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଚୋରା ମାଦକଦ୍ରବ୍ୟ ଭାଙ୍ଗ, ଗଞ୍ଜେଇ, ବ୍ରାଉନ୍‌ସୁଗର କାରବାର ବଢ଼ି ଚାଲିଛି। ବ୍ରହ୍ମଗିରି ଥାନା ଅଞ୍ଚଳରେ ଜନସାଧାରଣ ନିଜକୁ ଆଉ ସୁରକ୍ଷିତ ମଣୁନାହାନ୍ତି। ସନ୍ଧ୍ୟା ହେଲେ ବିଶେଷ କରି ଫିଲ୍ମ ହଲ୍ ଛକରେ ବ୍ରାଉନ୍‌ସୁଗର କାରବାର ହେଉଥିବା କିଛି ଲୋକ କହିଛନ୍ତି। ଫାଷ୍ଟଫୁଡ୍ ହେଉ ଅବା ହୋଟେଲ ବିଭିନ୍ନ ଦୋକାନରେ ଏକରକମର ମଦ୍ୟପଙ୍କ ବାର୍ ପାଲଟୁଛି। ଏହା ସହ ରାତିଅଧ ପର୍ଯ୍ୟନ୍ତ ନିଶାଡ଼ିଙ୍କ ଭିଡ଼ ରହୁଥିଲେ ମଧ୍ୟ ପୁଲିସର ନା ଅଛି ପାଟ୍ରୋଲିଂ ନା ହେଉଛି ବିଭିନ୍ନ ଫାଷ୍ଟଫୁଡ୍ ଦୋକାନରେ ଯାଞ୍ଚ। ଯାହା ଫଳରେ କି ବ୍ରହ୍ମଗିରି ମୁଖ୍ୟ ବଜାର ହେଉ କିମ୍ବା ବିଭିନ୍ନ ପଞ୍ଚାୟତର ଛକଗୁଡ଼ିକରେ ଥିବା ଦୋକାନ ମଦ୍ୟପ ଓ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଏହାସହ ଦୈନିକ ଖୁଲମଖୁଲା ଦିନରାତି ବେଆଇନ ଭାରୀଯାନରେ ବାଲି ଚାଲାଣ ସହିତ ମାଙ୍କଡ଼ା ପଥର କାରବାର ବଢ଼ି ଚାଲିଛି। କେତେକ ବ୍ୟବସାୟୀ ବଜାର ମୁଖ୍ୟ ରାସ୍ତା ମାଡ଼ିବସିବା ସହିତ ବଜାରର ଅନେକ ଦୋକାନୀ ରାସ୍ତାକୁ ଜବରଦଖଲ କରି ନିଜର ଗୋଡ଼ି, ବାଲି ରଖିବା ସହ ରାସ୍ତା ଅବରୋଧ କରିବା ଫଳରେ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ତା' ସହିତ ବିଭିନ୍ନ ଗାଁରେ ବେଆଇନ ମାଦକଦ୍ରବ୍ୟ କାରବାର ଖୁଲମ୍‌ଖୁଲା ଚାଲିଛି। ଧଳାଜହର କାରବାର ପ୍ରତ୍ୟେକ ଗାଁ ଗଣ୍ଡାକୁ ବ୍ୟାପିଲାଣି। ଶିକ୍ଷିତ ବେକାର ଯୁବକ ଏହାକୁ ସେବନ କରି ଚୋରି, ଲୁଟ୍ ଭଳି ଘଟଣା ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଛକବଜାର, ଗାଁମୁଣ୍ଡ, ରାସ୍ତା ଉପରେ ବୁଲୁଥିବା ସହିତ ସାଙ୍ଗ ହୋଇ ମଦ୍ୟପାନ କରି ହୋ-ହଲ୍ଲା କରୁଛନ୍ତି। ଯାହା ଫଳରେ ସନ୍ଧ୍ୟା ହେଲେ ସାଧାରଣ ଲୋକ ଘରୁ ବାହାରିବାକୁ ଭୟ କରୁଛନ୍ତି। ବ୍ରହ୍ମଗିରି ଥାନା ପୁଲିସ ପକ୍ଷରୁ କେବଳ ସନ୍ଧ୍ୟା ସମୟରେ ନାମକୁମାତ୍ର ବଜାର ପାଟ୍ରୋଲିଂ କରାଯାଉଥିବା ବେଳେ ଗ୍ରାମାଞ୍ଚଳ ତଥା ଆଖପାଖ ଛକରେ ଆବଶ୍ୟକ ମୁତାବକ ପାଟ୍ରୋଲିଂ କରାଯାଉ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ନିଶା ଖାଇ ମା' ବାଲିହାରଚଣ୍ଡୀ ପୀଠରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଓ ବିଜୁପୁର ଗ୍ରାମରେ ଜଣେ ଯୁବକଙ୍କୁ ହାଣିବା ଏହାର ଜ୍ୱଳନ୍ତ ଉଦାହରଣ। ଆଗକୁ ଆସୁଛି ପାର୍ବଣ ଋତୁ। ସେଥିପାଇଁ ଅସାମାଜିକ ଯୁବକଙ୍କୁ ସାବାଡ଼ କରିବା ପାଇଁ ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତରଫରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ଦିଗରେ ପଦକ୍ଷେପ ନେବାକୁ ବ୍ରହ୍ମଗିରି ଅଞ୍ଚଳବାସୀ ଦାବି କରିଛନ୍ତି।



କଣାସ ବ୍ଲକ୍ ଜଳିଆପଡ଼ା ମାତୃଶକ୍ତି ପୀଠରେ ମା' ମଙ୍ଗଳାଙ୍କ ସ୍କନ୍ଦମାତା ବେଶ

## ■ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶିତ

# ୫୯ ର୍‍ୟାଙ୍କରେ ଶକ୍ତିସୁଧା, ୬୬ରେ ଲୋପାମୁଦ୍ରା





କଣାସ/ପିପିଲି,୨୬।୯ (ସମିସ): ଶୁକ୍ରବାର ୨୦୨୪ ମସିହାର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶ ପାଇଛି। କଣାସ ବ୍ଲକ୍ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର କୂଳମଣି ଦାଶଙ୍କ ଜ୍ୟେଷ୍ଠ କନ୍ୟା ଶକ୍ତିସୁଧା ଦାଶ ଓଏଏସ୍ ପରୀକ୍ଷାରେ ୫୯ତମ ସ୍ଥାନ ହାସଲ କରି କଣାସ ଅଞ୍ଚଳର ଗୌରବ ଆଣିଛନ୍ତି। ସେ ସାଧାରଣ ପରିବାରୁ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହୋଇ ଏହି କୃତିତ୍ୱ ହାସଲ କରିଛନ୍ତି। ତାଙ୍କ ବାପା କୂଳମଣି ଦାଶ ଜଣେ ଶ୍ରମିକ ହୋଇଥିବାବେଳେ ମାଆ ନମିତା ଦାଶ ଜଣେ ଗୃହିଣୀ ଅଟନ୍ତି। ସେହିପରି ପିପିଲି ବ୍ଲକ୍ ଓରକଳ ପଞ୍ଚାୟତ ଉଜାଣିପଡ଼ା ଗ୍ରାମର ଲୋପାମୁଦ୍ରା ପ୍ରଧାନ ୬୬ତମ ର୍‍ୟାଙ୍କରେ କୃତକାର୍ଯ୍ୟ ହୋଇ ନିଜ ଗାଁ ସମେତ ପିପିଲି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଲୋପାମୁଦ୍ରା କହିଛନ୍ତି ଯେ ପିଲାଦିନୁ ପ୍ରଶାସନିକ ସେବା କ୍ଷେତ୍ରରେ ଯୋଗଦେବା ପାଇଁ ଇଚ୍ଛା ଥିଲା। ତାହା ଆଜି ସଫଳ ହୋଇଛି। ଏହି ସଫଳତାର ଶ୍ରେୟ ସେ ତାଙ୍କ ବାପା ଯୋଗେନ୍ଦ୍ର ପ୍ରଧାନ, ମାଆ ରଞ୍ଜୁଲତା ପ୍ରଧାନ ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଦେଇଛନ୍ତି।

# ପୂର୍ବତନ ରେକର୍ଡ କିପରଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ପିପିଲି,୨୬।୯ (ସମିସ): ପିପିଲି ତହସିଲ୍ ଅଫିସର ପୂର୍ବତନ କନିଷ୍ଠ କିରାଣି ଏବଂ ରେକର୍ଡ କିପର ପ୍ରତାପ ଚନ୍ଦ୍ର ମିଶ୍ରଙ୍କୁ ଶୁକ୍ରବାର ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ତାଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ସହିତ ଜରିମାନା ଲଗାଇଛନ୍ତି। ପ୍ରକାଶ ଥାଉକି ଶ୍ରୀ ମିଶ୍ର ଜଣେ ବ୍ୟକ୍ତିଙ୍କ ମ୍ୟୁଟେସନ ପଟ୍ଟା କରାଇଦେବା ପାଇଁ ଲାଞ୍ଚ ନେଉଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

# ଲକ୍ଷାଧିକ ଟଙ୍କାର ବାଣ ଓ ସାମଗ୍ରୀ ଜବତ, ଜଣେ ଗିରଫ



ପିପିଲି,୨୬।୯ (ସମିସ): ପିପିଲି ପୁଲିସ ଲକ୍ଷାଧିକ ଟଙ୍କାର ବାଣ ତିଆରି ସାମଗ୍ରୀ ସହିତ ବାଣ ଜବତ କରିଛି। ଏଥିରେ ସମ୍ପୃକ୍ତ ଜୟପୁର ଶାସନ ଗ୍ରାମର ରବି ସାହୁ (୬୫)ଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ମୁତାବକ, ପିପିଲି ଥାନା ଏସ୍‌ଆଇ ସୁରମା ସ୍ୱାଇଁ ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ଜୟପୁର ଶାସନ ଗ୍ରାମରେ ବେଆଇନ ବାଣ ତିଆରି ହେବା ସହ ବିକ୍ରି କରାଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଶ୍ରୀମତୀ ସ୍ୱାଇଁ ସଦଳବଳେ ପୁଲିସ ସହ ଘଟଣାସ୍ଥଳରେ ପହଞ୍ଚି ବେଆଇନ ବାଣ ଗଚ୍ଛିତ ଥିବା ସ୍ଥାନ ଉପରେ ଚଢ଼ଉ କରିଥିଲେ। ସେଠାରୁ ବିପୁଳ ପରିମାଣର ବାଣ ସହ ବାଣ ତିଆରି ସାମଗ୍ରୀ ଜବତ କରିଥିଲେ। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଜବତ ସାମଗ୍ରୀ ଭିତରେ ସର୍ଟ ବକ୍ସ ୧୨ ପ୍ୟାକେଟ୍, ଗନ୍ ପାଉଡର ୮୮କେଜି, ଚାର୍‌କର୍ଲ ପାଉଡର ୩୦କେଜି, ବ୍ଲାକ୍ ଗନ୍ ପାଉଡର, ତାଳପତ୍ର, କାଠକାଠି, କାଗଜନଳୀ, ପେପରଷ୍ଟିକ୍, ପେପରଷ୍ଟାଣ୍ଡ, ବମ୍ ବାଣ, ମାଟିଘଡ଼ି, ଓଜନ ମାପ ମେସିନ, ସୁତୁଲି ପ୍ରଭୃତି ସାମଗ୍ରୀକୁ ପୁଲିସ ଜବତ କରିଛି। ଏନେଇ ପିପିଲି ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଗୋପୀନାଥପୁର ସରପଞ୍ଚ ସୁକାନ୍ତିଙ୍କ ପରଲୋକ



କଣାସ,୨୬।୯ (ସମିସ): କଣାସ ବ୍ଲକ୍ ଗୋପୀନାଥପୁର ପଞ୍ଚାୟତର ଜାଗୁଲାଇପଦର ଗ୍ରାମର ସୁକାନ୍ତି ବେହେରା (୬୪)ଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଖବର ନେବାରେ ଜଣାପଡ଼ିଛି ଯେ, ଶୁକ୍ରବାର ଭୋର୍‌ରୁ ତାଙ୍କ ଛାତି ଯନ୍ତ୍ରଣା ହେବାରୁ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁରେ ପହଞ୍ଚିବା ପରେ ତାଙ୍କ ମରଶରୀରକୁ ଶେଷ ଦର୍ଶନ ପାଇଁ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର, କଣାସ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଗଡ଼ିଶାଗୋଦା ସରପଞ୍ଚ ମଧୁସୂଦନ ଜେନା, ଦୋଛିଆଁ ସରପଞ୍ଚ ବନମାଳୀ ରାଉତ, ସୁକାନ୍ତ ବଳିୟାରସିଂହ, ଅଜୟ ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ ଶିଶିର ହରିଚନ୍ଦନ, ଶୁଶାନ୍ତ ମହାରଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସାନ ପୁଅ ଅରୁଣ ବେହେରା ମୁଖାଗ୍ନି ଦେବା ସହିତ ଅନ୍ୟ ଦୁଇ ପୁଅ ପ୍ରଶାନ୍ତ ଓ ଅଶୋକ ଉପସ୍ଥିତ ଥିଲେ। ସୂଚନା ଥାଉକି, ସେ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋପୀନାଥପୁର ପଞ୍ଚାୟତରୁ ସରପଞ୍ଚ ଭାବେ ବିଜୟଲାଭ କରିଥିଲେ। ଗତ ଏପ୍ରିଲ ମାସରେ ତାଙ୍କ ବିରୋଧରେ ଅନାସ୍ଥା ଆଗତ ହୋଇ ଭୋଟ୍ ଗ୍ରହଣ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିଲା। ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ପରେ ଚଳିତ ମାସ ୧୯ ତାରିଖରେ ନାଏବ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

ଚାରିଛକ,୨୬।୯ (ସମିସ): ଚାରିଛକ ଥାନା ବାହାରଣା ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ମାଆ ପଞ୍ଚେଇ ସ୍ୱାଇଁ(୮୫)ଙ୍କର ଶୁକ୍ରବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ଶେଷଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ, ପରିବାର ବର୍ଗ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଗ୍ରାମ ତେନ୍ତୁଳିଗାଁ (କଦଳିବାରି) ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଭୀର ଶୋକ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡ଼ପୁଅ ଲକ୍ଷ୍ମୀଧର ମୁଖାଗ୍ନି ଦେଇଥିଲେ।

# ଅସ୍ତରଙ୍ଗ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ,୨୬।୯ (ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ସାରା ରାଜ୍ୟ ଚଳଚଞ୍ଚଳ। ପ୍ରତ୍ୟେକ ଅନୁଷ୍ଠାନ ଏବେ ନିଜ ନିଜର ପୂଜା ମଣ୍ଡପ ଆଉ ଆକର୍ଷଣୀୟ ତୋରଣ ସାଙ୍ଗକୁ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ର ଦୁର୍ଗା କ୍ଲବ୍ ଆନୁକୂଲ୍ୟରେ ଚଳିତ ବର୍ଷ ଦୁର୍ଗାପୂଜା ୫୭ ବର୍ଷରେ ପଦାର୍ପଣ କରିଛି। ଯାହାକୁ ନେଇ ଶୁକ୍ରବାର ଅସ୍ତରଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କ୍ଲବ୍ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ରବୀନ୍ଦ୍ର ପରିଡ଼ା, ଅସ୍ତରଙ୍ଗ ଅତିରିକ୍ତ ତହସିଲ୍‌ଦାର ପ୍ରଭୁ ପ୍ରସାଦ ପଣ୍ଡା, ବିଡିଓ ସସ୍ମିତା ବେହେରା, ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶଶୀଶେଖର ସେନାପତି, ଉକୁଳେଇ ବିଦ୍ୟୁତ୍ କାର୍ଯ୍ୟାଳୟ ଅଧିକାରୀ ସନ୍ତୋଷ କୁମାର ବେହୁରା, ଅଗ୍ନିଶମ ଅଧିକାରୀ ପ୍ରହଲ୍ଲାଦ ରାୟ, ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ସଦସ୍ୟ, ଦୁର୍ଗା କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ପଶ୍ଚିମବଙ୍ଗ ମାୟାପୁରୀ ଇସ୍କନ ମନ୍ଦିରର ତୋରଣ ଭକ୍ତମାନଙ୍କ ପାଇଁ ନୂତନ ଆକର୍ଷଣ ହେବ, ଯାହାକୁ ନେଇ ବର୍ତ୍ତମାନ ତୋରଣ କାର୍ଯ୍ୟ ଚାଲୁଛି। ଆକର୍ଷଣୀୟ ଲାଇଟମାଳା ସହିତ ମିନା ବଜାର ଓ ଯାତ୍ରା ପାର୍ଟିର ଆୟୋଜନ ମଧ୍ୟ କରାଯାଇଛି। ଆସନ୍ତା ୨୮ରୁ ପୂଜା ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖରେ ଉଦ୍‌ଯାପିତ ହେବ। ୩ରୁ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଅନନ୍ୟ ଯାତ୍ରା ପାର୍ଟିର ମଜା ଦର୍ଶକ ନେବେ। ଟ୍ରାଫିକ୍ ଶୃଙ୍ଖଳା, ଅଗ୍ନି ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା, ପ୍ରତ୍ୟେକ ବ୍ୟବସ୍ଥାକୁ ନଜର ରଖାଯିବ। ଆସୁଥିବା ମହିଳା ଭକ୍ତ କିପରି ଶୃଙ୍ଖଳାର ସହ ଦର୍ଶନ କରିବେ, ଅସାମାଜିକ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି।

# ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନା ଅନନ୍ୟ

ପୁରୀ,୨୬।୯ (ସମିସ): କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନର "ଶାକ୍ତ ପରମ୍ପରା ଓ ଶ୍ରୀକ୍ଷେତ୍ର' ଶୀର୍ଷକ ମାସିକ ଆଲୋଚନାଚକ୍ର ଜଗନ୍ନାଥ ବଲ୍ଲଭ ମଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡ. ବଳରାମ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ କହିଲେ, ଶାକ୍ତ ପରମ୍ପରା ଅତି ପ୍ରାଚୀନ। ଭାରତର ବିଭିନ୍ନ ରାଜ୍ୟ ତଥା ଓଡ଼ିଶାରେ ଅନେକ ଶାକ୍ତପୀଠ ଯଥା- ବିରଜା, କଟକ ଚଣ୍ଡୀ, ସମଲେଶ୍ୱରୀ, ମାଣିକେଶ୍ୱରୀ, ବିମଳା ପୀଠ ଆଦି ଅତି ପ୍ରାଚୀନ। ଶ୍ରୀକ୍ଷେତ୍ରରେ ଦୁର୍ଗା ମାଧବ ଉପାସନା ଅନନ୍ୟ। ଏଠି ଦୁର୍ଗା ଲକ୍ଷ୍ମୀଙ୍କର ସ୍ୱରୂପ। ସମ୍ପାଦକ ଦୟାନିଧି ଦୟାନିଧି ପଣ୍ଡା ଶ୍ରୀକ୍ଷେତ୍ରର ବିଭିନ୍ନ ଶାକ୍ତପୀଠ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ସତ୍ୟବାଦୀ ଦାଶ ଯୋଗଦେଇ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ସହିତ ଶାକ୍ତ ପରମ୍ପରା ପ୍ରାଚୀନ କାଳରୁ ଜଡ଼ିତ। ଜଗନ୍ନାଥ ସ୍ୱୟଂ ଶାକ୍ତ ଓ ଅଷ୍ଟଚଣ୍ଡୀମାନେ ଶ୍ରୀକ୍ଷେତ୍ରକୁ ଜଗି ରହିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ଡ. ପ୍ରମୋଦ କୁମାର ଦଳେଇ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ରମାକାନ୍ତ କର, ପଣ୍ଡିତ ଟୁକୁନା କୁମାର କର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଓ ପୂର୍ଣ୍ଣ ଚନ୍ଦ୍ର ସାହୁ ଯୋଗଦେଇ ମହାଭାରତ, ରାମାୟଣ ଓ ପ୍ରାଚୀନ ପୁରାଣ ଶାସ୍ତ୍ରର ଉଦାହରଣ ଦେଇ ଶକ୍ତି ପୂଜା ଓ ଶାକ୍ତ ପରମ୍ପରା ଓ ଏହାର ପୂଜାର୍ଚ୍ଚନା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଆଲୋଚନାଚକ୍ରରେ ଅନେକ ବକ୍ତା ଅଂଶଗ୍ରହଣ କରିଥିଲେ। କବିତାରାଣୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ




ଚାରିଛକ,୨୬।୯ (ସମିସ): ଚାରିଛକସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତୁଳସୀପୁର ଶାଖା ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିବା ସହ ଜନସାଧାରଣଙ୍କୁ ସଚେତନତା କରାଇଛନ୍ତି। ଶାଖା ପରିଚାଳକ ଗୋପବନ୍ଧୁ ନନ୍ଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଫିଲ୍ଡ ଅଫିସର ସନ୍ଦିପ ଦାସ, ନୀଳାଦ୍ରି ବଳ, ପ୍ରିୟଙ୍କା ସାହୁ, ଉମାକାନ୍ତ ସାହୁ, ପରିତୋଷ ମିତ୍ର, ରାଜେନ୍ଦ୍ର ଘଡ଼େଇ, ଗୋବିନ୍ଦ ଚନ୍ଦ୍ର ସାହାଣି, ତୁଷାର ରଞ୍ଜନ ରାଉତ, ପ୍ରଶାନ୍ତ ମୁଦୁଲି, ଅଜୟ ସାହୁ, ସତ୍ୟଜିତ୍ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ସମ୍ମୁଖ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପାଇଁ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିହାତି ଜରୁରୀ ବୋଲି ସଚେତନତା କରାଇଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର

# ଯୁବପିଢ଼ି ମାତୃଶକ୍ତିର ପରାକାଷ୍ଠାକୁ ସ୍ୱୀକାର କରିବା ଦରକାର




ପୁରୀ/ସାକ୍ଷୀଗୋପାଳ,୨୬।୯ (ସମିସ): ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ 'ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଏବଂ ନିଦର୍ଶନ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର ଆନୁଷ୍ଠାନିକ ଭାବେ ଏହି ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ର ସାଇପ୍ରସାଦ ପଟ୍ଟନାୟକଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ପରେ ଏହି ପାଠଚକ୍ରର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ ସମାରୋହ ପ୍ରାରମ୍ଭରେ କୁଳସଚିବ ରଶ୍ମିରେଖା ଦାସ ସ୍ୱାଗତ ଭାଷଣ ଦେଇ ଓଡ଼ିଶାରେ ଶକ୍ତି ପୂଜାର ଐତିହ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଜିର ଯୁବପିଢ଼ି ମାତୃଶକ୍ତିର ପରାକାଷ୍ଠାକୁ ସ୍ୱୀକାର କରିବାର ମାନସିକତାକୁ

## ପ୍ରକୃତି ହିଁ ପ୍ରକୃତ ଦେବୀ

ଆପଣେଇଲେ ସମାଜର ଉନ୍ନତି ହେବ। ଏହି ସଚେତନତା ସୃଷ୍ଟି ହିଁ ପାଠଚକ୍ର ଆୟୋଜନର ଉଦ୍ଦେଶ୍ୟ ବୋଲି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଉପସ୍ଥାପନା କରିଥିଲେ। ଉଦ୍‌ଘାଟକ ପ୍ରଫେସର ଦିବାକର ମହାପାତ୍ର, ମୁଖ୍ୟଅତିଥି ପ୍ରଫେସର ପ୍ରଭାତ ମହାପାତ୍ର, ମୁଖ୍ୟବକ୍ତା ସାରଙ୍ଗଧର ରାୟଗୁରୁ ତଥା ସମ୍ମାନିତ ଅତିଥି ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ନିଜ ନିଜ ବକ୍ତବ୍ୟରେ ଶକ୍ତି ପୂଜାର ଉତ୍ସ ଓ ଶକ୍ତିସ୍ୱରୂପା ପ୍ରକୃତିଙ୍କ ସମ୍ପର୍କରେ ସାରଗର୍ଭକ ମତ ପ୍ରଦାନ ପରେ ସଭାପତି ପ୍ରଫେସର ପାଣିଗ୍ରାହୀ ନିଜ ଅଭିଭାଷଣରେ ତ୍ରି-ଶକ୍ତିଙ୍କ ଆରାଧନା ପୂର୍ବକ ଶକ୍ତିଙ୍କ ସ୍ୱରୂପ ସମ୍ପର୍କିତ ଗୂଢ଼ ତତ୍ତ୍ୱକୁ ସହଜ, ପ୍ରାଞ୍ଜଳ ଭାବରେ ପ୍ରକାଶ କରି କହିଥିଲେ ଯେ, ପ୍ରକୃତି ହିଁ ପ୍ରକୃତ ଦେବୀ, ତା'ର ସୁରକ୍ଷା ଓ ଉପାସନା ପ୍ରତି ଧ୍ୟାନ ଦେଲେ ଆମେ ଶକ୍ତି ସମ୍ପନ୍ନ ହୋଇପାରିବା।

ପ୍ରଥମ ବୈଷୟିକ ଅଧିବେଶନରେ ସଭାମୁଖ୍ୟ ପ୍ରଫେସର ଅନନ୍ତ କିଶୋର ଜେନା ଶକ୍ତି ଉପାସନାର ବିଭିନ୍ନ ମାର୍ଗ ଦର୍ଶାଇ ଓଡ଼ିଶା ତଥା ଭାରତ ବାହାରେ ମାତୃଶକ୍ତିର ଉପାସନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି ଅଧିବେଶନର ବିଷୟ ବିଶେଷଜ୍ଞ ପ୍ରଫେସର ବିଜୟଲକ୍ଷ୍ମୀ ଦାଶ ହିନ୍ଦୁ ଧର୍ମ ଓ ଚର୍ଯ୍ୟାପଦରେ ଶକ୍ତି ଆରାଧନା ସମ୍ପର୍କରେ ଏବଂ ପ୍ରବନ୍ଧ ଉପସ୍ଥାପକ ଡ. ପରମେଶ୍ୱର ମୁଣ୍ଡ ଆଦିବାସୀ ସଂସ୍କୃତିରେ ଶକ୍ତି ଆରାଧନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ଜିଜ୍ଞାସା ତୃପ୍ତ କରିଥିଲେ। ସମୀକ୍ଷକର ଭୂମିକା ନିର୍ବାହ କରିଥିଲେ ଡ. ଲିପିକା ନାୟକ। ଦ୍ୱିତୀୟ ବୈଷୟିକ ଅଧିବେଶନ ପ୍ରାରମ୍ଭରେ ସଭାମୁଖ୍ୟ ଡ. ଶକୁନ୍ତଳା ବଳିଆରସିଂ, ଡ. ବାସନ୍ତୀ ମହାନ୍ତି, ପ୍ରଫେସର ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ. ହେନେରିତା ମିଶ୍ର, ଡ. ସଂଘମିତ୍ରା ମହାପାତ୍ର, ଡ. ରାଧାଗୋବିନ୍ଦ କୁଇଲା ପ୍ରମୁଖ ବିଶେଷ ମତ ପ୍ରଦାନ କରିଥିଲେ। ପାଠଚକ୍ରର ଅନ୍ତିମ ପର୍ଯ୍ୟାୟରେ ଡ. ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୬/୯/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୯୦,୭୯୫/- ସୁନା: ୧୨.୮୦୦ ଗ୍ରାମ୍ ରୁପା: ୬୮.୭୦୦ ଗ୍ରାମ୍








## ଶ୍ରୀଶ୍ରୀତୃତୀୟା ଦେବ ବିଗ୍ରହଙ୍କ ବନକଲାଗି ଓ ମନ୍ଦିର ପୁନଃପ୍ରତିଷ୍ଠା

ପୁରୀ,୨୬।୯ (ସମିସ): ଭକ୍ତ ମନେଇ ସାହୁଙ୍କ ଜନ୍ମସ୍ଥାନ କାଣ୍ଡଗୋଦା ଦୀର୍ଘ ୫୦୦ ବର୍ଷର ପୁରାତନ ଐତିହ୍ୟ ପୀଠ। ଏହି ମନ୍ଦିର ଭକ୍ତ ମନେଇ ସାହୁ ନିଜ ହସ୍ତରେ ପ୍ରତିଷ୍ଠା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଆଜିକା ଦିନରେ ଏତେ ପୁରାତନ ବିଗ୍ରହ ବୋଧହୁଏ ଦେଖାଯିବା ବିରଳ। ହେଲେ ଦୁର୍ଭାଗ୍ୟର ବିଷୟ କିଛିଦିନ ତଳେ କାଣ୍ଡଗୋଦା ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ଗର୍ଭଗୃହରେ ଭୁଲ୍‌ବଶତଃ



ଅଗ୍ନି ସଂଯୋଗ ହୋଇ ଶ୍ରୀବିଗ୍ରହଙ୍କ ଅଙ୍ଗ ବସ୍ତ୍ର ପୋଡ଼ିଯାଇଥିଲା। କିନ୍ତୁ ଶ୍ରୀବିଗ୍ରହଙ୍କ କୌଣସି କ୍ଷତି ହୋଇ ନ ଥିଲା। ଶ୍ରୀମନ୍ଦିର ମୁକ୍ତି ମଣ୍ଡପରେ ଥିବା ବିଜ୍ଞ ପଣ୍ଡିତ ଶ୍ରୀବିଗ୍ରହଙ୍କ ବନକଲାଗି କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱ ପ୍ରସିଦ୍ଧ ରଥର ବରିଷ୍ଠ ମହାରଣା ସେବାୟତ ଶ୍ରୀବିଗ୍ରହଙ୍କ ରୂପରେଖ କରିଥିଲେ। ତୃତୀୟ ଦେବଙ୍କ ବନକଲାଗି ନୀତି କରାଯାଇ ମନ୍ଦିର ପୁନଃପ୍ରତିଷ୍ଠା କରାଯାଇଛି। କର୍ତ୍ତା କାମଦେବ ରାଉତରାୟ, ମନେଇ ସାହୁ ସେବା ସଂସଦର ସଦସ୍ୟ ଓ ଗ୍ରାମବାସୀଙ୍କ ଭକ୍ତି ସହଯୋଗରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଛି।

## ଓଏଏସ୍ ପାଇଲେ ସେବାୟତ ପୁଅ



ପୁରୀ,୨୬।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେବାୟତ ପରିବାରର ପୁଅ ସୌମ୍ୟରଞ୍ଜନ ପଣ୍ଡା। ଶ୍ରୀମନ୍ଦିର ବିମାନବଡୁ ସେବକ କୃଷ୍ଣଚନ୍ଦ୍ର ପଣ୍ଡା ଓ ସଂଯୁକ୍ତାଙ୍କ ପୁଅ ସୌମ୍ୟରଞ୍ଜନ ପ୍ରଥମ ପ୍ରଚେଷ୍ଟାରେ ୨୨ତମ ର୍ୟାଙ୍କ୍‌ରେ ସଫଳତା ହାସଲ କରିଛନ୍ତି। ସେ ଏସ୍‌ସିଏସ୍ କଲେଜରେ 'ଦର୍ଶନ'ରେ ପିଜି କରୁଥିବାବେଳେ ମହାପ୍ରଭୁଙ୍କ ବଲ୍ଲଭ ଓ ମଣୋହି ସେବା କରି ଆସୁଥିଲେ। ଜଣେ ପ୍ରଶାସନିକ ଅଧିକାରୀ ହୋଇ ସେବା କରିବା ପାଇଁ ଛୋଟବେଳୁ ମନସ୍ଥ କରିଥିଲେ ସୌମ୍ୟରଞ୍ଜନ। ସେଇ ଲକ୍ଷ୍ୟ ନେଇ ସେ ପ୍ରସ୍ତୁତି ଆରମ୍ଭ କରିଥିଲେ। ଜାଭିୟର ସ୍କୁଲ୍‌ରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଚତୁର୍ଥ ଶ୍ରେଣୀରୁ କଟକ ଫୁଲନଖରାସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଭୁବନେଶ୍ୱରରେ ଡି.ଏମ୍ ସ୍କୁଲରେ ଯୁକ୍ତ ୨ ପଢ଼ିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପଢ଼ିବା ବେଳୁ ହିଁ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରି ଆସୁଥିଲେ। ୟୁପିଏସ୍‌ସି ପରୀକ୍ଷାରେ ମଧ୍ୟ ସେ ପ୍ରିଲିମ୍‌ନାରିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେକ୍ଟର ହୋଇ ସେବା କରିବାର ଇଚ୍ଛା ରଖିଥିବା ସୌମ୍ୟରଞ୍ଜନଙ୍କୁ ତାଙ୍କର ଏହି ସଫଳତା ପାଇଁ ସେବାୟତ ପରିବାରର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ପୁରୀରେ ଖୋଲିଲା ସଞ୍ଜୀବ ହିରୋର ଦ୍ୱିତୀୟ ଶୋ'ରୁମ୍

ପୁରୀ,୨୬।୯ (ସମିସ): ବାଇକ୍ ଏବଂ ସ୍କୁଟର କ୍ଷେତ୍ରରେ ପୁରୀର ଭରସାଯୋଗ୍ୟ ଶୋ'ରୁମ୍ 'ସଞ୍ଜୀବ ହିରୋ'ର ଦ୍ୱିତୀୟ ଶୋ'ରୁମ୍ ଅଠରନଳାଠାରେ ଖୋଲିଛି। ନୂଆ ଶୋ'ରୁମ୍‌କୁ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର (ଜଗୁନି) ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦୀର୍ଘବର୍ଷ ହେବ ପୁରୀରେ ସଞ୍ଜୀବ ହିରୋ ତା'ର ପ୍ରଥମ ଶୋ'ରୁମ୍ ମାଧ୍ୟମରେ ଗ୍ରାହକମାନଙ୍କ ଭରସା ଓ ବିଶ୍ୱାସ ଜିତିପାରିଛି। ପୁରୀକୁ ସବୁ ବର୍ଗଙ୍କ ପାଇଁ ବାଇକ୍ ଏବଂ ସ୍କୁଟର ଉପଲବ୍ଧ କରାଇ ଗ୍ରାହକଙ୍କ ଚାହିଦା ପୂରଣ କରିଛି।



ବଜାରକୁ ବିଭିନ୍ନ ପ୍ରକାର ଆକର୍ଷଣୀୟ ବାଇକ୍ ଏବଂ ଇଭି ସ୍କୁଟର ଆସୁଛି। ଗ୍ରାହକଙ୍କ ଚାହିଦାକୁ ପୂରଣ କରି ସେମାନଙ୍କୁ କମ୍ ସମୟ ମଧ୍ୟରେ ବାଇକ୍ ଏବଂ ସ୍କୁଟର ପ୍ରଦାନ କରିବା ଲାଗି ସଞ୍ଜୀବ ହିରୋ ପୁରୀରେ ତା'ର ଦ୍ୱିତୀୟ ଶୋ' ରୁମ୍ ଖୋଲିଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଏହା ନିଶ୍ଚିତ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ସାଜିବ ବୋଲି ବରିଷ୍ଠ ସେବାୟତ ଶ୍ରୀ ମହାପାତ୍ର କହିଛନ୍ତି। ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅମିତ୍ କୁମାର ମଲ୍ଲିକ କହିଛନ୍ତି, ଦୀର୍ଘବର୍ଷ ହେବ ଗ୍ରାହକ ଆମ ଉପରେ ଯେଉଁ ଭରସା, ବିଶ୍ୱାସ ରଖିଛନ୍ତି ତାହାକୁ ବଜାୟ ରଖିବା ପାଇଁ ସର୍ବଦା ଚେଷ୍ଟା ଜାରି ରଖିଛୁ। ଏଣୁ ପୁରୀରେ ଦ୍ୱିତୀୟ ଶୋ'ରୁମ୍ ନୂଆ ଖୋଲାଯାଇଛି। ପାର୍ବଣରେ ସ୍ୱତନ୍ତ୍ର ରିଆତିର ବ୍ୟବସ୍ଥା ରହିଛି। ଏଠାରେ ହିରୋର ପେଟ୍ରୋଲ ଏବଂ ଇଭି ମଡେଲର ସମସ୍ତ ପ୍ରକାର ବାଇକ୍ ଓ ସ୍କୁଟର ଉପଲବ୍ଧ ହେବ ବୋଲି ଏମ୍‌ଡି ଶ୍ରୀ ମଲ୍ଲିକ କହିଛନ୍ତି। ଏହି ଅବସରରେ ଶୋ'ରୁମ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ଡିଏନ୍‌ଏମ୍ ସନ୍ତୋଷ କୁମାର ଭଟ୍ଟାଚାର୍ଯ୍ୟ, ସର୍ଭିସ୍ ମ୍ୟାନେଜର ପ୍ରଦୀପ କୁମାର ବେହେରା, ନମ୍ରତା ପାଠକ ପ୍ରମୁଖ ଉପସ୍ଥିତ ଥିଲେ।

## ଅସୁରକ୍ଷିତ ସମୁଦ୍ର ସ୍ନାନ
# ୧୦ ବର୍ଷରେ ଟାଣିନେଇଛି ୬୭ ଜୀବନ

ପୁରୀ,୨୬।୯ (ସମିସ): ପୂର୍ବାପେକ୍ଷା ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି। ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ପୁରୀ ଆସିଥା'ନ୍ତି। ବିଶେଷକରି ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ପାଲଟିଥାଏ ପୁରୀ ବେଳାଭୂମି। ମହାପ୍ରଭୁଙ୍କ ଦର୍ଶନ ପରେ ଅନେକ ଭକ୍ତ, ପର୍ଯ୍ୟଟକ ବେଳାଭୂମି ବୁଲିବା ସହ ସମୁଦ୍ରରେ ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। ହେଲେ ବିଭିନ୍ନ ସମୟରେ ଏହି ସମୁଦ୍ରସ୍ନାନ ପର୍ଯ୍ୟଟକଙ୍କ ପାଇଁ ବିପଦ ସାଜିଛି। ସମୁଦ୍ରରେ ଗାଧୋଇବା ବେଳେ ଜୁଆରମାଡ଼ରେ ଅଧିକାଂଶ ଦିନ ପର୍ଯ୍ୟଟକ ଆହତ ହେଉଛନ୍ତି। କେବଳ ଆହତ ହେଉନାହାନ୍ତି ଜୀବନ ବି ଯାଉଛି। ୧୦ ବର୍ଷରେ ସମୁଦ୍ର ଟାଣିନେଇଛି ୬୭ ପର୍ଯ୍ୟଟକଙ୍କ ଜୀବନ।

ଚାରିଧାମ ମଧ୍ୟରୁ ଶ୍ରୀଜଗନ୍ନାଥ ଧାମ ଅନ୍ୟତମ। ଏଠାରେ ମଧ୍ୟ ଏକ ସୁନ୍ଦର ବେଳାଭୂମି ରହିଛି। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସମୁଦ୍ରରେ ସ୍ନାନ କରି ଏକ ନିଆରା ଅନୁଭୂତି ନେଇ ଶ୍ରୀକ୍ଷେତ୍ରରୁ ଫେରିଥା'ନ୍ତି। ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ପୁରୀର ଆଧ୍ୟାତ୍ମିକ ପର୍ଯ୍ୟଟନ ପ୍ରତି ଆକର୍ଷିତ ହୋଇଆସିଥା'ନ୍ତି। ପୁରୀର ମନୋରମ ବେଳାଭୂମିରେ ବୁଲାବୁଲି କରିବା ସହ ସମୁଦ୍ରସ୍ନାନ କରିବାର ମଜା ନେଇଥା'ନ୍ତି। ଅନେକ ସମୁଦ୍ରରେ ମଧ୍ୟ ବୁଡ଼ ପକାଇଥା'ନ୍ତି। ହେଲେ ସଚେତନତାର ଅଭାବ ଏବଂ କିଛି ଅମାନିଆ ପର୍ଯ୍ୟଟକଙ୍କ ପାଇଁ ଅନେକ ସମୟରେ ସମୁଦ୍ରସ୍ନାନ ବେଳେ ଦୁର୍ଘଟଣା ଘଟିଥାଏ। ଫଳରେ ବିଭିନ୍ନ ସମୟରେ ସମୁଦ୍ରରେ ଅକାଳରେ ଜୀବନ ଚାଲିଯାଇଥାଏ। ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୧୦ ବର୍ଷରେ ୬୭ ଜଣ ପର୍ଯ୍ୟଟକ ପୁରୀ ସମୁଦ୍ରରେ ସ୍ନାନବେଳେ ବୁଡ଼ି ପ୍ରାଣ ହରାଇଛନ୍ତି। ୨୦୧୫ରେ ୧୧ ଜଣ, ୨୦୧୬ରେ ୧୨ ଜଣ, ୨୦୧୭ରେ ୭ ଜଣ, ୨୦୧୮ରେ ୮ ଜଣ, ୨୦୧୯ରେ ୪ ଜଣ, ୨୦୨୦ରେ ୨ ଜଣ, ୨୦୨୧ରେ ୧ଜଣ, ୨୦୨୨ରେ ୬ ଜଣ, ୨୦୨୩ରେ ୬ ଜଣ, ୨୦୨୪ରେ ୬ ଜଣ ଏବଂ ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ୪ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି।

ସେହିପରି ଗତ ୪ ବର୍ଷ ମଧ୍ୟରେ ୧,୧୫୯ ଜଣଙ୍କୁ ସମୁଦ୍ରରେ ବୁଡ଼ି ଯାଉଥିବାବେଳେ ଉଦ୍ଧାର କରାଯାଇଛି। ମୁଖ୍ୟତଃ ବେଳାଭୂମିରେ ମୁତୟନ ଲାଇଫ୍ ଗାର୍ଡଙ୍କ ଯୋଗୁଁ ଅନେକ ଜୀବନ ରକ୍ଷା ହୋଇପାରୁଛି। କିନ୍ତୁ ଲାଇଫ୍ ଗାର୍ଡଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ। ଦିନକୁ ଦିନ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିଲେ ମଧ୍ୟ ସେହି ଅନୁଯାୟୀ ଲାଇଫ୍ ଗାର୍ଡଙ୍କ ସଂଖ୍ୟା ବୃଦ୍ଧି କରାଯାଉ ନାହିଁ। ପୁରୀ ବେଳାଭୂମିର ପରିସର ଯଥେଷ୍ଟ ବୃଦ୍ଧି ପାଇଛି।



ପେଣ୍ଟକଟାଠାରୁ ଷ୍ଟର୍ଲିନ ଛକ ଯାଏ ୮ କିଲୋମିଟର ବ୍ୟାପିଛି ପୁରୀ ବେଳାଭୂମି। ଏହାକୁ ୧୬ଟି ସେକ୍ଟରରେ ବିଭକ୍ତ କରାଯାଇ ଅଗ୍ନିଶମ ବାହିନୀର ୯୭ ଜଣ ଲାଇଫ୍ ଗାର୍ଡ ମୁତୟନ କରାଯାଇଛି। ଲାଇଫ୍ ଗାର୍ଡମାନେ ସମୁଦ୍ରର ଅଧିକ ଭିତରକୁ ନ ଯିବାକୁ ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଥାନ୍ତି। ଏତଦ୍‌ବ୍ୟତୀତ ସମୁଦ୍ରର ଅଶାନ୍ତ ରୂପ ଏବଂ ରିପ୍ କରେଣ୍ଟ ଥିବାବେଳେ ପ୍ରବେଶ ନ କରିବା ପାଇଁ ବାରଣ କରିଥା'ନ୍ତି। ହେଲେ ଅନେକ ସମୟରେ କିଛି ପର୍ଯ୍ୟଟକ ଅମାନିଆ ହୋଇ ମନଇଚ୍ଛା ଯେଉଁଠି ପାରିଲେ ସେଠାରେ ସ୍ନାନ କରୁଥିବାରୁ ବିପଦରେ ପଡ଼ିଥା'ନ୍ତି। ସେହିଭଳି କେଉଁ ସ୍ଥାନରେ ଗାଧୋଇବା ଉଚିତ୍ ଏବଂ କେଉଁଠି ଉଚିତ୍ ନୁହେଁ, ସମୁଦ୍ରର ସ୍ଥିତି କିଭଳି ରହିଛି, କେତେବେଳେ ଗାଧୋଇବା ନିରାପଦ ଏସବୁ ପର୍ଯ୍ୟଟକଙ୍କୁ ସଚେତନ କରାଇବା ପାଇଁ ବେଳାଭୂମିରେ ସୂଚନାଫଳକ ନାହିଁ। ଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ର ବିଷୟରେ ଅଜ୍ଞ ଥିବାରୁ ସମୁଦ୍ର ସ୍ନାନବେଳେ ଅସାବଧାନତା ହେତୁ ମୃତ୍ୟୁମୁଖରେ ପଡୁଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଲାଗି ସରକାର ପଦକ୍ଷେପ ନେବାକୁ ପର୍ଯ୍ୟଟକ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଅନ୍ୟପକ୍ଷରେ କେବଳ ପୁରୀ ବେଳାଭୂମି ନୁହେଁ, ବେଲେଶ୍ୱର, ରାମଚଣ୍ଡୀ, ଚନ୍ଦ୍ରଭାଗା ଆଦି ବେଳାଭୂମିରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏ ସବୁ ସ୍ଥାନ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯିବା ଦରକାର। ଏଠାରେ ଯେପରି ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ସ୍ନାନ କରିବେ ସେଥିଲାଗି ଆବଶ୍ୟକ ବ୍ୟବସ୍ଥା କରାଯିବା ଉଚିତ୍ ବୋଲି ମତ ଦେଇଛନ୍ତି ବାଲେଶ୍ୱରରୁ ଆସିଥିବା ପର୍ଯ୍ୟଟକ ଶମ୍ଭୁନାଥ ଦାସ। ମୋଟାମୋଟି ପର୍ଯ୍ୟଟକଙ୍କ ସମୁଦ୍ର ସ୍ନାନ ନିରାପଦ ରହିଲେ ଆଗକୁ ଆହୁରି ସଂଖ୍ୟା ବୃଦ୍ଧି ପାଇବ ବୋଲି ମତ ଦେଇଛନ୍ତି ବୁଦ୍ଧିଜୀବୀ। ତେଣୁ ଏ ଦିଗରେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଦରକାର ବୋଲି ମତପ୍ରକାଶ ପାଇଛି।

## ଇଂ. ରାଜେଶ ମିଶ୍ର ହେଲେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି

ପୁରୀ,୨୬।୯ (ସମିସ): ଓଡ଼ିଶାରେ କଂଗ୍ରେସ ତା'ର ସ୍ଥିତି ସୁଦୃଢ଼ କରୁଛି। ଦଳୀୟ ସଂଗଠନ କିପରି ଆହୁରି ମଜଭୁତ୍ ହୋଇପାରିବ ସେଥିଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛି। ବିଶେଷକରି ଜିଲ୍ଲା ମୁଖିଆ ଦାୟିତ୍ୱ ଯଦି ଠିକ୍ ବ୍ୟକ୍ତିଙ୍କୁ ଦିଆଯିବ ତେବେ ଦଳ ନିଶ୍ଚିତ ଭଲ ପ୍ରଦର୍ଶନ କରିବ। ଏଭଳି ଆଭିମୁଖ୍ୟ ରଖି ଜାତୀୟ କଂଗ୍ରେସ ଏଥର ଏକ ନୂଆ ଫର୍ମୁଲା ଆପଣାଇଥିଲା। ଏସି ରୁମ୍ ଭିତରେ ୫/୬ ଜଣ ମୁଖିଆ ବସି ଜିଲ୍ଲା ସଭାପତି ଚୟନ କରିବାର ଧାରା ବଦଳାଇଥିଲା। ଜାତୀୟ ନେତୃତ୍ୱ ଗ୍ରାଉଣ୍ଡକୁ ଆସି ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନେଇଥିଲେ। ସେହି ଆଧାରରେ ଜିଲ୍ଲା ସଭାପତି ଚୟନ କରାଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ କ୍ରମେ ସଂଗଠନ ସୃଜନ ଅଭିଯାନ ଜରିଆରେ ଓଡ଼ିଶାର ୩୫ଟି ସାଂଗଠନିକ ଜିଲ୍ଲାରେ ଜିଲ୍ଲା ସଭାପତି ନିଯୁକ୍ତ ପ୍ରକ୍ରିୟାର ଅନ୍ତ ଘଟିଛି। ଏଆଇସିସି ସାଂଗଠନିକ, ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଲ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସମସ୍ତ ଜିଲ୍ଲା ସଭାପତିଙ୍କ ତାଲିକା ପ୍ରକାଶ କରିଛନ୍ତି। ସେହି କ୍ରମରେ ପୁରୀ ଜିଲ୍ଲା ସଂଯୋଜକ ଥିବା ଇଂ. ରାଜେଶ ମିଶ୍ରଙ୍କୁ ପୁରୀ ଜିଲ୍ଲା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ସଭାପତି ରୂପେ ଅବସ୍ଥାପିତ କରିଛନ୍ତି। ଏଭଳି ଏକ ଗୁରୁଦାୟିତ୍ୱ ଦଳ ତାଙ୍କ ଉପରେ ନ୍ୟସ୍ତ କରିଥିବାରୁ ଇଂ. ମିଶ୍ର ଏଥିପାଇଁ ଦଳର ଜାତୀୟ ଏବଂ ରାଜ୍ୟ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲା ସଂଯୋଜକ ଦାୟିତ୍ୱ ପରେ ସେ ଯଉଁପରି ଭାବେ ଦଳକୁ ଜିଲ୍ଲାରେ କ୍ରିୟାଶୀଳ କରାଉଛନ୍ତି ସେହି ଧାରା ଆଗକୁ ଆହୁରି ଦ୍ରୁତଗତିରେ ଆଗେଇବ ବୋଲି ଇଂ. ମିଶ୍ର କହିଛନ୍ତି।



## ଶ୍ରୀମନ୍ଦିର ଗୁମୁଟକୁ ଅକ୍ଷତ ରଖିବାକୁ ଦାବି

ପୁରୀ,୨୬।୯ (ସମିସ): ଶ୍ରୀମନ୍ଦିର ଗୁମୁଟକୁ ଅକ୍ଷତ କରିବା ଏବଂ କଣ୍ଟା ନ ବାଡ଼େଇବା ପାଇଁ ଦାବି କରିଛି ବଡ଼ଦାଣ୍ଡ ସେବା ସଂଗଠନ। ଏ ନେଇ ଶୁକ୍ରବାର ସଂଗଠନ ପକ୍ଷରୁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ଦାବିପତ୍ର ଦିଆଯାଇଛି। ଶ୍ରୀମନ୍ଦିରକୁ ଆଲୋକିତ ଓ ସୌନ୍ଦର୍ଯ୍ୟ କରିବା ପାଇଁ ଗୁମୁଟରେ କଣ୍ଟା ବାଡ଼େଇଥିବାରୁ କ୍ଷତ ସୃଷ୍ଟି ହୋଇ ଏହା ଐତିହ୍ୟରେ କ୍ଷତ ସୃଷ୍ଟି କରୁଛି। ତେଣୁ ଶ୍ରୀମନ୍ଦିର ଭଳି ପୁରାତନ କୀର୍ତ୍ତିରାଜିରେ କଣ୍ଟା ବାଡ଼େଇବାରୁ ବିରତ ରହିବା ସହ ସୃଷ୍ଟି ହୋଇଥିବା କ୍ଷତକୁ ମରାମତି କରିବାକୁ ଦାବି ହୋଇଛି। ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଓ ନାକଚଣା ଦ୍ୱାର ଗୁମୁଟରେ ମଧ୍ୟ କଣ୍ଟା ବାଡ଼େଇ କ୍ଷତ ସୃଷ୍ଟି କରାଯାଇଛି। ତେଣୁ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିରର ଐତିହ୍ୟକୁ ଅକ୍ଷତ ରଖିବା ପାଇଁ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ବଡ଼ଦାଣ୍ଡ ସେବାର ସୂର୍ଯ୍ୟକାନ୍ତ ନାୟକ, ସୁକୁମାର ଦାସ, ଦିବାକର ବେହେରା, ଜଗନ୍ନାଥ ପାଢ଼ୀ, ବଟକୃଷ୍ଣ ମହାପାତ୍ର, ନାରାୟଣ ରାୟସିଂହ, ରାମଚନ୍ଦ୍ର ହାଲ୍‌ଦାର ଓ ମନୋଜ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ପରଲୋକରେ ବରିଷ୍ଠ ସେବାୟତ ଶ୍ରୀଧର ପ୍ରଧାନୀ

- ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୨୬।୯ (ସମିସ): ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ପ୍ରଧାନୀ ନିଯୋଗ, ବିମାନବଡୁ ନିଯୋଗ, ଭଗବତୀ କୋଟ ଆଖଡ଼ାର ପୂର୍ବତନ ସଭାପତି ଶ୍ରୀଧର ପ୍ରଧାନୀଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶୁକ୍ରବାର ସକାଳ ୯ଟାରେ ବିମାନବଡୁ ସାହି ନିଜସ୍ୱ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ସମୟରେ ତାଙ୍କର ଦୁଇ ପୁତ୍ର, ବୋହୂ, ତିନି କନ୍ୟା, ନାତି-ନାତୁଣୀ ଓ ସ୍ୱର୍ଗତ ପ୍ରଧାନୀଙ୍କ ତିନି ଭାଇ ଦାମୋଦର, ଗଙ୍ଗାଧର ଓ ଗଦାଧର ଶେଷ ଦର୍ଶନ କରିଛନ୍ତି। ସ୍ୱର୍ଗତ ପ୍ରଧାନୀ ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ଉପୁଜୁଥିବା ସମସ୍ୟା ନେଇ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନକୁ ମାର୍ଗଦର୍ଶନ କରାଇବା ସହିତ ମୁକ୍ତିମଣ୍ଡପ ବିଭିନ୍ନ ସମସ୍ୟାକୁ ସମାଧାନ କରାଇଥା'ନ୍ତି। ଗତ ୬୦ ବର୍ଷରୁ ଊର୍ଦ୍ଧ୍ୱ ମହାପ୍ରଭୁଙ୍କ ଦୈନିକ ସେବା କରି ଆସିଛନ୍ତି। ସ୍ୱର୍ଗଦ୍ୱାରଠାରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ରବିନାରାୟଣ ଦାସଙ୍କ ସମେତ ଶ୍ରୀମନ୍ଦିରର ବରିଷ୍ଠ ସେବାୟତମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଡ଼ପୁଅ ସତ୍ୟନାରାୟଣ ପ୍ରଧାନୀ ମୁଖାଗ୍ନି ଦେଇଥିଲେ।







# ଅଟୋ-ଟୋଟୋ ଚାଳକଙ୍କ ବିକ୍ଷୋଭ

ପୁରୀ,୨୬।୯ (ସମିସ): ବିଭିନ୍ନ ଦାବି ନେଇ ପୁରୀରେ ଗର୍ଜିଛନ୍ତି ଅଟୋ ଏବଂ ଟୋଟୋ ଚାଳକ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଅଟୋ ଏବଂ ଟୋଟୋ ଚାଳକମାନେ କହିଛନ୍ତି, ବେକାର ଯୁବକ ଆତ୍ମନିର୍ଭର ପାଇଁ ଅଟୋ କିଣି ବା ଭଡ଼ାରେ ଆଣି ସରକାରଙ୍କୁ ଟିକସ ଦେଇ ଅଟୋ ଚଳାଇ ରୋଜଗାରକ୍ଷମ ହେଉଛନ୍ତି। କିନ୍ତୁ ପୁରୀ ସହରରେ ଅଦ୍ୟାବଧି ଅଟୋ ରଖିବା ପାଇଁ ସ୍ଥାନ ଦେଇପାରିଲାନି ଜିଲ୍ଲା ପ୍ରଶାସନ। ଅଟୋ ଚଳାଚଳ ପାଇଁ ସଠିକ୍ ମାର୍ଗଦର୍ଶିକା ଜାରି କରିପାରୁ ନାହିଁ। ବିନା କାରଣରେ ଜୁଲମ କରି ହଜାର ହଜାର ଟଙ୍କା ଚାଲାଣ କରୁଛି ପୁଲିସ।



ପ୍ରତିବାଦ କଲେ ଅଟୋ ଭିଡ଼ି ନେଇ ବହୁଦିନ ରଖି ଦେଉଛନ୍ତି। ବଡ଼ଦାଣ୍ଡରେ ମରିଚୀକୋଟ ପର୍ଯ୍ୟନ୍ତ ଟାଉନ ବସ୍ ଯାଉଥିଲାବେଳେ ଅଟୋକୁ ମାର୍କେଟ ଛକରେ ଅଟକାଇ ଦିଆଯାଉଛି। ଏହା ବିରୋଧରେ ଶୁକ୍ରବାର ପୁରୀ ସହରର ଅଟୋ-ଟୋଟୋ ମିଳିତ ମହାମଞ୍ଚର ଶହ ଶହ ଅଟୋ ଚାଳକ ଗୁଣ୍ଡିଚା ମନ୍ଦିର ପାଖରୁ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ବିଭିନ୍ନ ପ୍ରକାର ନାରାବାଜି କରି ବିକ୍ଷୋଭ ସମାବେଶ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ପ୍ରଶାସନ ଅଟୋ ଚାଳନା ପାଇଁ ତୁରନ୍ତ ମାର୍ଗଦର୍ଶିକା ଜାରି କରୁ। ଅଟୋ ରଖିବା ପାଇଁ ସ୍ଥାନ ବା ଷ୍ଟାଣ୍ଡ ଦେବା, ଚାଲାଣ କାଟିବା ବନ୍ଦ, ଅଟୋ ଟାଉନ ବସ୍ ଗୋଟିଏ ସ୍ଥାନରେ ରହଣି କରିବାକୁ ଦାବି ହୋଇଛି। ଜିଲ୍ଲା ପ୍ରଶାସନ, ପୁଲିସ ଓ ଅଟୋ ସଂଘ କର୍ମକର୍ତ୍ତାଙ୍କୁ ନେଇ ମିଳିତ ବୈଠକ କରି ସମାଧାନ କାଟିବାକୁ ଦାବି କରାଯାଇଛି। ଏଥିରେ ମିଳିତ ମଞ୍ଚର ସଭାପତି ପ୍ରମୋଦ ଜେନା, କାର୍ଯ୍ୟକାରୀ ସଭାପତି ଶରତ କୁମାର ରାୟଗୁରୁ, ଉପସଭାପତି ବାବୁଲା ପ୍ରସାଦ, ସଞ୍ଜୀବ ମହାନ୍ତି, ରାଜକିଶୋର ସାହୁ, ଗଜପତି ସେନାପତି, କୃପାସିନ୍ଧୁ ପଣ୍ଡା, ଦାଶରଥୀ ସାହୁଙ୍କ ନେତୃତ୍ୱରେ ଶହ ଶହ ଅଟୋଚାଳକ ଯୋଗଦେଇଥିଲେ।

# ସମ୍ପାଦକୀୟ



ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ।
-ସ୍ୱଭାବ କବି ଗଙ୍ଗାଧର ମେହେର

THE SAKALA

## ସୁଧୁରୁଛି ମଧ୍ୟପ୍ରାଚ୍ୟ ସ୍ଥିତି

ଏକ ବୃହତ୍ତର ଇସ୍ରାଏଲ ଗଠନ ଆଳରେ ପାଲେଷ୍ଟାଇନ୍ ସ୍ଥିତିକୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୃଢ଼ ଅସ୍ୱୀକାର କରିଆସିଥିବା ବେଳେ ଗାଜାପଟିରେ ଚାଲିଥିବା ନରସଂହାର ଓ ଅମାନବୀୟ ନିର୍ଯାତନାକୁ ବିଶ୍ୱଜନମତ ଦୃଢ଼ ବିରୋଧ କରିବା ସହ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଉଥିବା ରାଷ୍ଟ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଇସ୍ରାଏଲକୁ ଏପର୍ଯ୍ୟନ୍ତ ନିରଙ୍କୁଶ ସମର୍ଥନ ଦେଇଆସିଥିବା ଆମେରିକାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ମଧ୍ୟ ଏହି ପ୍ରସଙ୍ଗରେ କେବଳ କରଛଡ଼ା ଦେଇନାହାନ୍ତି, ପାଲେଷ୍ଟାଇନକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଇଂଲଣ୍ଡ, କାନାଡ଼ା, ଫ୍ରାନ୍ସ, ପର୍ତ୍ତୁଗାଲ ଓ ଅଷ୍ଟ୍ରେଲିଆ ଅନ୍ୟତମ। ଏପରିକି ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟ ଇସ୍ରାଏଲ ସହ ଥିବା ଦ୍ୱିପାକ୍ଷିକ ଚୁକ୍ତି ରଦ୍ଦ କରିବାକୁ ଧମକ ଦେଇଛି। ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ ଦେଶ ପାଲେଷ୍ଟାଇନର ସ୍ୱାତନ୍ତ୍ର୍ୟକୁ ମାନ୍ୟତା ଦେଇଛନ୍ତି। ଏହି ପୃଷ୍ଠଭୂମିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରବ ରାଷ୍ଟ୍ରର ମୁସଲମାନ ନେତାଙ୍କ ସହ ଆଲୋଚନା ବେଳେ ସ୍ଥାୟୀ ଯୁଦ୍ଧ ବିରତି ପ୍ରସ୍ତାବ ଆଗତ କରାଉଥିବା ସୂଚନା ଦେଇଛନ୍ତି। ଏହାର ପ୍ରଥମ ସର୍ତ୍ତ ରହିବ ପଣବନ୍ଦୀ ପ୍ରତ୍ୟାହାର। ନେତାନ୍ୟାହୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ହରାଇଥିବାରୁ ହମାସ ଏହି ସର୍ତ୍ତକୁ କେତେଦୂର ଗ୍ରହଣ କରିବ ସେ ନେଇ ସନ୍ଦେହ ରହିଛି। ତେବେ ବୁଝାମଣା ପ୍ରସ୍ତାବକୁ ଏକ ସକାରାତ୍ମକ ରୂପ ଦେବା ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ଚାଲିଛି। ଏପରିକି ଯୁଦ୍ଧ ପରବର୍ତ୍ତୀ ଗାଜାର ଶାସନ ଦାୟିତ୍ୱ କାହା ହାତରେ ରହିବ ଓ ୱେଷ୍ଟବ୍ୟାଙ୍କର ଭବିଷ୍ୟତ ନେଇ ଆଲୋଚନାରେ ବେଶ ଅଗ୍ରଗତି ଘଟିଥିବାର ସୂଚନା ମିଳିଛି।

ଜାତିସଂଘ ଅଧିବେଶନରେ ଯୋଗଦେବା ସକାଶେ ନେତାନ୍ୟାହୁ ପହଞ୍ଚିଛନ୍ତି। ଯେତେଦୂର ସମ୍ଭବ ଏହି ଶାନ୍ତି ପ୍ରସ୍ତାବ ନେଇ ଟ୍ରମ୍ପ ତାଙ୍କ ସହ ଆଲୋଚନା କରିବେ। ଇସ୍ରାଏଲ କ୍ରମେ ଏକଘରିଆ ହୋଇଯାଇଥିବାରୁ ପ୍ରତିକୂଳ ପରିସ୍ଥିତିର ଗୁରୁତ୍ୱ ସମ୍ପର୍କରେ ସେ ବୁଝାଇବା ସହ ଏହି ଶାନ୍ତି ପ୍ରୟାସ ପଛରେ ନିଜର ମହତାକାଂକ୍ଷାକୁ ସାକାର କରିବାକୁ ଚାହିଁବେ। ଏମିତିରେ ଇସ୍ରାଏଲରେ ଜନମତ ଯାହା, ଯୁଦ୍ଧ ସମାପ୍ତି ପରେ ନେତାନ୍ୟାହୁଙ୍କୁ କ୍ଷମତାରୁ ବିଦା କରିବାକୁ ବେଶି ସମୟ ଲାଗିବ ନାହିଁ। ଏହାବ୍ୟତୀତ ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ପ୍ରାମାଣିକ ତଥ୍ୟ ଅଦାଲତରେ ବିଚାରାଧୀନ ରହିଛି। ତେଣୁ ବୃହତ୍ତର ଇସ୍ରାଏଲ ଗଠନର ଆଶା ନେଇ ଯୁଦ୍ଧ ଜାରି ରଖିବାକୁ ସେ ଚାହାନ୍ତି। ନିଜର କ୍ଷମତା ଓ ରାଜନୈତିକ ଭବିଷ୍ୟତକୁ ସେ ଏହି ଯୁଦ୍ଧରେ ବାଜି ଲଗାଇଛନ୍ତି। ତେଣୁ ଟ୍ରମ୍ପଙ୍କ ପ୍ରସ୍ତାବରେ ସେ ରାଜି ହେବା ବିନିମୟରେ ଇରାନ ଉପରେ ଆକ୍ରମଣ କରିବାକୁ ଚାହିଁବେ। ଆମେରିକାର ଇରାନ୍ ବିରୋଧୀ ନୀତି ଦୃଷ୍ଟିରୁ ନେତାନ୍ୟାହୁଙ୍କୁ ଟ୍ରମ୍ପ ବ୍ୟବହାର କରିବା କିଛି ବିଚିତ୍ର ନୁହେଁ। ଏଠାରେ ମନେ ରଖିବାକୁ ହେବ ଯେ ଇରାନ ଗାଜାପଟି ନୁହେଁ। ଇରାନକୁ ସାମରିକ ଦୃଷ୍ଟିରୁ ସୁଦୃଢ଼ କରିବା ସକାଶେ ରୁଷ ଓ ଚୀନ କ୍ରମାଗତ ସହାୟତା ଯୋଗାଉଛନ୍ତି। ଅନ୍ୟପକ୍ଷରେ କାତାର ରାଜଧାନୀ ଦୋହା ଉପରେ ବୋମାମାଡ଼ କରି ଇସ୍ରାଏଲ ଯେଉଁ ରଣନୈତିକ ତ୍ରୁଟି କରିଛି ତାହା ସମ୍ଭାବ୍ୟ ତେହେରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ବାଧକ ହେବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲର କାର୍ଯ୍ୟକଳାପକୁ ନେଇ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି ତାହା ଆଗକୁ ଆମେରିକାର ବୃହତ୍ତର ସ୍ୱାର୍ଥହାନି ଘଟାଇବ। ଏହାସତ୍ତ୍ୱେ ନେତାନ୍ୟାହୁଙ୍କ ପ୍ରତି ଟ୍ରମ୍ପଙ୍କ କୋହଳ ନୀତି କୂଟନୈତିକ ମହଲରେ ବିସ୍ମୟ ସୃଷ୍ଟି କରିଛି। ଗାଜା ପରେ ଯୁଦ୍ଧ ଯଦି ଇରାନ ମୁହାଁ ହୁଏ ତେବେ ପରିସ୍ଥିତି ଆହୁରି ଭୟାବହ ହେବ। ସେଥିପାଇଁ ବିଶ୍ୱର ଦୁଇ ଅହଂକାରୀ ନେତା ହିଁ ଦାୟୀ ହେବେ। ●

## ଅସୁରକ୍ଷିତ ସ୍ୱାସ୍ଥ୍ୟ ବ୍ୟବସ୍ଥା

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କେଉଁଠି ଚିକିତ୍ସା କରିବାକୁ ଡାକ୍ତର ନାହାନ୍ତି ତ କେଉଁଠି ସେବାକାରୀ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ହସପିଟାଲ ଓ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭରଶୀଳ ସାଧାରଣ ରୋଗୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢୁଛି। ସ୍ଥଳବିଶେଷରେ ଚିକିତ୍ସା ତ୍ରୁଟି ଦର୍ଶାଇ ରୋଗୀର ପରିବାର ଓ ଆତ୍ମୀୟ ସ୍ୱଜନ ଦାୟିତ୍ୱରେ ଥିବା ଚିକିତ୍ସକ ଓ ତାଙ୍କ ସହାୟକଙ୍କୁ ଆକ୍ରମଣ କରୁଛନ୍ତି। ଏଭଳି ପରିସ୍ଥିତି ଅପେକ୍ଷାକୃତ ଅଧିକ ନିରାପଦ ଓ ସୁରକ୍ଷିତ ବ୍ୟବସ୍ଥା ମଧ୍ୟରେ ପରିଚାଳିତ ରାଜଧାନୀ ହସପିଟାଲରେ ମଧ୍ୟ ଅନୁଭୂତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ୪ ଦିନ ସମୟ ଲାଗିଥିଲା। ଅନୁରୂପ ପରିସ୍ଥିତି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଉପୁଜିଛି। ଛୋଟ ପିଲାଙ୍କ ଚିକିତ୍ସା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କୌଣସି କାରଣରୁ ସେମାନଙ୍କ ଜୀବନ ଚାଲିଗଲେ ଉତ୍ତେଜନା ଓ ହିଂସାକାଣ୍ଡ ସୃଷ୍ଟି ହୋଇଥାଏ। ଉପରୋକ୍ତ ଦୁଇଟି ଯାକ କ୍ଷେତ୍ରରେ ଶିଶୁମୃତ୍ୟୁ ହିଁ ବିବାଦର ମୁଖ୍ୟ କାରଣ।

ସୋମବାର କ୍ୟାପିଟାଲ ହସପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଅଟୋଚାଳକଙ୍କ ପିଲାର ମୃତ୍ୟୁ ଘଟଣାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେଠାରେ ଥିବା ଫାଣ୍ଡି ଅଧିକାରୀ ଓ ପୁଲିସକର୍ମୀ କେବଳ ଦେଖଣାହାରି ପାଲଟିଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିବା ହିଂସାକାଣ୍ଡର ତୁରନ୍ତ ସମାଧାନ ହୋଇ ପାରିନଥିଲା। ଅପରାହ୍ନ ୫ଟାରେ ତନଖି ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାକ୍ରମ ସଂପର୍କରେ ପଚାରି ଚାଲିଯାଇଥିଲେ। ଏହି ଆକ୍ରମଣ ଘଟଣାକୁ କେନ୍ଦ୍ର କରି ହସପିଟାଲରେ ୩ ଦିନ ଧରି ଅଚଳାବସ୍ଥା ଲାଗିରହିଥିଲେ ମଧ୍ୟ ପରିସ୍ଥିତି ସୁଧୁରି ନଥିଲା। ଚତୁର୍ଥ ଦିନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆକ୍ରମଣକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ସ୍ୱାଭାବିକତା ଫେରିଛି। କ୍ୟାପିଟାଲ ହସପିଟାଲକୁ ମେଡିକାଲ କଲେଜର ମର୍ଯ୍ୟାଦା ଦିଆଯାଇଥିବାରୁ ତାହାର ଗୁରୁତ୍ୱ ବଢ଼ିଛି। ଅଥଚ ସେଠାରେ ଥିବା ଫାଣ୍ଡି ସହ ସଂଯୁକ୍ତ ଥିବା ଏକ ପ୍ଲାଟୁନ ପୁଲିସ ବାହିନୀକୁ କେଉଁ ପରିସ୍ଥିତିରେ ପ୍ରତ୍ୟାହାର କରିଦିଆଯାଇଥିଲା ତାହା ଆମକୁ ଅଜଣା। ଏବେ ପ୍ରଶାସନ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଛନ୍ତି। ଆମର ଏଠାରେ କହିବାର କଥା ଯେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅପରିବର୍ତ୍ତୀ ରହିବା ଜରୁରୀ। ଏହି ଛୋଟିଆ ଭୁଲରୁ କ୍ୟାପିଟାଲ ହସପିଟାଲରେ ଲଙ୍କାକାଣ୍ଡ ଘଟିଗଲା, ଆମେ ସେଥିପାଇଁ କାହାକୁ ଦାୟୀ କରିବା? ଏବେ ଆସିବା ନୟାଗଡ଼ ପ୍ରସଙ୍ଗକୁ। ଗୋଟିଏ ଅଢ଼େଇମାସର ଶିଶୁକୁ ଟିକା ଦେବାରେ ତ୍ରୁଟି ହେଉକି ଅନ୍ୟକିଛି, ଟିକା ସ୍ଥାନରୁ କ୍ରମାଗତ ରକ୍ତସ୍ରାବ ଘଟିବା ଅଭିଭାବକଙ୍କ ପାଇଁ ନିଶ୍ଚୟ ଚିନ୍ତା ଓ ଉଦ୍‌ବେଗର ବିଷୟ। ଏଏନଏମ ସ୍ତରରେ ହେଉଥିବା ତ୍ରୁଟିକୁ ମୁଖ୍ୟ ଚିକିତ୍ସାଳୟ ସ୍ୱତନ୍ତ୍ର ଚିକିତ୍ସା ମାଧ୍ୟମରେ ସୁଧାରି ପାରିଥା'ନ୍ତେ। ଏକ୍ଷେତ୍ରରେ ଯଥୋଚିତ ଗୁରୁତ୍ୱ ଦିଆ ନଯିବାରୁ ଶିଶୁଟିର ମୃତ୍ୟୁ ଘଟିଲା। ତେଣୁ ପରବର୍ତ୍ତୀ ପରିସ୍ଥିତି ଯାହା ହେବା କଥା ତାହା ହିଁ ସେଠାରେ ଉପୁଜିଲା। ଠିକାରେ ନିଯୁକ୍ତି ଏଏନଏମ ମାସ ମାସ ଧରି ବେତନ ନପାଇ ଏକନିଷ୍ଠ ସେବା ଦେଇ ନପାରିବାରେ ମଧ୍ୟ ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା କାହାର ଜୀବନ ବିନିମୟରେ ହେବା ଉଚିତ ନୁହେଁ। ନିକଟ ଅତୀତରେ ଚିକିତ୍ସା ଅବହେଳା ସକାଶେ ସେଠାରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ବ୍ୟବସ୍ଥା ସୁଧାରିବାରେ ଏହା ଏକମାତ୍ର ବିକଳ୍ପ ନୁହେଁ।

ଏହି ଦୁଇଟି ଘଟଣା ଉପସ୍ଥାପନ କଲା ବେଳେ କଲକାତାର ଆରଜି କର ହସପିଟାଲ ଘଟଣା ସ୍ୱତଃ ସାମ୍ନାକୁ ଆସିଯାଉଛି। ଚିକିତ୍ସାକେନ୍ଦ୍ର ବା ହସପିଟାଲ ରଣକ୍ଷେତ୍ର ବା ଅପରାଧୀଙ୍କ ଆଡ୍ଡାସ୍ଥଳ ହେବାକୁ ଦିଆଯିବ ନାହିଁ। ସାର୍ବଭାରତୀୟ ସ୍ତରରେ ଯେଉଁ ନିର୍ଦ୍ଦେଶାବଳୀ ଅନୁପାଳନ ସକାଶେ କଠୋର ତାଗିଦ୍ କରାଯାଇଥିଲା ତାହା ଆମରାଜ୍ୟରେ କାର୍ଯ୍ୟକାରୀ ହେଉଛି ତ? ଆମେ ଯେଉଁ ଘଟଣା ଏଠାରେ ଉପସ୍ଥାପନ କରିଛୁ ତାହା ବିରଳ ଘଟଣା ନୁହେଁ। ବିଭିନ୍ନ ସ୍ଥାନରେ ତାହା ଉପୁଜୁଛି। ସରକାର ସେଥିପ୍ରତି ସଚେତନ ହେବା ଉଚିତ। ●

## ଶାସକର ଦରବାର ଊର୍ଦ୍ଧ୍ୱରେ ଶାସିତର ଦରବାର

ମନୋରଂଜନ ମହାନ୍ତି

ଇତିହାସ ସାକ୍ଷୀ, ପୃଥିବୀରେ ଯେଉଁ ରାଷ୍ଟ୍ରରେ ଶାସନକର୍ତ୍ତାମାନେ ସାଧାରଣ ଜନତାକୁ ଶୋଷଣ କରିଛନ୍ତି, ସେଠି ବିଦ୍ରୋହର ନିଆଁ ଜଳିଛି। ଅତୀତରେ ରୁଷିଆରେ ଜାର୍ ବିରୋଧରେ, ଫ୍ରାନ୍ସରେ ଷୋଡ଼ଶ ଲୁଇଙ୍କ ବିରୋଧରେ, ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗ ଶାସନ ବିରୋଧରେ, ପାକିସ୍ତାନରେ ଶାସକମାନଙ୍କ ବିରୋଧରେ ଜନସାଧାରଣ ସ୍ୱର ଜାଗ୍ରତ କରିଛନ୍ତି ଏବଂ ଅତ୍ୟାଚାରୀ ଶାସକମାନଙ୍କ ଶାସନର ଅନ୍ତ ଘଟାଇଛନ୍ତି। ଜନସାଧାରଣଙ୍କ ନେତୃତ୍ୱ ନେଇଛନ୍ତି ରୁଷିଆରେ ଲେନିନ୍, ଫ୍ରାନ୍ସରେ ଭଲ୍‌ଟାୟାର୍, ରୁଷୋ, ମଣ୍ଟେସ୍କ୍ୟୁ, ଦକ୍ଷିଣ ଆଫ୍ରିକାରେ ନେଲ୍‌ସନ୍ ମାଣ୍ଡେଲା, ପାକିସ୍ତାନରେ ମୁଜିବୁର୍ ରହେମାନ୍ ପ୍ରମୁଖ।

ସଂପ୍ରତି ପୃଥିବୀରେ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହେଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟିର ଦୃଷ୍ଟାନ୍ତ ନିଆଯାଇପାରେ - ନେପାଳ ଓ ଫ୍ରାନ୍ସ। ନେପାଳରେ ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପିତ ହେଲା ଏବଂ ୨୦୦୮ରେ ରାଜପଦ ଉଚ୍ଛେଦ ହେଲା। ୧୯୯୦ରୁ ୨୦୦୮ ପର୍ଯ୍ୟନ୍ତ ମାତ୍ର ୧୮ ବର୍ଷ ମଧ୍ୟରେ ୧୫ଜଣ ପ୍ରଧାନମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଥିଲେ। ପୁନଶ୍ଚ ୨୦୦୮ରୁ ୨୦୨୫ ଯାଏଁ ୧୭ ବର୍ଷ ମଧ୍ୟରେ ୧୨ଜଣ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଲେଣି। ଯାହା ସ୍ପଷ୍ଟଭାବରେ ସୂଚାଇ ଦେଉଛି ଗୋଟେ ରାଜନୈତିକ ଅନିଶ୍ଚିତତା, ଅରାଜକତାକୁ। ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପନ ହେବା ଦିନରୁ ଏପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳ ଆର୍ଥିକ ଲାଭ ନିମିତ୍ତ କ୍ଷମତାର ଅପବ୍ୟବହାର କରିଛନ୍ତି। ଦେଶ ସାଧାରଣତନ୍ତ୍ରରେ ପରିଣତ ହେବା ପରଠାରୁ ଆର୍ଥିକ ଦୁର୍ନୀତିର ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ବିମାନ କିଣାଠାରୁ ଆରମ୍ଭ କରି କର୍ପୋରେଟ୍ ଓ ରିଅଲ୍ ଇଷ୍ଟେଟ୍ ନିବେଶ ପର୍ଯ୍ୟନ୍ତ, ଏପରିକି ଶ୍ରମିକ ଶୋଷଣ କ୍ଷେତ୍ରରେ ସବୁଠି ଦୁର୍ନୀତି। ଚଳିତ ବର୍ଷ ପ୍ରାରମ୍ଭରେ କିଛି ନେପାଳୀ ନାଗରିକଙ୍କୁ ଭୁଟାନ୍‌ର ଶରଣାର୍ଥୀ ଭାବରେ ମିଥ୍ୟା ପରିଚୟପତ୍ର ପ୍ରଦାନ କରାଯାଇଛି ସେମାନେ ବିଦେଶରେ ବାସକରିବା ନିମିତ୍ତ। ପ୍ରାୟ ୧ଲକ୍ଷ ସେହିଭଳି ମିଥ୍ୟା ପରିଚୟପତ୍ରଧାରୀ ଏବେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଇତ୍ୟାଦି ରାଷ୍ଟ୍ରରେ ବାସ କରୁଛନ୍ତି। ନିଜ ଦେଶରେ ବେକାରୀ, ବେରୋଜଗାରୀ ବଢୁଥିବାରୁ ନେପାଳୀମାନେ ଅନ୍ୟ ରାଷ୍ଟ୍ରକୁ ପଳାଇଯିବାକୁ ପସନ୍ଦ କରୁଛନ୍ତି। ଅଧିକାଂଶ ରାଜନେତା ନିଜ ପରିବାରର ଲୋକଙ୍କୁ ଏବଂ ପ୍ରିୟ ପରିଚିତମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ଅବସ୍ଥାପିତ କରୁଛନ୍ତି କିମ୍ବା ସେମାନଙ୍କୁ ବ୍ୟବସାୟ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସାଧାରଣ ପାରିବାରିକ ପୃଷ୍ଠଭୂମି ଥିବା ଅନେକ ରାଜନେତା ରାଜନୀତିକୁ ମାଧ୍ୟମ କରି ସ୍ୱଳ୍ପକାଳ ମଧ୍ୟରେ ନିଜ ପାଇଁ ରାଜକୀୟ ପ୍ରାସାଦ ନିର୍ମାଣ କରୁଛନ୍ତି, ବିଳାସପୂର୍ଣ୍ଣ କାର୍ କିଣୁଛନ୍ତି, ନିଜର ବ୍ୟବସାୟିକ ପ୍ରତିଷ୍ଠାନରେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି। ସେମାନଙ୍କ ପିଲାମାନେ ଯେଉଁଭଳି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଛନ୍ତି ତା'କୁ ଦେଖି ସାଧାରଣ ଜନତା ବିରକ୍ତି ଓ କ୍ରୋଧ ପ୍ରକାଶ କରିବା ସ୍ୱାଭାବିକ।

ନେପାଳର ରାଜନୈତିକ ନେତୃତ୍ୱ ଓ ଅମଲାତନ୍ତ୍ରରେ ଉତ୍ତରଦାୟିତ୍ୱର ଅଭାବ, କୁଶାସନ, ବ୍ୟାପକ ଭ୍ରଷ୍ଟାଚାର, ଜ୍ଞାତିପକ୍ଷପାତିତା ବିରୋଧରେ ଦେଶର ଯୁବଗୋଷ୍ଠୀ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମରେ ସ୍ୱର ଉତ୍ତୋଳନ କଲେ। ପ୍ରଧାନମନ୍ତ୍ରୀ କେ.ପି. ଓଲି ଓ ମନ୍ତ୍ରୀ, ଶାସନକର୍ତ୍ତାମାନେ ଏ ପ୍ରକାର ସମାଲୋଚନାକୁ ସହିପାରିଲେ ନାହିଁ, ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କଲେ। ଯୁବଗୋଷ୍ଠୀ ବିଦ୍ରୋହର ପନ୍ଥା ଅବଲମ୍ବନ କରିବାରୁ ପୁଲିସ୍‌ବାହିନୀ ଗୁଳି ଚଳାଇଲା, ସାଧାରଣ ଜନତା ଓ ଯୁବଛାତ୍ରମାନେ ମୃତାହତ ହେଲେ। ବିଦ୍ରୋହୀମାନେ କିଛି ରାଜନେତା ଏପରିକି ସାଂସଦ, ମନ୍ତ୍ରୀଙ୍କୁ ପ୍ରହାର କଲେ ଏବଂ ସେମାନଙ୍କ ବାସଗୃହରେ ନିଆଁ ଲଗାଇଦେଲେ।

ତେଣେ ଫ୍ରାନ୍ସରେ ରାଷ୍ଟ୍ରନାୟକ ମାକ୍ରନ୍‌ଙ୍କ ସ୍ୱେଚ୍ଛାଚାରିତା ସବୁ ସୀମା ଲଂଘନ କରିଛି। ମାତ୍ର ୧୨ମାସରେ ଜଣକ ପରେ ଜଣେ ୪ଜଣ ପ୍ରଧାନମନ୍ତ୍ରୀ-ପଦରେ ନିଯୁକ୍ତ ହୋଇଛନ୍ତି। ବିବାଦୀୟ ବଜେଟ୍ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେଲେ, ପରାସ୍ତ ହେଲା ପରେ ପଦଚ୍ୟୁତ ହେଲେ। ତରବରିଆ ଭାବେ ଆଉ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଅବସ୍ଥାପିତ କରାଗଲା। ଗୋଟିଏ ବର୍ଷର ଅବଧିରେ ୪ଜଣ ପ୍ରଧାନମନ୍ତ୍ରୀ ଆସନରେ ବସିବା ଏବଂ ତ୍ରୁଟିପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ହେବା କଥାକୁ ସାଧାରଣ ଲୋକେ ବରଦାସ୍ତ କରିପାରୁନାହାନ୍ତି। ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜନସାଧାରଣ ବିଶେଷତଃ ଛାତ୍ରଯୁବସମାଜ ରାଜରାସ୍ତାକୁ ଆସିବା ଓ ପୋଡ଼ାଜଳା କରିବା ଘଟଣା ସମଗ୍ର ବିଶ୍ୱକୁ ମନେପକାଇ ଦେଉଛି ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବର କଥା। ଷୋଡ଼ଶ ଲୁଇଙ୍କ ଅବହେଳା, ଅତ୍ୟାଚାରରେ ଅତିଷ୍ଠ ହେଲେ ସାଧାରଣ ବୁଭୁକ୍ଷୁ ଜନତା। ଶାସକ ଓ ତାଙ୍କ ସମର୍ଥିତ ମୁଷ୍ଟିମେୟ ପଦଲେହନକାରୀଙ୍କ ବିଳାସ, ବ୍ୟସନ ଥିଲା ଆକାଶଛୁଆଁ। ସେମାନଙ୍କ ବିରୋଧରେ ସଂଘଟିତ ହେଲା ଗୋଟେ ବିପ୍ଳବ। 'ସ୍ୱାଧୀନତା', 'ସମାନତା' ଓ 'ଭ୍ରାତୃତ୍ୱ'ର ସ୍ଲୋଗାନ୍ ଥିଲା ତତ୍କାଳୀନ ବିପ୍ଳବର ମୂଳମନ୍ତ୍ର।

ବିଶ୍ୱ ଇତିହାସରେ ଏପରି ରାଶିରାଶି ଦୃଷ୍ଟାନ୍ତ ରହିଛି। ଚୀନ୍‌ର ଶାସକଗୋଷ୍ଠୀ ତିଆନାନ୍‌ମେନ୍ ସ୍କୋୟାର୍‌ରେ ଗୁଳିଚଳାଇ ଯୁବଛାତ୍ରମାନଙ୍କୁ ହତ୍ୟା କରିବାର ବୀଭତ୍ସତା ଏବେ ବି ବିଶ୍ୱଜନମାନସରୁ ଲିଭିଯାଇ ନାହିଁ। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ସମର୍ଥନ କରି ପ୍ରତ୍ୟକ୍ଷଭାବରେ ଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିବାରୁ ଗାଓସିନ୍‌ଝିଆନ୍‌ଙ୍କୁ ଚୀନ୍‌ରୁ ବହିଷ୍କାର କରାଯାଇଛି। ସେହିପରି ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଆଲେକ୍‌ଜାଣ୍ଡାର୍ ଶୋଲ୍‌ଝେନିତ୍‌ସିନ୍ ରୁଷିଆରୁ, ସାନି ଆବାଚାଙ୍କ ସ୍ୱୈରଚାର ବିରୋଧରେ ବିପ୍ଳବ କରି ୱଲ୍ ସୋୟିଙ୍କା ନାଇଜେରିଆରୁ, ଆଣ୍ଟୋନିଓ ସାଲ୍‌ଜାର୍‌ଙ୍କ କୁ-ଶାସନ ବିରୋଧରେ ବିଷୋଦ୍‌ଗାର କରି ଜୋସ୍ ସାରାମାଗୋ ପର୍ତ୍ତୁଗାଲ୍‌ରୁ ନିର୍ବାସିତ ହୋଇଛନ୍ତି। ରୁଷିଆରେ ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିଥିବାରୁ ମାଣ୍ଡେଲ୍‌ଷ୍ଟାମ୍ କାରାରୁଦ୍ଧ ହୋଇଛନ୍ତି। ଦକ୍ଷିଣ-ଆଫ୍ରିକାରେ ଶ୍ୱେତକାୟମାନଙ୍କ ଅକଥନୀୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ନେଲ୍‌ସନ୍ ମାଣ୍ଡେଲା ବିଶ୍ୱଇତିହାସରେ ସର୍ବାଧିକ ୨୭ବର୍ଷ କାଳ କାରାଗାରରେ ଅତିବାହିତ କରିଛନ୍ତି। ସ୍ପେନ୍‌ରେ ଶାସକଗୋଷ୍ଠୀର ଯାବତୀୟ ଅନ୍ୟାୟ, ଅବିଚାର ବିରୋଧରେ ଜନଆନ୍ଦୋଳନକୁ ତେଜୀୟାନ୍ କରିଥିବା ଲୋର୍କାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଇଂଲଣ୍ଡରେ ଶାସନକର୍ତ୍ତାମାନଙ୍କର ଭ୍ରଷ୍ଟାଚାର ବିରୋଧରେ ସାଧାରଣ ଜନତାକୁ ସଚେତନ କରୁଥିବାରୁ ଡାନିଏଲ୍ ଡିଫୋଙ୍କୁ ଲଣ୍ଡନ୍‌ରେ ଏକ ଶାସ୍ତି ପ୍ରଦାନକାରୀ ଯନ୍ତ୍ର ବା ପିଲୋରୀରେ କ୍ରମାଗତ ୩ଦିନ ଧରି ଠିଆ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନରେ ଆୟୁବ ଖାଁ, ୟାହିଆ ଖାଁ ଓ ଅନ୍ୟ ଶାସନକର୍ତ୍ତାମାନଙ୍କ ଦ୍ୱାରା ପ୍ରଣୀତ ପୂର୍ବ-ପଶ୍ଚିମ ପାକିସ୍ତାନ ମଧ୍ୟରେ ପାତରଅନ୍ତର ନୀତିକୁ ବିରୋଧ କରି ମୁଜିବୁର ରହେମାନ୍ କାରାଦଣ୍ଡ ଭୋଗିଛନ୍ତି; ଅଥଚ ସ୍ୱାଧୀନ ବଙ୍ଗଳାଦେଶ ଗଠନ ପାଇଁ ଦାବି କରି ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଘନ ଅନ୍ଧାର ରାତିରେ ଢାକା ବିଶ୍ୱବିଦ୍ୟାଳୟ ପରିସରରେ ନିଦ୍ରିତ, ନିରସ୍ତ୍ର ଛାତ୍ରମାନଙ୍କ ଉପରେ ପାକିସ୍ତାନୀ ସେନାବାହିନୀ ପ୍ରଚଣ୍ଡ ଆକ୍ରମଣ କରିଛି। ଭାରତବର୍ଷରେ ଆପତକାଳୀନ ପରିସ୍ଥିତି ସମୟରେ ସମ୍ପୂର୍ଣ୍ଣ କ୍ରାନ୍ତିର କର୍ଣ୍ଣଧାର ଜୟପ୍ରକାଶ ନାରାୟଣ ଓ ଅନ୍ୟ ନେତୃବୃନ୍ଦଙ୍କ ସମେତ ଯୁବ ଛାତ୍ରମାନେ କାରାରୁଦ୍ଧ ହୋଇଛନ୍ତି।

ଏସବୁ ସତ୍ତ୍ୱେ ପୃଥିବୀର କୌଣସି ରାଷ୍ଟ୍ରରେ ଆନ୍ଦୋଳନ ଚପିଯାଇନାହିଁ କି ଆନ୍ଦୋଳନକାରୀମାନେ ଦବିଯାଇନାହାନ୍ତି। ସାଧାରଣ ଜନତାର ବିପୁଳ ଦରବାରରେ ଶୋଷକ ଶାସକଗୋଷ୍ଠୀ ଉପଯୁକ୍ତ ଶାସ୍ତି ପାଇଛନ୍ତି। ରାଜନୀତି ଓ ଅମଲାତନ୍ତ୍ରରେ ଭ୍ରଷ୍ଟାଚାର ପାଇଁ ସର୍ବତ୍ର ସାଧାରଣ ଜନତାକୁ ଦାରୁଣ ଦୁଃଖ ଭୋଗିବାକୁ ହୋଇଛି। ଦୁଃଖ ସେମାନଙ୍କୁ କ୍ରୋଧୀ କରିଛି ଏବଂ ସେହି କ୍ରୋଧର ପ୍ରତିଫଳନ ଆନ୍ଦୋଳନକାଳରେ ଦେଖିବାକୁ ମିଳିଛି ରାଜରାସ୍ତାରେ। ଏହା ହିଁ ଘଟିଯାଇଛି ନେପାଳ, ଫ୍ରାନ୍ସ ଇତ୍ୟାଦି ରାଷ୍ଟ୍ରରେ। ସାଧାରଣ ଜନତା ସାମାଜିକ ସଂସ୍କାର ଚାହେଁ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାରରୁ ମୁକ୍ତ ହେବା ଚାହେଁ। ପୃଥିବୀର ସବୁ ରାଷ୍ଟ୍ରର ଶାସକଗୋଷ୍ଠୀ ଏ ଦିଗରେ ସଚେତନ ହେବାର କଥା। ସେମାନେ ମନେ ରଖିବାର କଥା ଯେ ଶାସକର ଦରବାର ଊର୍ଦ୍ଧ୍ୱରେ ଅବସ୍ଥିତ ଶାସିତର ଦରବାର। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ପୃଥିବୀର କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ ଉପଗ୍ରହ

ଇଂ ମାୟାଧର ସ୍ୱାଇଁ

ଆମେ ଜାଣୁ ଯେ ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। ପୃଥିବୀର ଆଦ୍ୟାବସ୍ଥାରେ ମଙ୍ଗଳ ଗ୍ରହ ଆକାରର ଗୋଟିଏ ଜ୍ୟୋତିର୍ବିଦୀୟ ପିଣ୍ଡ ସହିତ ପୃଥିବୀର ଧକ୍କା ହେବା ଫଳରେ ଏଥିରୁ କିଛିଅଂଶ ବାହାରି ଯାଇ ଚନ୍ଦ୍ରର ସୃଷ୍ଟି ହୋଇଛି। ଚନ୍ଦ୍ର ପୃଥିବୀଠାରୁ ହାରାହାରି ୩୮୪୩୯୯ କିଲୋମିଟର ଦୂରରେ ପୃଥିବୀକୁ ୨୯.୫ ଦିନରେ ଥରେ ପରିକ୍ରମଣ କରୁଛି।

ବେଳେବେଳେ ସୌରଜଗତର ଗ୍ରହାଣୁ ବଳୟରେ ଥିବା କେତୋଟି ଗ୍ରହାଣୁ ପୃଥିବୀର ନିକଟ ଦେଇ ଗତି କରିବା ବେଳେ ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପୃଥିବୀକୁ ପରିକ୍ରମଣ କରିଥା'ନ୍ତି। କିନ୍ତୁ ଏଗୁଡ଼ିକ ସ୍ଥାୟୀ ଉପଗ୍ରହ ଭାବେ ରହି ପାରନ୍ତି ନାହିଁ। କିଛିଦିନ ପୃଥିବୀକୁ ପରିକ୍ରମଣ କରି ପୁଣି ଏହାର ଆକର୍ଷଣରୁ ବାହାରି ଯାଆନ୍ତି। ଏଗୁଡ଼ିକୁ ଦୁଇଟି ଶ୍ରେଣୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଉଛି କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ- ଉପଗ୍ରହ। କ୍ଷୁଦ୍ର ଉପଗହ ପୃଥିବୀ ଚାରିପଟେ ଅଳ୍ପଦିନ ପରିକ୍ରମଣ କରିଥାଏ। ଏପରିକି କେତେଗୁଡ଼ିଏ ପୃଥିବୀକୁ ଥରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିକ୍ରମଣ କରି ନ ଥା'ନ୍ତି। ନିକଟ ଅତୀତରେ ଦେଖା ଦେଇଥିବା ଗୋଟିଏ କ୍ଷୁଦ୍ର ଉପଗ୍ରହ ହେଉଛି '୨୦୨୪ ପିଟିଏସ୍'। ଏହାର ବ୍ୟାସ ହେଉଛି ମାତ୍ର ୧୧ ମିଟର ଏବଂ ଏହାକୁ ୨୦୨୪ ମସିହା ଅଗଷ୍ଟ ୭ ତାରିଖରେ ଦକ୍ଷିଣ ଆଫ୍ରିକାରେ ଥିବା ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଆବିଷ୍କାର କରାଯାଇଥିଲା। ଏହା ୨୦୨୪ ମସିହା ସେପ୍ଟେମ୍ବର ୨୯ ତାରିଖରୁ ସେହି ବର୍ଷ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ମାତ୍ର ୧ ମାସ ୨୭ ଦିନ ପୃଥିବୀକୁ ପରିକ୍ରମଣ କରି କକ୍ଷରୁ ଚାଲି ଯାଇଥିଲା। ୨୦୨୪ ମସିହା ଅଗଷ୍ଟ ୮ ତାରିଖରେ ପୃଥିବୀଠାରୁ ଏହାର ନିକଟତମ ଦୂରତା ୫୬୭୦୦୦ କିଲୋମିଟର ଥିଲା। ଏହା ୨୦୮୪ ମସିହାରେ ପୁଣି ପୃଥିବୀକୁ ୪୩ ଦିନ ପରିକ୍ରମଣ କରିବ ବୋଲି ଗଣନା କରାଯାଇଛି। ପୂର୍ବରୁ ମଧ୍ୟ କେତୋଟି ଅସ୍ଥାୟୀ ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଛି। ବାସ୍ତବରେ ମଙ୍ଗଳ ଓ ବୃହସ୍ପତି କକ୍ଷ ମଝିରେ ଥିବା ଗ୍ରହାଣୁ ବଳୟରେ ୧୧ ଲକ୍ଷରୁ ଅଧିକ ଜଣା ଗ୍ରହାଣୁ ଅଛନ୍ତି ଏବଂ ଏଥିମଧ୍ୟରୁ ପ୍ରାୟ ୩୦ ହଜାର ଗ୍ରହାଣୁ ପୃଥିବୀ କକ୍ଷ ନିକଟକୁ ଆସିଥା'ନ୍ତି। ଯଦି କୌଣସି ଗ୍ରହାଣୁ ପୃଥିବୀର ୪୫ ଲକ୍ଷ କି.ମି ନିକଟକୁ ଧୀର ବେଗରେ ଆସିଥାଏ, ତା'ହେଲେ ପୃଥିବୀର ମାଧ୍ୟାକର୍ଷଣ ବଳ ତା'କୁ ନିଜ କକ୍ଷକୁ ଟାଣିଆଣେ। ୧୯୯୧, ୨୦୦୬, ୨୦୨୦ ଓ ୨୦୨୨ ମସିହାରେ ମଧ୍ୟ ଗୋଟିଏ ଗୋଟିଏ ଅସ୍ଥାୟୀ କ୍ଷୁଦ୍ର ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଥିଲା।

ଅର୍ଦ୍ଧ-ଉପଗ୍ରହକୁ ବାସ୍ତବ ଅର୍ଥରେ ପୃଥିବୀର ଉପଗ୍ରହ କୁହାଯାଇପାରିବ ନାହିଁ। ଏହା ପୃଥିବୀକୁ ପରିକ୍ରମଣ କରେ ନାହିଁ। କିନ୍ତୁ ଏହାର କକ୍ଷ ଓ ପୃଥିବୀର କକ୍ଷ ପ୍ରାୟ ସମାନ ଥାଏ। ଅର୍ଥାତ୍ ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବା ପାଇଁ ଯେତିକି ସମୟ ନେଇଥାଏ ଏହା ମଧ୍ୟ ପ୍ରାୟ ସେତିକି ସମୟ ନେଇଥାଏ। ଏହା ଅନେକ ବର୍ଷ ପର୍ଯ୍ୟନ୍ତ ପୃଥିବୀ କକ୍ଷ ନିକଟରେ ରହୁଥିବାରୁ ଏହାକୁ ପୃଥିବୀର ଅର୍ଦ୍ଧ-ଉପଗ୍ରହ କୁହାଯାଏ। ପ୍ରକୃତରେ ଏହା ହେଉଛି ଗୋଟିଏ ଭୂ-ସମୀପବର୍ତ୍ତୀ ଗ୍ରହାଣୁ ଏବଂ ପୃଥିବୀ ଦ୍ୱାରା ଆକର୍ଷିତ ହୋଇ ଏହା ନିକଟକୁ ଆସିଯାଇଛି।

ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇ ବିଶ୍ୱବିଦ୍ୟାଳୟର ପାନଷ୍ଟାର୍ସ ପର୍ଯ୍ୟବେକ୍ଷଣାଗାର ଦ୍ୱାରା ଗୋଟିଏ ଅର୍ଦ୍ଧ-ଉପଗ୍ରହକୁ ଆବିଷ୍କାର କରାଯାଇଛି। ଏହାର ନାମ ୨୦୨୫ ପିଏନ୍୭ ଦିଆଯାଇଛି। ଏହାର ବ୍ୟାସ ହେଉଛି ୧୯ ମିଟର। ଏହାର କ୍ଷୁଦ୍ର ଆକାର ଓ ଅନ୍ଧାରୁଆ ପୃଷ୍ଠ ଯୋଗୁଁ ଏହା ବିଷୟରେ ବିଶଦ ତଥ୍ୟ ମିଳି ପାରିନାହିଁ। ପୃଥିବୀଠାରୁ ଏହାର ନିକଟତମ ଦୂରତା ହେଉଛି ୨୯୯,୦୦୦ କିମି.। ଜ୍ୟୋତିର୍ବିଦମାନେ ଗଣନା କରି ଜାଣି ପାରିଛନ୍ତି ଯେ ଏହା ୧୯୫୭ ମସିହାରେ ପୃଥିବୀର ଅର୍ଦ୍ଧ-ଉପଗ୍ରହର ସ୍ଥାନ ନେଇଛି ଏବଂ ପୃଥିବୀ କକ୍ଷ ନିକଟରେ ଏହା ୧୨୬ ବର୍ଷ ରହିବ। ୨୦୨୫ପିଏନ୍୭ ପୃଥିବୀର ପ୍ରଥମ ଅର୍ଦ୍ଧ ଉପଗ୍ରହ ନୁହେଁ। ଏହା ପୂର୍ବରୁ ମଧ୍ୟ ଆଉ କେତୋଟି ଅର୍ଦ୍ଧ-ଉପଗ୍ରହ ଜଣାଅଛି। ଗୋଟିଏ ଅର୍ଦ୍ଧ-ଉପଗ୍ରହ ହେଉଛି କାମୁଏ ଲେୱା। ଏହାକୁ ମଧ୍ୟ ପାନଷ୍ଟାର୍ସ୍ ପର୍ଯ୍ୟବେକ୍ଷଣାଗାରରୁ ୨୦୧୬ ମସିହା ଅପ୍ରେଲ ୨୭ ତାରିଖରେ ଆବିଷ୍କାର କରାଯାଇଥିଲା। ଏହାକୁ ଆରମ୍ଭରେ ୨୦୧୬ ଏଚ୍‌ଓ୩ ନାମ ଦିଆଯାଇଥିଲା। ମାତ୍ର ୨୦୧୯ ମସିହାରେ ଏହାର ନାମ କାମୁଏଲେୱା ରଖାଯାଇଛି। ଏହାର ବ୍ୟାସ ୪୦ ରୁ ୧୦୦ ମିଟର ମଧ୍ୟରେ ଆକଳନ କରାଯାଇଛି। ଏହା ସୂର୍ଯ୍ୟକୁ ୦.୯ରୁ ୧.୧ ମହାଜାଗତିକ ଏକକ ଦୂରତାରେ ପରିକ୍ରମଣ କରୁଛି। ପୃଥିବୀଠାରୁ ସୂର୍ଯ୍ୟର ହାରାହାରି ଦୂରତାକୁ ଏକ ମହାଜାଗତିକ ଏକକ କୁହାଯାଏ। ସୂର୍ଯ୍ୟ ଚାରିପଟେ ଏହାର ପରିକ୍ରମଣ ସମୟ ହେଉଛି ୩୬୫.୭ ଦିନ; ଅର୍ଥାତ୍ ପୃଥିବୀର ପରିକ୍ରମଣ ସହିତ ସମାନ। ଏହାର କକ୍ଷପଥ ଅତିମାତ୍ରାରେ ଉପବୃତ୍ତୀୟ ହୋଇଥିବାରୁ ଏହା ସର୍ବଦା ପୃଥିବୀ କକ୍ଷ ସହିତ ସମାନ କକ୍ଷରେ ରହିନଥାଏ। ଏହା ଗତ ଶହେ ବର୍ଷ ଧରି ପୃଥିବୀର ସାଥୀ ହୋଇ ରହିଛି ଏବଂ ଅତିକମ୍‌ରେ ଆହୁରି ତିନି ଶହ ବର୍ଷ ପାଇଁ ଏହିପରି ଭାବେ ରହିବ।

କକ୍ଷୀୟ ଅନୁନାଦ ଅଧ୍ୟୟନ ଏବଂ ଭୂ-ସମୀପବର୍ତ୍ତୀ ଗ୍ରହାଣୁଗୁଡ଼ିକର ଗଠନକୁ ଜାଣିବା ପାଇଁ ଅର୍ଦ୍ଧ-ଉପଗ୍ରହ ହେଉଛି ଗୋଟିଏ ପ୍ରାକୃତିକ ପରୀକ୍ଷାଗାର। ଏହି ଲକ୍ଷ୍ୟ ନେଇ ଚୀନ୍ ୨୦୨୫ ମସିହା ମେ ୨୮ ତାରିଖରେ ଟିଆୱେନ-୨ ଯାନକୁ ମହାକାଶକୁ ଉତ୍‌କ୍ଷେପଣ କରିଛି। ଏହା କାମୁଏଲେୱା ନିକଟରେ ୨୦୨୬ ମସିହା ଜୁଲାଇ ମାସରେ ପହଞ୍ଚି ଏହା ପୃଷ୍ଠରୁ ନମୁନା ସଂଗ୍ରହ କରିବ ଏବଂ ନମୁନାକୁ ୨୦୨୭ ମସିହା ନଭେମ୍ବର ମାସରେ ପୃଥିବୀ ପୃଷ୍ଠକୁ ପଠାଇବ। ସେଥିରୁ ତାହାର ଗଠନ ସମ୍ବନ୍ଧରେ ବିଶଦ ତଥ୍ୟ ଜଣାପଡ଼ିବ ବୋଲି ଆଶା କରାଯାଉଛି। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ତିବ୍ବତରେ ବୌଦ୍ଧ ବିହାର

ପ୍ରବୀର କୁମାର ପଟ୍ଟନାୟକ

ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ବୌଦ୍ଧବିହାରଗୁଡ଼ିକ ସହର, ନଗର ଓ ଗ୍ରାମଠାରୁ ଅଳ୍ପଦୂରରେ ହିଁ ଅବସ୍ଥିତ। ପ୍ରାୟତଃ ଅଧିକାଂଶ ବୌଦ୍ଧବିହାର ପାହାଡ଼ ଉପରି ଭାଗରେ ହିଁ ନିର୍ମିତ। ତିବ୍ବତରେ କାଠର ଘୋର ଅଭାବ ଯାଗୁଁ ବୌଦ୍ଧବିହାରଗୁଡ଼ିକ ପଥର ଓ ଖରାରେ ଶୁଖିଥିବା ଇଟା ବ୍ୟବହାର କରି ନିର୍ମାଣ କରାଯାଏ। ବିହାରଗୁଡ଼ିକର ଛାତ ପ୍ରାୟ ସମତଳ ଏବଂ କେତେକ ଚୀନ-ଶୈଳୀରେ ନିର୍ମିତ। ସମଗ୍ର ତିବ୍ବତରେ ଚାରିଆଡ଼େ ଖେଳାଇ ହୋଇ ପ୍ରାୟ ତିନିଶହରୁ ଅଧିକ ବୌଦ୍ଧବିହାର ଅବସ୍ଥିତ। ଏଗୁଡ଼ିକ ହେଉଛନ୍ତି ତିବ୍ବତୀୟ ସଂସ୍କୃତି ଓ ପରମ୍ପରାର କେନ୍ଦ୍ର ତଥା ଆଶ୍ରୟ ସ୍ଥଳ।

ଏହି ବିହାର ମଧ୍ୟରୁ ଅନେକ ବିଶାଳ ଆୟତନର। ଏଥିମଧ୍ୟରୁ କେତେକ ତିନି ହଜାରରୁ ଆରମ୍ଭ କରି ଦଶ ହଜାର ସଂଖ୍ୟକ ବୌଦ୍ଧ ଭିକ୍ଷୁ ବା ଲାମାଙ୍କର ରହଣି ସ୍ଥଳ। ବୃହତ୍ ଆକାରର ବିହାରଗୁଡ଼ିକରେ ଧାଡ଼ି ଧାଡ଼ି ଲାମାଙ୍କ ଆଶ୍ରୟ କୋଠରି ସବୁ ରହି ଏବଂ ଦୁଇ ବା ତିନି ମହଲା ବିଶିଷ୍ଟ କୋଠା ଓ ଚାରିପାଖେ ରହିଥିବା ବଡ଼ ବଡ଼ ଅଗଣା ରହି ଗୋଟିଏ ଗୋଟିଏ ସହର ଭଳି ଦେଖାଯାଏ। ଏହିଭଳି ବିଶାଳ ବିହାରଗୁଡ଼ିକର ସୁପରିଚାଳନା ହିଁ ଦେଶର ଶାସନ ବ୍ୟବସ୍ଥା ଲାମାମାନେ ନେଇଥିବାର ମୁଖ୍ୟ କାରଣ।

ବିହାର ଅବସ୍ଥିତ ଥିବା ସ୍ଥାନଟି ଅତ୍ୟନ୍ତ ସୁଦୃଶ୍ୟ। ସାଧାରଣତଃ ଏହାର ଦ୍ୱାର ପୂର୍ବଦିଗକୁ ଅଥବା ଦକ୍ଷିଣ ଦିଗକୁ ଖୋଲାଥାଏ। ଅନେକ ସ୍ଥଳରେ ଏହା ପାହାଡ଼ ଉପରେ ନଦୀ କୂଳରେ ଏବଂ ସାମନାରେ ହ୍ରଦଟିଏ ରହିଥିବା ସ୍ଥାନରେ ନିର୍ମିତ ହୋଇଥାଏ। ପ୍ରତ୍ୟେକଟି ବିହାରର ଚାରିପାଖରେ ବଗିଚା ମଧ୍ୟ ରହିଥାଏ। ବିହାରଗୁଡ଼ିକର ନାମକରଣ ଭାରତର ପ୍ରସିଦ୍ଧ ବୌଦ୍ଧ ବିହାର ନାମରେ ନାମିତ ହୋଇଥାଏ। ବିହାରଗୁଡ଼ିକର ସ୍ଥାପତ୍ୟ ସେହିଭଳି ଭାରତୀୟ ଶୈଳୀର। ତିବ୍ବତର ସମସ୍ତ ବୌଦ୍ଧ ବିହାରରେ ଲାମାମାନଙ୍କୁ ପ୍ରାଥମିକ ଶିକ୍ଷା ଦିଆଯାଇଥାଏ। ଧାର୍ମିକ ଶିକ୍ଷା ବ୍ୟତୀତ ସାହିତ୍ୟ, ବ୍ୟାକରଣ, ଚିକିତ୍ସାବିଦ୍ୟା, ଖୋଦେଇ ବିଦ୍ୟା (ଧାତୁ ଓ କାଠ), ରଙ୍ଗ କରିବା ଓ ଚିତ୍ରାଙ୍କନ ଆଦି ବିଭିନ୍ନ ଶିକ୍ଷା ଦିଆଯାଇଥାଏ। ଏହି ବିହାରରେ ଶିକ୍ଷା ଦାନ ମୁଖ୍ୟତଃ ଯେଉଁମାନେ ସଂଘରେ ପ୍ରବେଶ କରିଥା'ନ୍ତି, ସେମାନଙ୍କ ପାଇଁ ସାଧାରଣ ଲୋକଙ୍କ ପାଇଁ ନୁହେଁ। ଅନେକ ବଡ଼ ବଡ଼ ବିହାରରେ ବିଶ୍ୱବିଦ୍ୟାଳୟ ରହିଛନ୍ତି। ସମସ୍ତ ବିହାର ତଥା ବିଶ୍ୱବିଦ୍ୟାଳୟ ହେଉଛନ୍ତି ଆବାସିକ ଏବଂ ସମସ୍ତଙ୍କ ପାଇଁ ଭୂମି ଖଞ୍ଜା ଯାଇଛି। ଏହା ବ୍ୟତୀତ ଭକ୍ତ ଓ ତୀର୍ଥାଳୁମାନେ ମଧ୍ୟ ଏଗୁଡ଼ିକକୁ ସ୍ୱଇଚ୍ଛାରେ ଦାନ କରିଥା'ନ୍ତି। ଅମଳ ସମୟରେ ଲାମାମାନେ ଗ୍ରାମ ଗ୍ରାମ ବୁଲି ମଧ୍ୟ ଶସ୍ୟ ସଂଗ୍ରହ କରିଥା'ନ୍ତି। ଏହାବ୍ୟତୀତ ମନ୍ତ୍ରପାଠ, ଛବି ଓ ମୂର୍ତ୍ତି ଇତ୍ୟାଦି ବିକ୍ରି ସହ ଜାତକ ପ୍ରସ୍ତୁତି ଏବଂ ଜନ୍ମ, ବିବାହ, ମୃତ୍ୟୁ, ଚିକିତ୍ସା ସମୟରେ ପୂଜା- ଉପାସନା କାର୍ଯ୍ୟ ମଧ୍ୟ ଲାମାମାନେ କରିଥା'ନ୍ତି। ଏହାବ୍ୟତୀତ ଲାମାମାନେ ବିଭିନ୍ନ ଜିନିଷର ବ୍ୟବସାୟ ବାଣିଜ୍ୟ ସହ ମହାଜନୀ କାରବାର ମଧ୍ୟ କରିଥା'ନ୍ତି। ଏହି ସବୁ ଦିଗରୁ ବୌଦ୍ଧ ବିହାରଗୁଡ଼ିକର ବିପୁଳ ଆୟ ହୋଇଥାଏ। ବିହାରଗୁଡ଼ିକରେ ରହୁଥିବା ଲାମାମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ସଂଖ୍ୟକ ନିୟମିତ ବିଦ୍ୟାର୍ଥୀ ଏବଂ ଅନ୍ୟମାନେ ସେବକ ଅଥବା ସହାୟକ କାର୍ଯ୍ୟ କରିଥା'ନ୍ତି।

ପ୍ରତି ବୌଦ୍ଧ ବିହାରରେ ଗୋଟିଏ ବୌଦ୍ଧ ମନ୍ଦିର ରହିଛି। ତିବ୍ବତୀୟ ଭାଷାରେ ଏହି ମନ୍ଦିରକୁ ଲା-ଖନ୍ (ଈଶ୍ୱରଙ୍କ ଗୃହ) କୁହାଯାଏ। ମନ୍ଦିର ସାଧାରଣତଃ ବିହାରର କେନ୍ଦ୍ରସ୍ଥଳରେ ରହିଥାଏ ଏବଂ ମନ୍ଦିରଟି ବିହାରର ସବୁଠାରୁ ଅଧିକ ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଉପାସନା ସ୍ଥଳ ହୋଇଥାଏ। ବିଶାଳ ବିହାରଗୁଡ଼ିକରେ ଏକାଧିକ ମନ୍ଦିର ଥାଏ। ବିନା ମନ୍ଦିରରେ କୌଣସି ବୌଦ୍ଧ ବିହାର ନାହିଁ। ମନ୍ଦିରଗୁଡ଼ିକରେ ଥିବା ପ୍ରତିମାସବୁ ମୁଖ୍ୟତଃ ବୁଦ୍ଧ, ବୋଧିସତ୍ତ୍ୱ, ଅନ୍ୟ ଦେବଦେବୀ, ତାନ୍ତ୍ରିକ ଓ ଅଣ-ତାନ୍ତ୍ରିକ ବୌଦ୍ଧାଚାର୍ଯ୍ୟଗଣ ଅନ୍ୟାନ୍ୟ ଏତିହାସିକ ବ୍ୟକ୍ତିମାନଙ୍କର ହୋଇଥାଏ। ପ୍ରତିମାଗୁଡ଼ିକ ପ୍ରାୟତଃ ଉଜ୍ଜ୍ୱଳ ଦିଶୁଥିବା ତମ୍ବା ଧାତୁରେ ନିର୍ମିତ। ଲାମାମାନେ ଦିନରେ ଏକାଧିକବାର ମନ୍ଦିରରେ ଜମା ହୋଇ ମନ୍ତ୍ରୋଚ୍ଚାରଣ କରନ୍ତି। ପ୍ରତିମାଗୁଡ଼ିକ ବ୍ୟତୀତ ମନ୍ଦିରର କାନ୍ଥ ସବୁ ରଙ୍ଗୀନଭାବେ ଦେବଦେବୀଙ୍କର ଓ ଆଚାର୍ଯ୍ୟମାନଙ୍କର ଚିତ୍ରରେ ଭରି ରହିଥାଏ। ଏହି ପ୍ରତିମା ଓ ଚିତ୍ରପଟମାନ ଉଚ୍ଚମାନର ତିବ୍ବତୀୟ କଳାଶୈଳୀର ପ୍ରତୀକ। ଏଗୁଡ଼ିକସବୁ ଦୀର୍ଘସ୍ଥାୟୀ ତଥା ହୃଦୟଗ୍ରାହୀ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରକାଶ ପାଇଲା ଆର୍‌ଆଇ, ଅମିନ ଆଡ୍‌ମିଟ୍ କାର୍ଡ

ଭୁବନେଶ୍ୱର, ୨୬।୯(ସମିସ): ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଜାରି ହୋଇଛି। ଆସନ୍ତା ୮ ତାରିଖରୁ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ଦିନକୁ ୩ଟି ଲେଖାଏଁ ସିଫ୍ଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ପ୍ରଥମ ସିଫ୍ଟ ସକାଳ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱିତୀୟ ସିଫ୍ଟ ୧୨ଟାରୁ ୧.୩୦ଏବଂ ତୃତୀୟ ସିଫ୍ଟ ୩ ଟାରୁ ୪.୩୦ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଆରମ୍ଭ ହେବାର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିପାରିବେ। ସେହିପରି ପରୀକ୍ଷା ଆରମ୍ଭର ୨୦ମିନିଟ୍ ପୂର୍ବରୁ ଗେଟ୍ ବନ୍ଦ କରାଯିବ। କମ୍ପ୍ୟୁଟର ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆରଇ) ମାଧ୍ୟମରେ ପରୀକ୍ଷା ହେବ। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

**୩ଟି ସିଫ୍ଟରେ ନଭେମ୍ବର ୧୩ ପର୍ଯ୍ୟନ୍ତ ପରୀକ୍ଷା**

ମୂଳରୁ ଏହି ପରୀକ୍ଷା ବିବାଦୀୟ ହୋଇଛି। ପୂର୍ବରୁ ହୋଇଥିବା ପ୍ରଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାବେଳେ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରିଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷା ଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଫଳରେ ଆବେଦନ କରିଥିବା ୫ଲକ୍ଷ ୫୮ହଜାର ୧୨୮ ଆବେଦନକାରୀ ପୁଣିଥରେ ପରୀକ୍ଷା ଦେଇପାରିବେ।

# ୩୫ ସାଂଗଠନିକ ଜିଲ୍ଲା ସଭାପତି ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲାସଭାପତିଙ୍କ ନାଁ ଘୋଷଣା କରିଛି କଂଗ୍ରେସ। ପ୍ରଥମ ଥର ପାଇଁ ଓଡ଼ିଶାରେ ସଂଗଠନ ସୃଜନ ପ୍ରକ୍ରିୟାରେ ଚୟନ ହୋଇଥିବା ସଭାପତି ତାଲିକା ଉପରେ ଏଆଇସିସି ମୋହର ମାରିଛି।

ଅନୁଗୁଳ ଜିଲ୍ଲା ପାଇଁ ସୁନିଲ ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ବାଲେଶ୍ୱର ପାଇଁ ସତ୍ୟଶିବ ଦାସ, ବରଗଡ଼ ହରଦୀପ ସିଂ, ଭଦ୍ରକ ନଳୀନିକାନ୍ତ ମହାନ୍ତି, ଭୁବନେଶ୍ୱର ପ୍ରକାଶ ଚନ୍ଦ୍ର ଜେନା, ବଲାଙ୍ଗିର ଅନୀଲ୍ ମେହେର, ବୌଦ୍ଧ ବିନ୍ଧ୍ୟବାନି ସାହୁ, କଟକ ପ୍ରଦୀପ୍ତ କୁମାର ଦାସ, କଟକ ନଗର ପାଇଁ ଗିରିବାଳା ବେହେରା, ଦେବଗଡ଼ ସେମ୍ ହେମ୍ବ୍ରମ, ଢେଙ୍କାନାଳ ଛବିରାଜ ବିଶ୍ୱାଳ, ଗଜପତି ଦାଶରଥି ଗମାଙ୍ଗୋ, ଗଞ୍ଜାମ (ପୂର୍ବ) ରଶ୍ମିରଞ୍ଜନ ପଟ୍ଟନାୟକ, ଗଞ୍ଜାମ (ପଶ୍ଚିମ) ରମେଶ ଚନ୍ଦ୍ର ଜେନା, ଜଗତସିଂହପୁର ଦେବପ୍ରସାଦ ନାୟକ, ଯାଜପୁର ମାଗୁଣି ବଟକୃଷ୍ଣ ଜେନା, ଝାରସୁଗୁଡ଼ା ଜୀବନ ସାର୍ଥକ ଦାସ, କଳାହାଣ୍ଡି ଜଳନ୍ଧର ନାୟକ, କନ୍ଧମାଳ ଚନ୍ଦ୍ରଶେଖର ପରିଡ଼ା, କେନ୍ଦ୍ରାପଡ଼ା ଡା. ଦେବସ୍ମିତା ଶର୍ମା, କେନ୍ଦୁଝର ମନୋଜ କୁମାର ଜେନା, ଖୋର୍ଦ୍ଧା ରାଜୀବ କୁମାର ପଟ୍ଟନାୟକ, କୋରାପୁଟ ରୂପକ ତୁର୍କୁ, ମାଲକାନଗିରି ଜି ଶ୍ରୀନିବାସ ରାଓ, ମୟୂରଭଞ୍ଜ ପୂର୍ବ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମୟୂରଭଞ୍ଜ ପଶ୍ଚିମ ଭୂଷଣ ବିହାରୀ ସାହୁ, ନବରଙ୍ଗପୁର ଡା ଲିପିକା ମାଝୀ, ନୟାଗଡ଼ ରଞ୍ଜିତ ଦାସ, ନୂଆପଡ଼ା ଘାସିରାମ ମାଝୀ, ପୁରୀ ରାଜେଶ କୁମାର ମିଶ୍ର, ରାୟଗଡ଼ା ଆପାଲ୍ଲା କାଡ୍ରାକା ସ୍ୱାମୀ, ରାଉରକେଲା ସବିର ହୁସେନ୍, ସମ୍ବଲପୁର ଅମିତ କୁମାର ଗୁରୁ, ସୁବର୍ଣ୍ଣପୁର ବିନୋଦ ପାତ୍ର ଓ ସୁନ୍ଦରଗଡ଼ ପାଇଁ ନିର୍ମଳ ଚନ୍ଦ୍ର ନାୟକ ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଥାଉ କି ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଥିଲେ। ଏହାକୁ ଯାଞ୍ଚ କରିବା ପରେ ଏଆଇସି ପକ୍ଷରୁ ଜଣଙ୍କ ନାମ ଉପରେ ମୋହର ବାଜିଛି।

## ମୁଖ୍ୟମନ୍ତ୍ରୀ ମକା ମିଶନର ପରାମର୍ଶ କର୍ମଶାଳା ଅନୁଷ୍ଠିତ

# ରାଜ୍ୟର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ମକା

ଭୁବନେଶ୍ୱର,୨୬।୯(ସମିସ): ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନରେ ପ୍ରଥମ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା କୃଷି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ଧାନ ପରେ ମକା ରାଜ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଭାବେ ପରିଗଣିତ ହେଉଛି। ଆଜିର ସମୟରେ ୧୫ଟି ଜିଲ୍ଲା ଓ ୪୫ଟି ବ୍ଲକ୍‌ରେ ମକା ମିଶନ କାର୍ଯ୍ୟ କରୁଛି। ଏହି ମିଶନ ବିଭିନ୍ନ ସରକାରୀ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ମିଶନ ଶକ୍ତି ଏବଂ ଓରମାସ ଇତ୍ୟାଦି ବିଭାଗମାନଙ୍କ ସହଭାଗିତାର ଏକ ଉତ୍କୃଷ୍ଟ ଉଦାହରଣ। ନିୟମିତ କ୍ରେତା-ବିକ୍ରେତା ବୈଠକ ମକା ବିପଣନରେ ସକରାତ୍ମକ ପ୍ରଭାବ ପକାଇଛି। ନବରଙ୍ଗପୁରରେ ବିଜୟନଗର ବାୟୋ-ଟେକ, ଏକ ମକା ଆଧାରିତ ଷ୍ଟାର୍ଚ ଇଣ୍ଡଷ୍ଟ୍ରି ସ୍ଥାପନା ରାଜ୍ୟରେ ମକା ଚାଷର ଏକ ପ୍ରେରଣାଦାୟକ ଉତ୍ସ ହେବାକୁ ଯାଉଛି।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ କହିଲେ, ରାଜ୍ୟ ସରକାରଙ୍କ ଇଥାନଲ୍ ମିଶ୍ରଣ ନୀତି ଏବଂ ମିଠା ମକା ଓ ବେବି କର୍ଣ୍ଣର ବ୍ୟବହାର ଯୋଗୁଁ ମକା ଚାଷ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଚକ୍ରବର୍ତ୍ତୀ ସିଂହ ରାଠୋର କହିଲେ, ଏହି ମିଶନ ଦୁଇଟି ଏକୀକୃତ ଆବଶ୍ୟକତା ସହିତ ଆରମ୍ଭ ହୋଇଛି। ମକାର ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କୁ ଉତ୍ତମ ବଜାର ମୂଲ୍ୟ ଯୋଗାଇ ଦେଉଛି। ମିଶନ ଶକ୍ତିର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ଲିଟି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏମଓୟୁ ସ୍ୱାକ୍ଷର କରିଥିବା ଦଶ କ୍ରେତା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା କୁକୁଡ଼ା ଖାଦ୍ୟ ଶିଳ୍ପ ଓ ଇଥାନଲ ଉତ୍ପାଦନ କମ୍ପାନୀ ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ମିଶନ ପ୍ରୋଗ୍ରାମ ସେକ୍ରେଟାରିଆଟ ଆକ୍ସେସ ଡେଭେଲପମେଣ୍ଟ ସର୍ଭିସେସ ଦ୍ୱାରା ସଂଯୋଜନା କରାଯାଇଥିଲା। ଶେଷରେ, ଯୁଗ୍ମ କୃଷି ନିର୍ଦ୍ଦେଶକ (ଡାଲି ଏବଂ ତୈଳବୀଜ) ତଥା ନୋଡାଲ ଅଧିକାରୀ, ମୁଖ୍ୟମନ୍ତ୍ରୀ ମକା ମିଶନ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅବପାତ ରୂପ ନେଲା...

ଏବେ ମୁଣ୍ଡଳୀରେ ଅତିକ୍ରମ କରୁଛି। ସନ୍ଧ୍ୟା ସୁଦ୍ଧା ନରାଜଠାରେ ମହାନଦୀ ସତର୍କ ସଙ୍କେତ୍ ମଧ୍ୟ ପାର୍ କରିଛି। ନରାଜଠାରେ ସତର୍କ ସଙ୍କେତ ୨୫.୪୧ ମିଟର ଥିବା ବେଳେ ଏଠାରେ ବିପଦ ସଙ୍କେତ ୨୬.୪୧ ମିଟର ରହିଛି। ସନ୍ଧ୍ୟା ସୁଦ୍ଧା ଏଠାରେ ବନ୍ୟାଜଳ ସତର୍କ ସଙ୍କେତ ଉପରେ ଅର୍ଥାତ ୨୫.୭୧ ମିଟର ଉପରେ ପ୍ରବାହିତ ହେଉଛି। ଶନିବାର ମୁଣ୍ଡଳୀ ଦେଇ ୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରତିସେକେଣ୍ଡରେ ପ୍ରବାହିତ ହେବାର ଆଶଙ୍କା ରହିଛି। ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ମାତ୍ର ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇଛି। ଆଜି ଭଟ୍ଟାରିକା ପୀଠରେ ପାଣି ପଶିଥିବା ବେଳେ ମହାନଦୀ ସମ୍ପୂର୍ଣ୍ଣ ଫୁଲି ରହିଛି। ଯଦି ଶୁକ୍ରବାର ରାତିରେ ତଳ ମୁଣ୍ଡରେ ଅଧିକ ବର୍ଷା ହୁଏ ତେବେ ମହାନଦୀରେ ବନ୍ୟା ଭୟ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି।

ଶନିବାର ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ମାତ୍ର ଏହି ଅବପତା ଓଡ଼ିଶା ଅତିକ୍ରମ କରିବା ପରେ ପୁଣି ଏକ ଲଘୁଚାପ ଆସନ୍ତା ୨ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସବୁ ନଦୀରେ ଜଳସ୍ତର ଉଚ୍ଚା ରହିଥିବାରୁ ଆସନ୍ତା ଲଘୁଚାପକୁ ନେଇ ମଧ୍ୟ ଡର ବଢ଼ିଛି। ୨ ତାରିଖରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା କରାଇପାରେ। ତେଣୁ ଆସନ୍ତା ଲଘୁଚାପ ଉପରେ ଏବେଠାରୁ ନଜର ରହିଛି।

### ବର୍ଷା, ବନ୍ୟା ସ୍ଥିତି...

ଢେଙ୍କାନାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଏହି ଆଲୋଚନାରେ, ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନେ ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଜିଲ୍ଲା ଏବଂ ବ୍ଲକସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ଏବଂ ଏହାର ତଥ୍ୟଗୁଡ଼ିକ ନିୟମିତ ଭାବେ ଅପଡେଟ୍ କରିବା ସହ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସହରାଞ୍ଚଳରେ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଡ୍ରେନେଜ୍ ଇଞ୍ଜିନିୟର୍ ଏବଂ ଅଧିକାରୀମାନଙ୍କୁ ସହାୟକ କର୍ମଚାରୀ ଏବଂ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

ଏଥିସହ ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ସେବା ୟୁନିଟ୍‌ଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷକରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନର ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ବିଶେଷକରି, ମାଲକାନଗିରି ଜିଲ୍ଲାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ ରଖାଯାଇଛି ବୋଲି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧପତ୍ର, ସାପ କାମୁଡ଼ା ଇଞ୍ଜେକ୍ସନ୍, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ପଶୁ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏବଂ ଆଭାସୀ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମୁଣ୍ଡଳୀରେ ପହଞ୍ଚିଲା...

ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ଦେଖାଦେଇଛି। ମୁଣ୍ଡଳୀ ବ୍ୟାରେଜ୍‌ର ଜଳସ୍ତର ବିପଦ ସଂକେତ ଉପର ମୁଣ୍ଡରେ ୯୭.୨୫ ଫୁଟ୍ ଏବଂ ତଳ ମୁଣ୍ଡରେ ୯୫.୦୫ ଫୁଟ୍ ରହିଛି। ମୁଣ୍ଡଳୀ ଦେଇ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଲେ ତଳମୁଣ୍ଡରେ କିମ୍ବା ତଳମୁଣ୍ଡରେ ଥିବା ନଦୀକୂଳିଆ ଅଞ୍ଚଳରେ ବନ୍ୟା ଦେଖାଦେଇଥାଏ। ଯେହେତୁ ବର୍ତ୍ତମାନ ମୁଣ୍ଡଳୀରେ ସେଭଳି କୌଣସି ବିପଦ ସଂକେତ ନାହିଁ, ତଥାପି ବର୍ଷା ଲାଗି ରହିଥିବାରୁ ତଳିଆ ଅଞ୍ଚଳର ଲୋକଙ୍କ ମନରେ ଏକପ୍ରକାର ଭୟ ଦେଖାଦେଇଛି।

### ବ୍ରାଣ୍ଡେଡ୍ ଔଷଧ...

ବେଳେ କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦% ଏବଂ ଭାରୀ ଟ୍ରକ୍ ଉପରେ ୩୦% ଶୁଳ୍କ ଲଗାଇଛନ୍ତି। ଏହି ନୂଆ ଟାରିଫ୍ ଅକ୍ଟୋବର ପହିଲାରୁ ଲାଗୁ ହେବ।

ଟ୍ରମ୍ପ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଅକ୍ଟୋବର ପହିଲାରୁ ବ୍ରାଣ୍ଡେଡ୍ କିମ୍ବା ପେଟେଣ୍ଟ ହୋଇଥିବା ଔଷଧ ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ ହେବ। ତାଙ୍କ ନିଷ୍ପତ୍ତି କେବଳ ଆମେରିକାରେ ନିଯୁକ୍ତି ବୃଦ୍ଧି କରିବ ନାହିଁ ବରଂ ବିଦେଶୀ କମ୍ପାନୀଗୁଡ଼ିକୁ ମଧ୍ୟ ଆକର୍ଷିତ କରିବ। ଏହା ଆମେରିକୀୟ କାରଖାନାଗୁଡ଼ିକୁ ଆହୁରି ମଜବୁତ କରିବ। ଏବେ ଟ୍ରମ୍ପ୍ ଔଷଧ ଉପରେ ଟାରିଫ୍ ବୃଦ୍ଧି କରିଛନ୍ତି, ଯାହା ଔଷଧ ଏବଂ ରୋଷେଇ କ୍ୟାବିନେଟ୍ ଉଭୟର ମୂଲ୍ୟ ବୃଦ୍ଧି କରିବ। ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଲେଖିଛନ୍ତି ଯେ ସମସ୍ତ ବ୍ରାଣ୍ଡେଡ୍ ଏବଂ ପେଟେଣ୍ଟ ଔଷଧ ଉତ୍ପାଦଗୁଡ଼ିକ ଅକ୍ଟୋବର ପହିଲାରୁ ୧୦୦% ଶୁଳ୍କ ଲାଗୁ ହେବ। ଏହାଦ୍ୱାରା ଆମେରିକାରେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଔଷଧ କମ୍ପାନୀଗୁଡ଼ିକ ଶୁଳ୍କ ରିଆତି ପାଇବେ। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏହି ଶୁଳ୍କ ଭାରତୀୟ ଔଷଧ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। କାରଣ ଆମେରିକା ପ୍ରତିବର୍ଷ ବିଦେଶରୁ ବହୁ ସଂଖ୍ୟକ ଔଷଧ ଆମଦାନୀ କରିଥାଏ। ଔଷଧ ଉପରେ ଶୁଳ୍କ ବୃଦ୍ଧି କେବଳ କମ୍ପାନୀଗୁଡ଼ିକୁ ନୁହେଁ ବରଂ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ପ୍ରଭାବିତ କରିବ। କାରଣ କେବଳ ଗତ ବର୍ଷ ଆମେରିକା ଭାରତରୁ ୨୩୩ ବିଲିୟନ ଡଲାର ମୂଲ୍ୟର ଔଷଧ ଏବଂ ଅନ୍ୟାନ୍ୟ ଚିକିତ୍ସା ଉପକରଣ କିଣିଥିଲା। ଏପରି ପରିସ୍ଥିତିରେ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ଔଷଧ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡିବ।

ପୂର୍ବରୁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବା ଟ୍ରମ୍ପ ଭିସା ଝଟକା ବି ଦେଇଛନ୍ତି। ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗି ଭାରତକୁ ଆଉ ଏକ ଝଟକା ଦେଇଛନ୍ତି।

### ପ୍ରିୟାଂଶୁ ପାଲ୍...

ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଶୋଭନ୍ ପଟ୍ଟନାୟକ ତୃତୀୟ, ମିର୍ଜା ଫୈଜ ଅହମ୍ମଦ କ୍ୱାଦ୍ରି ଚତୁର୍ଥ, ଚିନ୍ମୟ ସାହୁ ପଞ୍ଚମ, ଅନ୍ତିମ ସ୍ୱାଇଁ ଷଷ୍ଠ, ଶୈଳେଶ କୁମାର ଭୋଇ ସପ୍ତମ, ମହମ୍ମଦ ନାଜିଫ ହାତିଫ ଅଷ୍ଟମ, ଚିନ୍ମୟ କୁମାର ପାଢ଼ୀ ନବମ ଓ ମିଳନ ମହାପାତ୍ର ଦଶମ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋଟ ୧୪୪ଜଣ ଅର୍ଥାତ୍ ମାତ୍ର ୩୬ପ୍ରତିଶତ ମହିଳା ପ୍ରାର୍ଥୀ ଅଛନ୍ତି।

ଚଳିତଥର ଟପର୍ ହୋଇଥିବା ଅନୁଗୋଳ ତୁରଙ୍ଗର ବାସିନ୍ଦା ପ୍ରିୟାଂଶୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଙ୍କ ବାପା ସେନାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା କରିଛନ୍ତି। ତାହା ତାଙ୍କୁ ଲୋକଙ୍କ ସେବା କରିବାକୁ ପ୍ରେରିତ କରିଥିଲା। ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ଆରମ୍ଭ କରିଥିଲେ। ସଫଳତା ପାଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସରକାରୀ ବ୍ୟବସ୍ଥାକୁ ବୁଝିବା ପରେ ସ୍ୱଚ୍ଛତାର ସହ କାର୍ଯ୍ୟନିର୍ବାହ କରିବାକୁ ଉଦ୍ୟମ କରିବେ। ସେହିପରି ସରକାର ଲୋକଙ୍କ ପାଇଁ କରୁଥିବା ଯୋଜନାଗୁଡ଼ିକୁ ସଫଳ ରୂପାୟନ କରିବାକୁ ପ୍ରାଥମିକତା ଦେବେ। କାର୍ଯ୍ୟାଳୟକୁ ଆସି ଯେମିତି କୌଣସି ଲୋକ ଫେରିନଯିବେ, ସେଥିପାଇଁ ତତ୍ପର ରହିବେ। ଚାକିରିରେ ଥାଇ ମଧ୍ୟ ତାଙ୍କ ଭଉଣୀ ଗତବର୍ଷ ଓଏଏସ୍ ପାଇଥିଲେ। ଏହା ମଧ୍ୟ ତାଙ୍କୁ ପଢ଼ିବାକୁ ପ୍ରେରିତ କରିଥିଲା। ଗତ ଜାନୁଆରୀରୁ ସେ ଚାକିରି ଛାଡ଼ି ପୂର୍ଣ୍ଣ ପ୍ରସ୍ତୁତି କରୁଥିଲେ।

ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଅନନ୍ୟା ପୂର୍ବରୁ ଓଜେଏସ୍ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇ ଜଜ୍ ଭାବେ କାର୍ଯ୍ୟ କରୁଥିଲେ। ଏପରିକି, ରାଙ୍କର ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଲୋକଙ୍କ ସେବା କରିବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଦେବାକୁ ମନସ୍ଥ କରିଥିଲେ। କିନ୍ତୁ ନ୍ୟାୟପାଳିକାର କିଛି ପ୍ରତିବନ୍ଧକ ପାଇଁ ତାଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଥିଲା। ଓସିଏସ୍ ପରୀକ୍ଷା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରି ଦ୍ୱିତୀୟ ପ୍ରୟାସରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ସହ ମିଶି ସରକାରଙ୍କ ପ୍ରତିଟି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବେ। ଜଜ୍ ଭାବେ ଘଟଣା ଘଟିବା ପରେ ରାୟ ଦେଇଥା'ନ୍ତେ; ହେଲେ ପ୍ରଶାସନିକ ଅଧିକାରୀ ଭାବେ ଏହା ପୂର୍ବରୁ ଲୋକଙ୍କ ପାଖରେ ପହଞ୍ଚି ପାରିବା ଆତ୍ମସନ୍ତୋଷ ପ୍ରଦାନ କରିବ ବୋଲି ସେ କହିଛନ୍ତି।

ସାକ୍ଷାତକାର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ପ୍ରମାଣପତ୍ର ଯାଞ୍ଚ ସମୟରେ ୨ଜଣ ପ୍ରାର୍ଥୀ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ସେହିପରି ଜାତି ପ୍ରମାଣପତ୍ର ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନପାରିବାରୁ ଦୁଇ ଜଣଙ୍କୁ ବାଦ୍ ଦିଆଯାଇଛି। ପୂର୍ବତନ କର୍ମଚାରୀ ଭାବେ ତଥ୍ୟ ଦେଇଥିବା ୩ଜଣ ଅଧିକାରୀଙ୍କୁ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବାରୁ ତାଙ୍କୁ ବାଦ୍ ଦିଆଯାଇଛି।

ସୂଚନାଯୋଗ୍ୟ, ଓସିଏସ୍ ମୁଖ୍ୟ ପରୀକ୍ଷା ଚଳିତବର୍ଷ ଏପ୍ରିଲ ୧୯, ୨୦, ୨୨, ୨୪, ୨୭ ଏବଂ ମେ' ୧୫ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ସେପ୍ଟେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାକ୍ଷାତକାର ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ପରେ ଓପିଏସ୍‌ସି ୩୯୮ ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି।

**PUBLIC NOTICE**

This NOTICE is hereby given that my client Mr. DASARATHI SAHOO, S/O RANKANATH SAHOO has lost Original Regd. Sale Deed No. 4736, dtd. 08/08/1966 Deed details : Khata No- 55, Plot No. 62 Mouza- Cheunkasahi, P.S./ Tahasil- Banpur, Dist- Khurda, Odisha and a FIR (complaint no. 24483002072500016) for the same has been lodged at Banpur Police Station on 25th September 2025. All person / persons are hereby informed to put their claims or interest of objection about the said above referred documents and / or about the said property or any part thereof, within a period of 15 days along with the sufficient evidencefrom appearance of this notice. If deed is not found within 15days, then the certified copy of the document obtained from the registry office will be considered as the original document.
Samir Kumar Paikaray (Advocate)
Bhubaneswar Court
Ph: 7008005419

**AFFIDAVIT**

By virtue of an affidavit before the Notary Public, Titilagarh, on dated-11/09/2025. I, **Truptimayee Mishra** (new name), formerly called as Truptimayee Pujahari (old name), Wife of Ghanashyam Mishra, permanent resident of AT/PO/PS: Titilagarh (Hatpada Pada, Ward No.14), Dist- Bolangir, (Odisha), PIN-767033 declare that I have changed my name from **Truptimayee Pujahari** (old name) to **Truptimayee Mishra** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Truptimayee Mishra** (new name).
**Truptimayee Mishra**

Phone No. (06854) 241159 / 232714
Email: ceo@koraputccb.com
KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 2409/P&S/2025-26 Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | Glow Sign Board: Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.

**AFFIDAVIT**

I, Behera Dinesh Kamlakanta, S/o Kamalakanta Behera , resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as **Dinesh Kamalakanta Behera** for all future purposes.

**AFFIDAVIT**

I, Kamlakanta Behera, S/o-Raghunath Behera, resident of At/Po/Ps-Bhograi, District-Balasore, pin-756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**

By virtue of an affidavit Sl. No. 2515, dtd. 26.09.2025 in the court of the Executive Magistrate, Phulbani, Dist.-Kandhamal, I, Kanistha Pradhan have changed my minor son's name from Kritikrisan Pradhan to Kritik Rasan Pradhan. Henceforth he will be known as Kritik Rasan Pradhan for all purposes.
Sd/- Kanishta Pradhan

**AFFIDAVIT**

By virtue of an affidavit sworn before Notary Public, Bhadrak, dtd. 10.09.2025, I, Manasi Jena, Apartibindha (New Colony), Bhadrak declare that I have changed the name of my son from Rudra Kumar Mallik to Nitesh Kumar Jena. Henceforth he shall be known as Nitesh Kumar Jena for all purposes.
Manasi Jena

**AFFIDAVIT**

I, Smt. Sulochana Ganda, D/o-Sri Raghu Ganda, W/o- Sri Laxmidhar Nayak, At-Balighat, Gopalpur Road, P.O.- Baliguali, P.S-Penthakata Marine, Dist Puri, Odisha-752002 by virtue of an affidavit before the Executive Magistrate, Puri on 20.05.2025 have changed my name to Smt. Rina Nayak for all purposes.
Rina Nayak

**AFFIDAVIT**

By virtue of an affidavit sworn before 319, dated-10/09/25, I Sri Chhatish Chandra Mohanta Address: At-Fulbadia, Po-Gadigan, Ps- Morada, Mayurbhanj, Odisha, Pin-757018 declare that I have changed my daughter's name from RAJI MOHANTA (old name) to JENNIFER MOHANTA (new name) Henceforth, she shall be known as JENNIFER MOHANTA (new name) for all future purposes.
Chhatish Chandra Mohanta

**AFFIDAVIT**

I, Sujita Kumr Patra S/o Sitaram Patra, Resident of Village/Po- Gunthapada, PS- Aska, Dist- Ganjam, Odisha, PIN- 761115 declare by this affidavit No.32243 dtd 25.09.2025 that now onwards I shall be known as **SUJITA KUMAR PATRA** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

I, Raghunath Khuntia, S/o- Bhima Khuntia , resident of At-Balidihi, Banapur, Dist-Khurda, Pin- 752031, Odisha declared by this affidavit No.783, dtd- 25/09/2025 that now onwards I shall be known as **KANDHA KHUNTIA** for all future purposes.

**AFFIDAVIT**

I, Navita Narayan Chavan, D/o- Narayan Chavan, resident of Plot No. L-42, Phase-3, Dumduma HB Colony, Bhubaneswar, Dist-Khurda, Pin- 751019, Odisha declared by this affidavit No. 62AA 420795, dtd-11/05/2023 that now onwards I shall be known as **NAVITA N** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. Affidavit No. -2276, I Parvatee Chhualasingh, Address-Chhotijodi, Po.- Haladiapada, Ps.- Kanas, Dist- Puri, Pin-752060 declare that my Name from **Parei Chhualasingh** to **Parvatee Chhualasingh**. Henceforth, i shall be known as **Parvatee Chhualasingh** for all purposes.

**AFFIDAVIT**

I, Prashanta Kumar Barik,S/O-Khandeswar Barik, At/Po- Narendrapur, Ps.- Banpur, Dist.-Khordha, Pin- 752031 Odisha declare by this affidavit no.-3653, dtd. 25/09/2025 that now onwards I shall be known as **PRASANTA KUMAR BARIK** for all future purposes.

**AFFIDAVIT**

I,Bali Behera S/o-Bhikari Behera, Resident of Kanjiasahi Mundula, Mundula, Ganjam, Odisha, PIN-761032 Odisha declared by that Affidavit No.1087/ 2025 Dated: 26.09.2025. That now onwards I shall Be Known As **Balaram Behera** for all future Purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. I Satya Ranjan Sahoo, Address- Champapur, Po.-Gadaniala, Ps.- Khordha, Odisha, Pin-752055 declare that I have changed the Name of my daughter from **Shreyanshi Priyadarshini Sahoo** to **Shreyanshi Sahoo**. Henceforth, she shall be known as **Shreyanshi Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th September 2025, CF No - 01, I Rajendra Banchhor aged about 35 years son of Late Nandalal Banchhor, resident of village Kotana, PO/PS.-Jharbandh, Dist.- Bargarh, Pin-768042 hereby declares that for and on behalf of my minor son Suraj Banchhor. I have changed my minor son's name from **Surah Banchhor (DOB-28.08.2015)** to **Suraj Banchhor (DOB-18.05.2014)**. Hence he will be known as **Suraj Banchhor** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 1042 dtd. 26.09.2025, I, Sri Spandan Keshori Rout, S/o- Late Sangram Kesori Rout resident of MI Colony, Chamuriaguda, Nabarangpur state that, my son's original name spelling is **Sambhram Keshori Rout** but in the PM Shri Kendriya Vidyalaya School record his name has been wrongly entered as **Sambraham Keshori Rout.** That **Sambraham Keshori Rout** and **Sambhram Keshori Rout** is one and same person.
Sd/- **Spandan Keshori Rout**

**PUBLIC NOTICE**

Sale Deed No. 11131804036/2018 dated-11.05.2018 relating to Plot No. 754/2637, Khata No. 81, Mouza: Bhubaneswar City, Unit-20, Jagmara has been destroyed due to termite damage. Any person dealing with the said property based on this document does so at their own risk & we shall not be responsible. Owner name- Padmabati, Suchita, Sunita, Sujata Goenka, Contact number-9437579712

**AFFIDAVIT**

By virtue of an affidavit sworn before The Notary Public, Sunabeda dated 25/09/2025 I Sri. Sunil Pujari, S/o-Narayana Pujari, Vill:-Andaraguda, Po.- Panthalung, Ps.- Padwa, District- Koraput declare that I have changed my name from **Sunil Kumar Khada**, S/o- Suriya Khada to Sunil Pujari, S/o- Narayana Pujari. Henceforth, I shall be known as **Sunil Pujari** for all purposes.
Sd/- **Sunil Pujari**

## ଜିପିଏଲ୍ଏଫ୍ କର୍ମୀଙ୍କ ବ୍ଲକ୍ ସାମ୍ନାରେ ଧାରଣା ଜାରି



ଓଡ଼ଗାଁ,୨୬।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ୩ ଶହରୁ ଊର୍ଦ୍ଧ୍ୱ ଜିପିଏଲ୍ଏଫ୍ କର୍ମୀଙ୍କ ଶୁକ୍ରବାର ମଧ୍ୟ ଧାରଣା ଜାରି ରହିଥିବା ଦେଖାଯାଇଛି। ପୂର୍ବପରି ସ୍ଥାୟୀ ପାରିଶ୍ରମିକ ଦାବିରେ ଜିପିଏଲ୍ଏଫ୍ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଏହି ଧାରଣା ଆଜି ୫ମ ଦିନରେ ପହଞ୍ଚିଲା। ସରକାର ଏଥିପ୍ରତି ଆଦୌ କର୍ଣ୍ଣପାତ କରୁନଥିବାରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜୀବିକା ମିଶନ କାର୍ଯ୍ୟାଳୟରେ ତାଲା ପକାଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିବ ବୋଲି ବ୍ଲକ ସଂଘର ସଭାପତି ଜ୍ୟୋତିର୍ମୟୀ ଦାସ ଏବଂ ସମ୍ପାଦକ ମଞ୍ଜୁଲତା ମହାନ୍ତି କହିଛନ୍ତି। ଚଳିତ ଆର୍ଥିକ ବର୍ଷ ଗତ ଏପ୍ରିଲ ମାସଠାରୁ ଉପରୋକ୍ତ କର୍ମଚାରୀ ମାନଙ୍କୁ ସ୍ଥାୟୀ ପାରିଶ୍ରମିକ ପରିବର୍ତ୍ତେ ସରକାର କାର୍ଯ୍ୟ ଅନୁସାରେ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ନିଷ୍ପତ୍ତିରେ ପ୍ରତ୍ୟେକ ପଞ୍ଚାୟତକୁ ପାରିଶ୍ରମିକ ପଠାଇ ଦେଲେ। ହେଲେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ୩ ମାସର ପାରିଶ୍ରମିକକୁ ଗ୍ରହଣ ନକରି ସ୍ଥାୟୀ ପାରିଶ୍ରମିକ ଦାବିରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିରୁ କୌଣସି ସୁଫଳ ମିଳିନଥିବାରୁ ଚଳିତ ମାସ ୨୨ ତାରିଖରୁ ଧାରଣା ଚାଲୁ ରହିଛି।

● ନୟାଗଡ଼ ଜିଲ୍ଲା କେମିଷ୍ଟ୍ରି ଓ ଡ୍ରଗିଷ୍ଟ ଆସୋସିଏସନ୍

## ଷଷ୍ଠ ସାଧାରଣ ଅଧିବେଶନ, ନବନିର୍ବାଚିତଙ୍କୁ ସମ୍ବର୍ଦ୍ଧନା



ନୟାଗଡ଼,୨୬।୯ (ସମିସ): ନୟାଗଡ଼ ଜିଲ୍ଲା କେମିଷ୍ଟ୍ରି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ୬ଷ୍ଠ ସାଧାରଣ ଅଧିବେଶନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ସୃଜନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ୟୁସିଡିଏ ସଭାପତି ପି. ସତ୍ୟନାରାୟଣ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲା କେମିଷ୍ଟ୍ରି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ନବନିର୍ବାଚିତ ସଭାପତି ପ୍ରହ୍ଲାଦ ଦଳବେହେରା, ସମ୍ପାଦକ ସନ୍ତୋଷ କୁମାର ନାୟକ, କୋଷାଧ୍ୟକ୍ଷ ପରମାନନ୍ଦ ପ୍ରଧାନ ପ୍ରମୁଖଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଡ. ସାହୁ ତାଙ୍କ ବକ୍ତବ୍ୟରେ ଟ୍ରମ୍ପଙ୍କ ପାଇଁ ଭାରତ ବର୍ଷ କ୍ଷତି ଗ୍ରସ୍ତ ହେଉଥିବା ବେଳେ ଔଷଧ ବ୍ୟବସାୟ ମଧ୍ୟ କ୍ଷତି ଗ୍ରସ୍ତ ହୋଇଥିବା କହିଥିଲେ। ଯେଉଁ ଦେଶରେ ପ୍ରତ୍ୟେକ ନାଗରିକ ସମୃଦ୍ଧ ସେହି ଦେଶର ବିକାଶ ନିଶ୍ଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟୀ ଅଂଶ ଗ୍ରହଣ କରିଥିଲେ। ସଂଘର ବାର୍ଷିକ ପୁସ୍ତିକା ଜୀବନାୟନକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ମେଳା 'ଅଙ୍ଗୀକାର'



ନୟାଗଡ଼,୨୬।୯ (ସମିସ): ନୟାଗଡ଼ ଜିଲ୍ଲାର ସମସ୍ତ ସହରାଞ୍ଚଳରେ କୌଣସି ଜଣେ ମଧ୍ୟ ବ୍ୟକ୍ତି ଯୋଗ୍ୟ ତାଲିକାରୁ ବାଦ ପଡ଼ିବେ ନାହିଁ। ସମସ୍ତ ଯୋଗ୍ୟ ପରିବାରକୁ ମିଳିବ ପ୍ରଧାନମନ୍ତ୍ରୀ ଆବାସ। ଜାଗାର ପଟ୍ଟା ଥିଲେ ମିଳିବ, ପଟ୍ଟା ନଥିଲେ ସେହି ବ୍ୟକ୍ତିଙ୍କ ଘର ନିର୍ମାଣ କରି ସରକାର ଯୋଗାଇ ଦେବେ। ଆଜି ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ନୟାଗଡ଼ ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ତାଲିମ ଶିବିର ସ୍ଥାନୀୟ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକ ଲଗ୍ନଜିତ ରାଉତ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଅଙ୍ଗୀକାରରେ ଯୋଗ ଦେଇଥିଲେ। ପ୍ରତ୍ୟେକ ଆବେଦନକାରୀ ଅନଲାଇନ୍ ଆବେଦନ କରିବେ, ଖୁବ କମ ସମୟ ମଧ୍ୟରେ ଆବେଦନ ଯାଞ୍ଚ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ସହରରେ ବସବାସ କରୁଥିବା ବ୍ୟକ୍ତି ସମସ୍ତେ ପକ୍କା ଘରେ ରହିବେ। ନୂଆଣିଆ ଝୁମ୍ପୁଡ଼ି ଘର ଆଉ ରହିବ ନାହିଁ। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଦଶପଲ୍ଲା ଏନ୍ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ନୟାଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଏବଂ ଓଡ଼ଗାଁ, ରଣପୁର ଓ ଦଶପଲ୍ଲା ଓ ଖଣ୍ଡପଡ଼ା ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ନୟାଗଡ଼ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡୁଡା କାର୍ଯ୍ୟାଳୟର ଚିରଞ୍ଜିବୀ ଦାଶ, ନିଗମ ମହାପାତ୍ର, ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ବୈଠକରେ କମ ସଂଖ୍ୟକ ହିତାଧିକାରୀ ସାମିଲ ହୋଇଥିଲେ। ବର୍ଷା ପାଇଁ କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସାମିଲ ହୋଇପାରିନଥିବା ଜଣାପଡ଼ିଛି।

ବ୍ୟାନର ପରିବର୍ତ୍ତନରେ ସୀମିତ ସଚେତନତା

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସୃଷ୍ଟି ହେଉଛି ଭେଲିକି

ନୟାଗଡ଼,୨୬।୯ (ସମିସ)





ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥିତ ସଦ୍‌ଭାବନା ସଭାଗୃହରେ ବ୍ୟାନର ପରିବର୍ତ୍ତନ କରି ସଚେତନତା ବୈଠକ ନାଁରେ ଫଲ୍ସ ବିଲ୍ କରାଯାଉଛି। ସମାନ ଲୋକ, ସମାନ ସ୍ଥାନରେ କେବଳ ବ୍ୟାନର ବଦଳାଇ ଜିଲ୍ଲାବାସୀଙ୍କ ପାଇଁ ଭେଲିକି ସୃଷ୍ଟି କରାଯାଉଛି। ଆଜି ଏଭଳି ଏକ ଘଟଣା ସାମ୍ନାକୁ ଆସିବା ପରେ ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି

**ବାମ ଓ ଡାହାଣରେ ଫଟୋ ଉଠାଇ କାମ ଶେଷ**

କରାଯାଉଛି। ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ଦୁଇଟି କାର୍ଯ୍ୟକ୍ରମକୁ ବ୍ୟାନର ପରିବର୍ତ୍ତନ କରି ପ୍ରେସ୍ ବାର୍ତ୍ତା ଜାରି କରାଯାଇଥିବା ଦେଖାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଦୁଇଟି ବୈଠକ କେବଳ ବ୍ୟାନର ପରିବର୍ତ୍ତନ କରି କରାଯାଇଥିବା ଦେଖାଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ରିଲିଜରୁ ଏହା ଜଣାପଡ଼ିଛି। ଏହି ବୈଠକ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ପୂର୍ବରୁ ଦିଆଯାଇନଥିବା ବେଳେ ପ୍ରେସବାର୍ତ୍ତା ଏବଂ ଫଟୋରୁ ଏହା ସ୍ପଷ୍ଟ ହୋଇଛି। ପ୍ରଥମ ବୈଠକ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ ବିଷୟରେ ପ୍ରଶିକ୍ଷଣ ଶିବିର ହୋଇଥିବା ବେଳେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର ଯୋଗ ଦେଇଥିବା ସୂଚନା ମିଳିଛି। ସମାନ ଭାବେ କନ୍ୟାରତ୍ନ ଅମୂଲ୍ୟ ରତ୍ନ ବୈଠକ ହୋଇଥିବା ଏବଂ ସମାନ ଅତିଥି ରହିଥିବା ପ୍ରେସବାର୍ତ୍ତାରୁ ଜଣାପଡ଼ିଛି। ଡିଆଇପିଆରଓଙ୍କ ପକ୍ଷରୁ ଜାରି ହୋଇଥିବା ଫଟୋରେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ନାହାନ୍ତି। ପ୍ରକୃତରେ ଦୁଇ ଜିଲ୍ଲାସ୍ତରୀୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ କି ନାହିଁ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। କେବଳ ବୈଠକ ନାଁରେ ଫଲ୍ସ ବିଲ୍ କରିବାକୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏଭଳି କାରସାଦି କରୁଥିବା ଆଲୋଚନା ହେଉଛି। ଦୁଇଟି ଫଟୋରେ ସମାନ ଲୋକ ଉପସ୍ଥିତ ଥିବା ବେଳେ କାହାକୁ ନେଇ ଘରୋଇ ହିଂସା ସୁରକ୍ଷା ଅଧିନିୟମ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଏବଂ କାହାକୁ ନେଇ କନ୍ୟାରତ୍ନ ସଚେତନତା କରାଯାଉଥିଲା ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଜିଲ୍ଲାବାସୀଙ୍କୁ ଭ୍ରମିତ କରିବା ପାଇଁ ଏଭଳି ଲୁଚାଛପା କାର୍ଯ୍ୟକ୍ରମ ଆୟୋଜନ କରି ସରକାରୀ ଅର୍ଥ ଅପବ୍ୟୟ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଜ୍ଞାତ ସାରରେ କିଛି କର୍ମଚାରୀ ଏଭଳି କାରସାଦି କରି ଜିଲ୍ଲାବାସୀଙ୍କ ସହ ଗଣମାଧ୍ୟମକୁ ଭ୍ରମିତ କରିବାକୁ ଚେଷ୍ଟା ଚଳାଇଥିବା ଅଭିଯୋଗ ହୋଇଛି। ସଭା ସ୍ଥଳର ବାମ ପାଶ୍ୱର୍ ଓ ଡାହାଣ ପାଶ୍ୱର୍ରେ ଫଟୋ ଉଠାଇ କାମ ଶେଷ କରି ଦିଆଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାର ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ନୟାଗଡ଼ ସଦର ଥାନା

## ମାଡ଼ ମାରି ମାଡ଼ ଖାଇଲା ପୁଲିସ୍!

ନୟାଗଡ଼,୨୬।୯ (ସମିସ): ନୟାଗଡ଼ ସଦରଥାନାରେ ପୁଲିସର ଅରାଜକତା ଚରମ ସୀମାରେ ପହଞ୍ଚିଛି। ଥାନା ଅଧିକାରୀଙ୍କୁ ତଳିଆ ପୁଲିସ କର୍ମଚାରୀମାନେ ଖାତିରି କରୁନଥିବା ଜଣାପଡ଼ିଛି। ତଳିଆ କର୍ମଚାରୀଙ୍କ ମଧ୍ୟରୁ କିଏ ମଦ ପିଇ ମାତାଲ ହୋଇ ଥାନାରେ ପଡୁଛି ତ ପୁଣି କିଏ ଚିନିକଳ ଚୋରଙ୍କୁ ସୁରକ୍ଷା ଦେଉଛି। କିଛି ତଳିଆ କର୍ମଚାରୀ ନାବାଳିକା ଅପହରଣ ମାମଲାର ମୋଡ଼ ବଦଳାଇ ବେଶ ଲାଭବାନ ହେଉଛନ୍ତି। ନୟାଗଡ଼ ଜିଲ୍ଲା ବରିଷ୍ଠ ପୁଲିସ ଅଧିକାରୀମାନେ ଏହାକୁ ଧ୍ୟାନ ଦେଉନଥିବା ବେଳେ ଥାନାର ଭିତିରି କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଗତକାଲି ଥାନାରେ ଜୈନିକ ଏଏସଆଇ ମାଡ଼ ମାରି ନିର୍ଦ୍ଧୁମ ମାଡ଼ ଖାଇଥିବା ନେଇ ଚର୍ଚ୍ଚା ହେଉଛି।

ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଗୁରୁବାର କଇଥଗାଡ଼ିଆ ଗ୍ରାମର ଦୁଇ ଜଣଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା ଥାନାକୁ ଆସିବା ପରେ ପୁଲିସ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ପାଇଁ ଉଦ୍ୟମ କରିଥିଲା। ଆପୋଷ ସମାଧାନ ସମୟରେ ମାମଲା ବୁଝୁଥିବା ଏଏସ୍ଆଇ ଜଣଙ୍କ ପକ୍ଷ ନେଇ ଅନ୍ୟ ପକ୍ଷକୁ ଜବରଦସ୍ତ ଅନ୍ୟାୟକୁ ସହିବାକୁ ବାଧ୍ୟ କରିଥିଲେ। ସେହି ବ୍ୟକ୍ତି ଏଏସ୍ଆଇଙ୍କ କଥାରେ ରାଜି ନହେବାରୁ ଏଏସ୍ଆଇ ଜଣଙ୍କ ତାଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଥିଲେ। ମାଡ଼ ଖାଇବା ପରେ ଉକ୍ତ ବ୍ୟକ୍ତି ଉତକ୍ଷିପ୍ତ ହୋଇ ଏଏସ୍ଆଇଙ୍କୁ ନିର୍ଦ୍ଧୁମ ମାଡ଼ ମାରିଥିବା ଜଣାପଡ଼ିଛି। ଥାନା ଭିତରେ ହୋଇଥିବା ଏହି ଗଣ୍ଡଗୋଳକୁ ଅନ୍ୟ ପୁଲିସ କର୍ମଚାରୀମାନେ ବନ୍ଦ କରିଥିବା ବେଳେ ପୁଲିସକୁ ମାଡ଼ ମାରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ା ଯାଇଥିବା ସୂଚନା ମିଳିଛି। ନୟାଗଡ଼ ସଦରଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବ୍ୟବସ୍ଥିତ ହେଉଥିବା ଦେଖାଯାଇଛି। ସଦରଥାନା ଅଞ୍ଚଳରେ ଚୋରା ଦେଶୀ ମଦ କାରବାର, ଚିନିକଳରୁ ଯନ୍ତ୍ରାଂଶ ଚୋରି, ବାଲି ଚୋରୀ, ମାଙ୍କଡ଼ା ଖଣି ଖନନରୁ ପୁଲିସ ବେଶ ଲାଭବାନ ହେଉଥିବା ଆଲୋଚନା ହେଉଛି। ଥାନାରେ ପୁଲିସ ମାଡ଼ ମାରି ମାଡ଼ ଖାଇବା ଘଟଣାକୁ ନୟାଗଡ଼ ଏସ୍ଡିପିଓ ଅସ୍ୱୀକାର କରିଛନ୍ତି। ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା କହି କଥାକୁ ଏଡ଼ାଇ ଯାଇଛନ୍ତି।

ଶିକ୍ଷକ ବଦଳି ପ୍ରତିବାଦ

## ଜାତୀୟ ରାଜପଥ ଉପରେ ଛାତ୍ରଛାତ୍ରୀ



ନୟାଗଡ଼/ନୂଆଗାଁ,୨୬।୯ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ କୋରଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଲିଖିତା ନାୟକଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟ ସାମ୍ନାରେ ଦୁଇ ଦିନ ଆନ୍ଦୋଳନ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନଥିବାରୁ ଆଜି ଛାତ୍ରଛାତ୍ରୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ ମନଇଚ୍ଛା ବଦଳି କରିଥିବା ବେଳେ ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ନଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ଓ ଗୁହାରି ପରେ କେହି କର୍ଣ୍ଣପାତ ନକରିବାରୁ ବାଧ୍ୟ ହୋଇ ୫୭ ନମ୍ବର୍ ଜାତୀୟ ରାଜପଥକୁ ପ୍ରାୟ ଅଧା ଘଣ୍ଟା ଧରି ଅବରୋଧ କରିଥିଲେ ଛାତ୍ରଛାତ୍ରୀ। ନୂଆଗାଁ ଥାନା ଅଧିକାରୀ ପହଞ୍ଚି ଲୋକଙ୍କୁ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ରାଜ ରାସ୍ତାରୁ ଉଠିଥିଲେ ଛାତ୍ର ଛାତ୍ରୀ ଓ ଅଭିଭାବକ। ସମସ୍ତ ଅଭିଭାବକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଯାଇ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀଙ୍କ ସହ ଅଭିଭାବକଙ୍କ ସହ ଆଲୋଚନା ହୋଇଥିଲା। ଫୋନ ଯୋଗେ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲଙ୍କ ସହ ବାର୍ତ୍ତାଳାପ ପରେ ସେ ଦଶହରା ଛୁଟି ଶେଷ ପର୍ଯ୍ୟନ୍ତ ବଦଳିକୁ ସ୍ଥଗିତ ରଖିବା ସହ ଛୁଟି ପରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଭାବକମାନେ ଧାରଣା ପ୍ରତ୍ୟାହୃତ କରିଥିବା ଦେଖିବାକୁ ମିଳିଥିଲା।

**ଆନ୍ଦୋଳନ ପଛରେ ଷଡ଼ଯନ୍ତ୍ର**

ଏହି ଆନ୍ଦୋଳନ ପଛରେ ନୂଆଗାଁ ବିଇଓ ଅଫିସରେ କାର୍ଯ୍ୟରତ କିଛି କର୍ମଚାରୀ ସାମିଲ ଥିବା ଜଣାପଡ଼ିଛି। ଶିକ୍ଷୟିତ୍ରୀଙ୍କ ସମ୍ପର୍କୀୟ ହୋଇଥିବାରୁ ସେ ଲୋକଙ୍କୁ ପ୍ରବର୍ତ୍ତାଇ ଏଭଳି କାଣ୍ଡ କରୁଥିବା ଆଲୋଚନା ହେଉଛି। ସରକାରଙ୍କ ନିୟମ ଅନୁସାରେ ବଦଳି ନିର୍ଦ୍ଦେଶ ହୋଇଥିବା ବେଳେ ନିଜ ସ୍ୱାର୍ଥ ସାଧନରେ ବାଧକ ସାଜୁଥିବାରୁ ଆନ୍ଦୋଳନ ନାଟକ ଚାଲିଥିବା ଜଣାପଡ଼ିଛି। ଜିଲ୍ଲାପାଳ ଘଟଣା ଉପରେ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ନବଘନପୁର ଗାଁରୁ ସିରିଜ ଲୁଟ୍

ନୟାଗଡ଼,୨୬।୯ (ସମିସ): ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ନବଘନପୁରରୁ ସିରିଜ୍ ଚୋରୀ ହୋଇଛି। ବିଳମ୍ବିତ ରାତିରେ ଦୁଇଟି ଘରୁ ଲକ୍ଷାଧିକ ନଗଦ ଟଙ୍କା ସହ ବହୁ ସୁନାଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏହାସହିତ ଅନ୍ୟ ଦୁଇଟି ଘରୁ ଚୋରି ଉଦ୍ୟମ ବେଳେ ଲୋକ ଉଠିପଡିବାରୁ ଚୋର ପଳାଇ ଯାଇଥିବା ଅନୁମାନ କରାଯାଉଛି। ଗତକାଲି ରାତିରେ ଗାଁର ପାଣୁଚରଣ ପାଳଙ୍କ ଘରେ ଝରକା ଗ୍ରିଲ୍ ତାଡି ଘରେ ପଶି ଦୁର୍ବୃତ୍ତମାନେ ୭୦ ଗ୍ରାମରୁ ଅଧିକ ସୁନାଅଳଙ୍କାର ସହ ରୁପା ଗହଣା ଏବଂ ୫୫ ହଜାର ଟଙ୍କା ଲୁଟ କରିଛନ୍ତି। ପାଣୁଙ୍କ ପରିବାର ଲୋକେ ଦୁଇଟି ବଖରାରେ ଶୋଇଥିବା ବେଳେ ଠାକୁରଘରେ ପଶି ଦୁର୍ବୃତ୍ତମାନେ ଏହି ଚୋରି କରିଛନ୍ତି। ସେହିପରି ଗାଁର ଅନ୍ୟ ଏକ ସାହିରେ ରହୁଥିବା ପାଣୁଙ୍କ ସମ୍ପର୍କୀୟ ଭାଇ ଅକ୍ରୁର ପାଳଙ୍କ ଘରୁ ଚୋରମାନେ ୬୨ହଜାର ଟଙ୍କା ସହ ୪୦ଗ୍ରାମରୁ ଅଧିକ ସୁନାଗହଣା ଲୁଟ କରିନେଇଛନ୍ତି। ଦୁଇଟି ଘରୁ ସମାନ ତରିକାରେ ଝରକା ଗ୍ରୀଲ୍ ତାଡି ଚୋରି ହୋଇଛି। ଅକୃରଙ୍କ ଘରେ ମଧ୍ୟ ପରିବାର ଲୋକେ ଦୁଇଟି ବଖରାରେ ଶୋଇଥିବା ବେଳେ ଠାକୁର ଘର ଝରକା ଗ୍ରିଲ୍ ତାଡି ଚୋର ଲୁଟ୍ କରିଛନ୍ତି। ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଓ ଅନ୍ୟ ପୁଲିସ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାସହିତ ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାର୍ଡ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ ଜୁନ୍ ମାସ ୩୦ ତାରିଖରେ ନବଘନପୁର ଗାଁରେ ବଡଧରଣର ଚୋରି ହୋଇଥିବା ବେଳେ ପୁଲିସ ଏପର୍ଯ୍ୟନ୍ତ ଚୋରଙ୍କୁ ଧରିପାରିନାହିଁ।

## ରଣଜିତ୍ ଜିଲ୍ଲା କଂଗ୍ରେସ ସଭାପତି



ନୟାଗଡ଼,୨୬।୯ (ସମିସ): ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ଭାବେ ପୁଣିଥରେ ଆଇନଜୀବୀ ରଣଜିତ୍ ଦାଶଙ୍କୁ ଦଳ ଦାୟିତ୍ୱ ଦେଇଛି। ଗତଥର ରଣଜିତ୍ ଜିଲ୍ଲା ସଭାପତି ରହିବା ସହ ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପାର୍ଥୀ ହୋଇଥିଲେ। ଜିଲ୍ଲା ସଭାପତି ପାଇଁ ସତ୍ୟବ୍ରତ ନାୟକ, ହୁସେନ ଖାନ୍, ବିଭୁ ପ୍ରସାଦ ମିଶ୍ର ଦୌଡ଼ରେ ରହିଥିଲେ। ରଣଜିତଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିଥିବା ବେଳେ ଅନେକ କଂଗ୍ରେସ କର୍ମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ନୟାଗଡ଼ ପୂର୍ତ୍ତ ବିଭାଗ

# ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନେଇ ତେଜୁଛି ଅସନ୍ତୋଷ

ନୟାଗଡ଼,୨୬।୯ (ସମିସ)

ନୟାଗଡ଼ ଜିଲ୍ଲା ରାସ୍ତା ଓ ଗୃହ ନିର୍ମାଣ ତଥା ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରାଙ୍କୁ ନେଇ ତେଜୁଛି ଅସନ୍ତୋଷ। ଠିକାଦାରଙ୍କ ଅସନ୍ତୋଷ ଏବେ ପୂରା ବିଭାଗକୁ ରୁନ୍ଧି ସାରିଥିବା ବେଳେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ମଧ୍ୟ ଏଥିରୁ ବାଦ ପଡୁ ନାହାନ୍ତି। ନୟାଗଡ଼ ଜିଲ୍ଲାରେ ବର୍ଷ ସାରା କାମ କରି ଦଶହରା ସମୟକୁ ବିଲ ପାଇଁ ଚାହିଁ ବସିଥିବା ଠିକାଦାରଙ୍କ ପାର୍ବଣ ମଳିନ ପଡ଼ିବା ସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ସହକାରୀ ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀଙ୍କ ମଧ୍ୟ ବିବାଦ ଉଗ୍ରରୂପ ନେଇଛି। ଯାହାକୁ ନେଇ ଜିଲ୍ଲାରେ ନିର୍ମାଣ କାର୍ଯ୍ୟରେ ମନ୍ଥରତା ସୃଷ୍ଟି ହୋଇଥିବା ଦେଖାଯାଇଛି। ଦଶହରା ପୂର୍ବରୁ ବକେୟା ବିଲ ପାଇବା ପାଇଁ ଆଶା କରିଥିବା ଠିକାଦାରମାନେ ଚଳିତ ବର୍ଷ ନିରୁତ୍ସାହିତ ଅବସ୍ଥାରେ ରହିଛନ୍ତି। ଶହ ଶହ ଠିକାଦାର ସେମାନଙ୍କ ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଦରମା ଦେଇ ପାରୁନଥିବା ପରିସ୍ଥିତିରେ ଅଛନ୍ତି। ଯାହାକୁ ନେଇ ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ପ୍ରତି ସୃଷ୍ଟି ହୋଇଥିବା ଅସନ୍ତୋଷ ଉଗ୍ରରୂପ ନେବାର ସମ୍ଭାବନା ଦେଖା ଦେଇଛି। ଦଶପଲ୍ଲାରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିବା ବେଳେ ନୟାଗଡ଼, ଖଣ୍ଡପଡ଼ା ଓ ରଣପୁର ଅବସ୍ଥା ମଧ୍ୟ ସମାନ ବୋଲି ସୂଚନା ମିଳିଛି। ଦଳୀୟ ଭିତ୍ତିରେ ଚାପ ଯୋଗୁଁ ସରକାରୀ ଦଳ ସମର୍ଥିତ କିଛି ଠିକାଦାରଙ୍କ ବିଲ୍ ମିଳୁଥିବା ବେଳେ ଅନ୍ୟ ଠିକାଦାରଙ୍କୁ ଜାଣିଶୁଣି ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରାଙ୍କୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଆଗାମୀ ଦିନରେ ଜିଲ୍ଲା ବିକାଶରେ ବାଧକ ସୃଷ୍ଟି ହେବ ବୋଲି ଆଲୋଚନା ହେଉଛି। ଅଧିକ୍ଷଣ ଯନ୍ତ୍ରୀଙ୍କ ମତାମତ ପାଇଁ ମୋବାଇଲକୁ ଯୋଗାଯୋଗ କରାଯାଇଥିବା ତାହା ସମ୍ଭବ ହୋଇନଥିଲା।

## ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ଝୁଲାଇଲେ ଠିକାଦାର



ନୟାଗଡ଼/ଦଶପଲ୍ଲା,୨୬।୯ (ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଫାଟକରେ ତାଲା ଝୁଲାଇ ଆଜି ଠିକାଦାରମାନେ ପ୍ରତିବାଦ କରିଛନ୍ତି। ଦଶପଲ୍ଲା ସହକାରୀ ଯନ୍ତ୍ରୀଙ୍କ ଅଧିନସ୍ଥ ବିଭିନ୍ନ ଠିକାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଲ ପାଉନଥିବା ଅଭିଯୋଗ ହୋଇଛି। ବକେୟା ବିଲ୍ ଦଶହରା ପୂର୍ବରୁ ପ୍ରଦାନ କରାଯାଉଥିବା ବେଳେ ଏବେ ସହକାରୀ ଯନ୍ତ୍ରୀ ଧରାଛୁଆଁ ଦେଉନଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଆଜି ସକାଳୁ ଦଶପଲ୍ଲା ଅଞ୍ଚଳର ସମସ୍ତ ଠିକାଦାର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ପାଇ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟକୁ ଆସି ଆଲୋଚନା ପାଇଁ ଡାକିଥିଲେ। ଆଲୋଚନା ସମୟରେ ସହକାରୀ ଯନ୍ତ୍ରୀ ନୟାଗଡ଼ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରାଙ୍କ ଉପରେ ଦୋଷ ଲଦିଥିବା ଠିକାଦାର ମହଲରୁ ଜଣାପଡ଼ିଛି। ଦଶପଲ୍ଲାରେ କନିଷ୍ଠ ଯନ୍ତ୍ରୀ ନଥିବା ଏବଂ ନିଜେ ଅଧିକ୍ଷଣ ଯନ୍ତ୍ର ସମସ୍ତ ବିଭାଗୀୟ କାର୍ଯ୍ୟରେ ଅବହେଳା ଓ ଅଣଦେଖା କରୁଥିବାରୁ ଏହି ସମସ୍ୟା ଉପୁଜିଛି ବୋଲି ଠିକାଦାରଙ୍କୁ କହିଥିଲେ। ଏଥିରେ ଠିକାଦାରମାନେ ଉତ୍ୟକ୍ତ ହୋଇ କାର୍ଯ୍ୟାଳୟ ସମ୍ମୁଖରେ ପୁନଃ ଧାରଣା ଦେଇ ବସିବା ସହ ଅଧିକ୍ଷଣ ଯନ୍ତ୍ରୀଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଅଧିକ୍ଷଣ ଯନ୍ତ୍ରୀଙ୍କ ବୈମାତୃକ ମନୋଭାବ ବିରୁଦ୍ଧରେ ଠିକାଦାରମାନେ ନୟାଗଡ଼ ଯାଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ସମାନ କଥା ଦୋହରାଇବା ସହିତ କିଛିଦିନ ଧରି ମହାବୀର ମନ୍ଦିର କାର୍ଯ୍ୟ ସରିଥିଲେ ମଧ୍ୟ ଠିକାଦାର ତାଲା ଝୁଲାଇ ରଖିବା ଘଟଣାର ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ। ଆଜି ଆନ୍ଦୋଳନରେ ରଶ୍ମିରଞ୍ଜନ ମିଶ୍ର, ସୁଜିତ ମିଶ୍ର, ସୌମ୍ୟରଞ୍ଜନ ମିଶ୍ର, ସୁକାନ୍ତ ମହାନ୍ତି, ସୈଫୁ ଖାଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଦ୍ୟାଳୟ ଛୁଟି ଘୋଷଣା

ନୟାଗଡ଼,୨୬।୯ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଶନିବାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବନ୍ଦ ରହିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ରହିଛି।

■ ଶଙ୍ଖେଇରେ ଗ୍ରୀନକାର୍ଡ କରିବାକୁ ନେଇ ବିବାଦ

## ବିଜେପି କର୍ମୀଙ୍କୁ ମାଡ଼ ମାରିଲେ ନେତ୍ରୀ

ନୟାଗଡ଼,୨୬।୯ (ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଶଙ୍ଖେଇ ଗାଁର ଲୋକଙ୍କୁ ଗ୍ରୀନକାର୍ଡ କରାଇଦେବା ପାଇଁ ଜନୈକ ନେତ୍ରୀ ମିଛ କହି ଟଙ୍କା ଆଦାୟ କରୁଥିବା ଘଟଣାରୁ ଆଜି ଲଙ୍କାକାଣ୍ଡ ହୋଇଛି। ଗ୍ରୀନକାର୍ଡ କରାଇ ଦେବାକୁ ଲୋକଙ୍କଠାରୁ ବିଜେପି ନେତ୍ରୀ ୩ ଶହ ଟଙ୍କା ଲେଖାଏଁ ଆଦାୟ କରୁଥିଲେ। ଯାହାକୁ ନେଇ ବିଜେପି କର୍ମୀ ବିରୋଧ କରିଥିଲେ। ଜନୈକ ପୂର୍ବତନ ସରପଞ୍ଚ ଏବଂ ଅନ୍ୟ ଜଣେ ବ୍ୟକ୍ତି ଏହାକୁ ନେଇ ଗାଁରେ ଗାଳି ଗୁଲଜ କରିଥିଲେ। ବିଜେପି ନେତ୍ରୀ ମିଛ କହୁଥିବା ନେଇ ଲୋକଙ୍କୁ କହିବା ସହ ଠକେଇର ନପଡ଼ିବାକୁ ବୁଝାଉଥିଲେ। ଖବରପାଇ ଆତ୍ମଘୋଷିତ ବିଜେପି ନେତ୍ରୀ ଜଣଙ୍କ କିଛି ମହିଳାଙ୍କୁ ଧରି ଶଙ୍ଖେଇ ଗାଁରେ ପହଞ୍ଚି ପୂର୍ବତନ ସରପଞ୍ଚ ଓ ଅନ୍ୟଜଣେ ବିଜେପି କର୍ମୀଙ୍କୁ ଉତ୍ତମ ମଧ୍ୟମ ଦେଇଥିବା ଜଣାପଡ଼ିଛି। ଗଣ୍ଡଗୋଳ ଖବର ପାଇ ଇଟାମାଟି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି। ଏନେଇ ଉଭୟ ପକ୍ଷରୁ ଥାନାରେ କୌଣସି ଏତଲା ଦିଆଯାଇନଥିବା ସୂଚନା ମିଳିଛି।

## ଅଙ୍ଗଦାନ କରି ଅମର ଉମେଶ; ପୁଲିସର ଗାର୍ଡ ଅଫ୍ ଅନର



ନିରାକାରପୁର,୨୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ଗ୍ରାମର ଯୁବ ସଂଗଠକ ତଥା ସମାଜସେବୀ ଉମେଶ ଚନ୍ଦ୍ର ଦାଶଙ୍କ ଅକାଳ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଅଙ୍ଗଦାନ କରିଛନ୍ତି। ଉମେଶ ଗତ ୨୧ ତାରିଖରେ ହୃଦ୍‌ଘାତର ଶିକାର ହୋଇ ଭୁବନେଶ୍ୱର କିମ୍‌ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ପରିବାର ଲୋକେ ଉମେଶଙ୍କ ଦୁଇଟି ଲିଭର୍ ଓ କିଡ୍‌ନୀ ଦାନ କରିଛନ୍ତି। ଉମେଶଙ୍କ ଲିଭର୍, କିଡ୍‌ନୀ ଲଗାଇ ଅନ୍ୟର ଜୀବନ ବଞ୍ଚାଇଥିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଗର୍ବ ଅନୁଭବ କରିଛନ୍ତି। ଉମେଶଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ବାସଭବନ ସମ୍ମୁଖରେ ପୁଲିସ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଛି। ତାଙ୍କର ମରଶରୀର ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

## ସମ୍ଭବ ତାଲିମ ଶିବିର ଉଦ୍‌ଯାପିତ; ୧୭୨ ପ୍ରଧାନଶିକ୍ଷକଙ୍କୁ ତାଲିମ

ଖୋର୍ଦ୍ଧା,୨୬।୯ (ସମିସ): ସ୍ଥାନୀୟ ବିଜେବି ହାଇସ୍କୁଲଠାରେ ଗତ ୮ ତାରିଖରୁ ଚାଲିଥିବା ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ 'ସମ୍ଭବ' ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ବୋଲଗଡ଼, ବେଗୁନିଆ, ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା, ବାଣପୁର, ଜଟଣୀ ବ୍ଲକ୍‌ର ୧୭୨ ଜଣ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ୩ଟି ପର୍ଯ୍ୟାୟରେ ତାଲିମ ନେଇଥିଲେ। ଶିବିରରେ ଜାତୀୟ ଶିକ୍ଷାନୀତି-୨୦୨୦ ନିୟମାବଳୀ, ବିଦ୍ୟାଳୟରେ ପ୍ରଧାନଶିକ୍ଷକମାନଙ୍କର ଦୃଢ଼ ନେତୃତ୍ୱ, ବିଦ୍ୟାଳୟର ଅନୁଶାସନ, ଅନ୍ତର୍ନିବେଶୀ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟର ସୁପରିଚାଳନା, ଛାତ୍ରଛାତ୍ରୀଙ୍କ ନିରାପତ୍ତା ଓ ସୁରକ୍ଷା, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଓ ଅଭିଭାବକଙ୍କ ସମ୍ପୃକ୍ତି, ଅଧାରୁ ପାଠ ଛାଡୁଥିବା ଓ ଛାଡ଼ିଥିବା ପିଲାଙ୍କ ପାଇଁ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ସାମିଲ କରିବା ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଡେଜିନା ଦାସ, ଜୟନ୍ତୀ କୁମାରୀ ହୋତା, ଦୀପ୍ତିପ୍ରଭା ଦାସ, ଅଜୟ ବରାଡ଼ ତାଲିମ ପ୍ରଦାନ କରିଥିଲେ। ଖୋର୍ଦ୍ଧା ବ୍ଲକ୍ ଶିକ୍ଷାଧିକାରୀ ଯାଜ୍ଞସେନୀ ସାହୁ, ଜିଲ୍ଲା ପେଡାଗୋଜି କୋର୍ଡିନେଟର ରାଜଶ୍ରୀ ପଟ୍ଟନାୟକ ଓ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂ ପ୍ରମୁଖ ତାଲିମ ଶିବିରକୁ ପରିଦର୍ଶନ କରିଥିଲେ। ବିଜେବି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଓଷ୍ଟାର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ନିରାକାରପୁର,୨୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମର ସୁଶାନ୍ତ ପ୍ରଧାନଙ୍କ ଧର୍ମ ପତ୍ନୀ ଧର୍ମପରାୟଣ ମହିଳା ସୁଜାତା ପ୍ରଧାନ (୪୭)ଙ୍କ ନିଜ ବାସଭବନରେ ବିୟୋଗ ଘଟିଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁତ୍ର ଶୁଭକାନ୍ତ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ଭିଜିଲାନ୍ସ ହାତରେ ଧରାପଡ଼ିଲେ ଏଡିଇଓ

ବାଲୁଗାଁ,୨୬।୯ (ସମିସ): ବାଣପୁର ବ୍ଲକ୍ ଅନ୍ତର୍ଗତ ନୀଳାଦ୍ରି ପ୍ରସାଦ ଗ୍ରାମ ପଞ୍ଚାୟତର କାର୍ଯ୍ୟରତ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ବା ଏଡିଇଓ ରାକେଶ ସାହୁ ଲାଞ୍ଚ ଟଙ୍କା ନେଉଥିବାବେଳେ ଶୁକ୍ରବାର ଖୋର୍ଦ୍ଧା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ଆବାସ ଯୋଜନାରେ ଘର କରାଇଦେବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରି ଜନୈକ ଆଦିବାସୀ ବ୍ୟକ୍ତିଙ୍କୁ ହଇରାଣ ହରକତ କରୁଥିଲେ।

ପ୍ରକାଶ ଯେ, ନୀଳାଦ୍ରି ପ୍ରସାଦ ଗ୍ରାମର ଜନୈକ ଆଦିବାସୀ ହିତାଧିକାରୀ ପ୍ରଫୁଲ୍ଲ କୁମାର ଶବର ଅନ୍ତ୍ୟୋଦୟ ଯୋଜନାରେ ନିଜର ଏକ ଆବାସ ଘର ପାଇବା ପାଇଁ ଆବେଦନ କରିଥିଲେ। ସେ ଆବାସ ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ତାଙ୍କୁ ଉକ୍ତ ଯୋଜନାରେ ଆବାସ ଗୃହର ଦେୟ ଟଙ୍କା ପ୍ରଦାନ ପାଇଁ ନୀଳାଦ୍ରି ପ୍ରସାଦ ଗ୍ରାମ ପଞ୍ଚାୟତର ଏଡିଇଓ ତଥା ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ରାକେଶ ସାହୁ ଲାଞ୍ଚ ଦାବି କରି ବାରମ୍ବାର ବ୍ଲକ୍‌କୁ ଦୌଡ଼ାଇ ହଇରାଣ ହରକତ କରୁଥିଲେ। ଆବାସ ଗୃହ ନିର୍ମାଣର ଅନ୍ତ୍ୟୋଦୟ ହାଉସିଂ ସ୍କିମ୍‌ରେ



ପ୍ରଥମ ବିଲ୍ କରାଇଦେବା ପାଇଁ ପୂର୍ବରୁ ୬ ହଜାର ଟଙ୍କା ଲାଞ୍ଚ ନେଇଥିବାବେଳେ ଦ୍ୱିତୀୟ ବିଲ୍ କରାଇଦେବାକୁ ଆଉ ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ରାକେଶ। ଏ ସମ୍ପର୍କରେ ପ୍ରଫୁଲ୍ଲ ଜିଲ୍ଲା ଭିଜିଲାନ୍ସ ଟିମ୍‌କୁ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶୁକ୍ରବାର ଅପରାହ୍ଣରେ ବାଲୁଗାଁ ଗାନ୍ଧୀ ଛକଠାରେ ଅଭିଯୋଗକାରୀ ପ୍ରଫୁଲ୍ଲ ରାସାୟନିକ ରଙ୍ଗ ବୋଳା ୬ ହଜାର ଟଙ୍କା ରାକେଶଙ୍କୁ ଦେଇଥିଲେ। ସେହି ସମୟରେ ପୂର୍ବରୁ ସେଠାରେ ଲୁଚି ରହିଥିବା ୮ ଜଣିଆ ଖୋର୍ଦ୍ଧା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲେ। ଭିଜିଲାନ୍ସ ବିଭାଗ ବାଲୁଗାଁ ଗାନ୍ଧୀ ଛକଠାରୁ ତାଙ୍କ ଗାଡି ଡିକିରୁ ସମସ୍ତ ରଙ୍ଗବୋଳା ଟଙ୍କା ଜବତ କରିବା ସହିତ ରାକେଶଙ୍କୁ ନିଜ ହେପାଜତକୁ ନେଇ ଅଧିକ ତଦନ୍ତ ପାଇଁ ବାଣପୁର ବ୍ଲକ୍ କାର୍ଯ୍ୟାଳୟକୁ ନେଇ ପଚରାଉଚରା କରି ଖୋର୍ଦ୍ଧା ନେଇଯାଇଥିଲେ। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ କେସ୍ ନଂ ୨୨/୨୫ରେ ଏକ ମାମଲା ରୁଜୁ କରି ରାକେଶଙ୍କୁ ଗିରଫ କରି ତଦନ୍ତ ଅବ୍ୟାହତ ରଖିଥିବା ଖୋର୍ଦ୍ଧା ଜିଲ୍ଲା ଭିଜିଲାନ୍ସ ଅଧିକାରୀ ଚନ୍ଦ୍ରକଳା ଜେନା ସୂଚନା ଦେଇଛନ୍ତି।

## ଆଜି ବିଶ୍ୱ ପର୍ଯ୍ୟଟନ ଦିବସ

# ଅବହେଳିତ ଅନନ୍ତପୁରୁଷୋତ୍ତମ ଦେବଙ୍କ ପୀଠ

- ପର୍ଯ୍ୟଟକଙ୍କୁ ମିଳୁନି ମୌଳିକ ସୁବିଧା, ଜବରଦଖଲରେ ବଡ଼ଦାଣ୍ଡ
- ପାନୀୟଜଳ, ରାସ୍ତାଘାଟ ଉନ୍ନତିକରଣ ଦାବି

ଖୋର୍ଦ୍ଧା,୨୬।୯ (ସମିସ)

ରାଜ୍ୟର ଅନେକ ସ୍ଥାନରେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ପୂଜା ପାଉଥିବାବେଳେ ଖୋର୍ଦ୍ଧା ଉପକଣ୍ଠ ଜାଗୁଲେଇପାଟଣାସ୍ଥିତ ଅନନ୍ତପୁରୁଷୋତ୍ତମ ଦେବଙ୍କ ପୀଠ ଏକ ନିଆରା ପୀଠ। ରାଜ୍ୟର ଅନ୍ୟ ମନ୍ଦିରରେ ହାତଗୋଡ଼ ନ ଥିବା ପ୍ରଭୁ ଜଗନ୍ନାଥ ରତ୍ନସିଂହାସନରେ ପୂଜା ପାଉଥିବାବେଳେ ଏଠାରେ ପୂଜା ପାଉଥିବା ଚତୁର୍ଦ୍ଧାମୂରତି କିନ୍ତୁ ଭିନ୍ନ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ପୂର୍ଣ୍ଣ ବିଗ୍ରହ ଶ୍ରୀଅନନ୍ତପୁରୁଷୋତ୍ତମ ଦେବଙ୍କ ପୀଠସ୍ଥଳୀର ମାନ୍ୟତା ପାଇଥିବାବେଳେ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକମାନେ ପର୍ଯ୍ୟଟନ ଋତୁରେ ଏ ସ୍ଥାନକୁ ଛୁଟି ଆସନ୍ତି। ମାତ୍ର ବିଭାଗୀୟ ଅବହେଳା ଓ ପ୍ରଶାସନିକ ଆନ୍ତରିକତା ଅଭାବରୁ ଏଠାରେ ପର୍ଯ୍ୟଟକଙ୍କୁ ମିଳୁନି ଉପଯୁକ୍ତ ସୁବିଧା। ମହିଳା ପର୍ଯ୍ୟଟକ ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା। ନିଜକୁ ଅସୁରକ୍ଷିତ ପର୍ଯ୍ୟଟକ ଅନୁଭବ କରୁଛନ୍ତି। ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବୃଦ୍ଧି ଘଟଣା ଏବେ ଚିନ୍ତାର କାରଣ ପାଲଟିଛି। ଅସ୍ୱାସ୍ଥ୍ୟକର ପରିବେଶ ପର୍ଯ୍ୟଟକଙ୍କୁ ଅଣନିଃଶ୍ୱାସୀ କରୁଥିବାବେଳେ ସଞ୍ଜ ନଇଁଲେ ପୀଠ ସମ୍ମୁଖ ରାସ୍ତାରେ ମଦ ବୋତଲ ଗଡୁଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ



ଦେଖାଦେଇଛି।

ସୂଚନାଯୋଗ୍ୟ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ମାନଚିତ୍ର ତଥା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୫ କିଲୋମିଟର ଦୂରତାରେ ରହିଛି ଏହି ପର୍ଯ୍ୟଟନସ୍ଥଳୀ। ୨୦୧୩ରେ ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେଇଥିଲେ, ମାତ୍ର ଏ ପର୍ଯ୍ୟନ୍ତ କାଣିଚାଏ ଅର୍ଥ ବିଭାଗ ପକ୍ଷରୁ ଆସିନି। ଶ୍ରୀଅନନ୍ତପୁରୁଷୋତ୍ତମ ପୂର୍ଣ୍ଣବିଗ୍ରହଙ୍କ ଘୋଷଯାତ୍ରା ଏବଂ ଶ୍ରୀକ୍ଷେତ୍ର ଘୋଷଯାତ୍ରାର ରୀତିନୀତି ମଧ୍ୟରେ ପାର୍ଥକ୍ୟ ନ ଥିବାବେଳେ କେବଳ ରଥ ପ୍ରସ୍ତୁତିରେ ରହିଛି ପାର୍ଥକ୍ୟ। ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ୩ ରଥରେ ବିଜେ କରୁଥିବାବେଳେ ଏଠାରେ ତିନି ଭାଇ ଭଉଣୀଙ୍କ ପୂର୍ଣ୍ଣବିଗ୍ରହ ଗୋଟିଏ ରଥରେ ବିଜେ କରି ଗୁଣ୍ଡିଚା ମନ୍ଦିର ଯାଆନ୍ତି। ଏ ପୀଠକୁ ଜିଲ୍ଲା ଓ ରାଜ୍ୟ ସମେତ ରାଜ୍ୟ ବାହାରର ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଉତରପ୍ରଦେଶ ପ୍ରମୁଖ ରାଜ୍ୟରୁ ଶ୍ରଦ୍ଧାଳୁମାନେ ଆସି ପୂର୍ଣ୍ଣ ବିଗ୍ରହଙ୍କ ଦର୍ଶନ କରୁଥିବା ଦେଖାଯାଇଛି। ୫୭ନଂ ଜାତୀୟ ରାଜପଥଠାରୁ ପୀଠ ଯାଏଁ ରାସ୍ତାରେ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବା ବେଳେ ଉକ୍ତ ରାସ୍ତାକାମ ଅଧା ହୋଇ ପଡ଼ିରହିଛି। ସକ୍ରିୟ ପରିଚାଳନା ଅଭାବରୁ ଏଠାକାର ଉନ୍ନତି ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ରଥ ଗଡୁଥିବା ମୁଖ୍ୟ ରାସ୍ତା କଥା ନ କହିବା ଭଲ। ପିଇବା ପାଣି ଲାଗି ଆସୁଥିବା ଯାତ୍ରୀ ହଇରାଣ ହେଉଛନ୍ତି। ଏଠାରେ ରହିଥିବା କୂଅଟି ଖରାଦିନେ ଶୁଖିଯାଉଥିବାବେଳେ ପିଇବା ପାଣି ସମସ୍ୟା ଲାଗି ରହିଛି।

ବାହାଘର, ବ୍ରତଠାରୁ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ଏଠାରେ ନିୟମିତ ହେଉଥିବାବେଳେ ରୋଷଘରଟେ ନାହିଁ। ପୀଠରେ ପ୍ରସାଦ ପାଇବା ଲାଗି ଶ୍ରଦ୍ଧାଳୁଙ୍କ ନିମନ୍ତେ ଆନନ୍ଦବଜାର ନ ଥିବାବେଳେ ଠାକୁରଙ୍କ ବଡ଼ଦାଣ୍ଡ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ତାକୁ ଉଦ୍ଧାର କରିବାରେ



ପ୍ରଶାସନ ବିଫଳ ହୋଇଛି। ସରକାରୀ ଅନୁଦାନରେ କେବଳ ଏକ ଯାତ୍ରୀନିବାସ ହୋଇଥିବାବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ କେବଳ ନାମଫଳକ ବ୍ୟତୀତ କାଣିଚାଏ ଅନୁଦାନ ଆସି ନ ଥିବା ଟ୍ରଷ୍ଟି ବୋର୍ଡର ପୂର୍ବତନ ସମ୍ପାଦକ ବୈକୁଣ୍ଠ ମହାପାତ୍ର କହିଛନ୍ତି। ପର୍ଯ୍ୟଟନ ବିଭାଗର ଅବହେଳା ଯୋଗୁଁ ଏ ପୀଠ ଏବେ ଅବହେଳିତ ହୋଇପଡ଼ିଛି। ତେଣୁ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଏ କ୍ଷେତ୍ରର ବିକାଶ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କମ୍ୟୁନିଷ୍ଟ ନେତାଙ୍କ ସ୍ମୃତିଚାରଣ ସଭା

ଭୂଷଣ୍ଡପୁର,୨୬।୯ (ସମିସ): ଟାଙ୍ଗୀ ବ୍ଲକ୍‌ର ବାଲିପାଟପୁର ପଞ୍ଚାୟତର ମତ୍ସ୍ୟଜୀବୀ ସମ୍ପ୍ରଦାୟରେ ଜନ୍ମ ଗ୍ରହଣ କରି ଦଳିତ ଅବହେଳିତ, ହରିଜନ ଆଦିବାସୀଙ୍କ ମୌଳିକ ଦାବି ପ୍ରତି ଅହରହ ସଂଗ୍ରାମ କରି ଅଞ୍ଚଳରେ ପ୍ରତିଷ୍ଠିତ କାଶୀନାଥ ବେହେରା, ଏଠିକାର ଚାଷୀ ଏବଂ ମତ୍ସ୍ୟଜୀବୀମାନଙ୍କର ଭାତହାଣ୍ଡି ଶୁଭଦ୍ରାପୁର ଘେରି ଚାଷ ଜମି ପାଇଁ ଲଢ଼ି ଅନେକବାର କାରାବରଣ କରିଥିଲେ। ଆଇନଜୀବୀ ଅନିଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତାଙ୍କ ସ୍ମୃତିଚାରଣ ସଭାରେ ସାମ୍ୟବାଦୀ ନେତା ଗିରିଶ ମହାରଣା, ବୈକୁଣ୍ଠ ନାଥ ବେହେରା, ରବିନ୍ଦ୍ର ବେହେରା, ଅଜୟ ବେହେରା, ଅନାଦି ବେହେରା ଅଂଶଗ୍ରହଣ କରି କାଶୀନାଥ ବେହେରାଙ୍କ ଅନେକ ଅଭୁଲା କଥା ପ୍ରକାଶ କରିଥିଲେ। ସାମ୍ୟବାଦୀ ଆନ୍ଦୋଳନ ବ୍ୟତୀତ ମାଗଣାରେ ହୋମିଓପାଥି ଚିକିତ୍ସା କରି ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି।

## ସ୍କନ୍ଦମାତା ବେଶରେ ମା' ବନଦୁର୍ଗା



ନିରାକାରପୁର,୨୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱକଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ତ୍ରୟୋଦଶ ଓ ନବରାତ୍ରିର ପଞ୍ଚମ ଦିବସରେ ସ୍କନ୍ଦମାତା ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ଶ୍ରୀମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

## ଜିଲ୍ଲାପାଳ ଓ ଜିଲ୍ଲା ପରିଷଦଙ୍କ କାର୍ଯ୍ୟାଳୟର ନବନିର୍ମିତ କୋଠା ଉଦ୍‌ଘାଟିତ




ଖୋର୍ଦ୍ଧା,୨୬।୯ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛପାଖରେ ୧୪କୋଟି୩୫ଲକ୍ଷ ବ୍ୟୟ ଅଟକଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅତିରିକ୍ତ କୋଠା ଏବଂ ୧କୋଟି ୩୦ଲକ୍ଷ ବ୍ୟୟ ଅଟକଳରେ ନବନିର୍ମିତ ଜିଲ୍ଲା ପରିଷଦ ଖୋର୍ଦ୍ଧାଙ୍କ ନବନିର୍ମିତ ସଭାଗୃହ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ପୂର୍ବାହ୍ଣରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଜଟଣୀ,୨୬।୯ (ସମିସ): ଜଟଣୀରେ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ସ୍ୱଚ୍ଛତା ରାଲି, ସ୍ୱଚ୍ଛତା ଅଭିଯାନ, ମନ୍ଦିର ସଫେଇ, ପୁଷ୍କରିଣୀ ସଫେଇ, ପୌର କାର୍ଯ୍ୟାଳୟ ସଫେଇ, ବୃକ୍ଷରୋପଣ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନ ସଫେଇ, ବିଭିନ୍ନ ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର କାର୍ଯ୍ୟାଳୟର ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ପରିଷଦ କାଉନ୍‌ସିଲର,



ରେଳବାଇ ଅଧିକାରୀ, ପୌର କର୍ମଚାରୀ, ନାଇଜର ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ମହିଳା ଗୋଷ୍ଠୀ ଆଦି ଯୋଗଦେଇଥିଲେ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁରହିବ ବୋଲି ସୂଚନା ମିଳିଛି।

- ମଇଁଷି ବୋଝେଇ ଆଇଚର, ପିକ୍‌ଅପ୍ ଭ୍ୟାନ୍ ଜବତ

## ୩୦ ମଇଁଷି ଉଦ୍ଧାର, ଜଣେ ଗିରଫ

ଖୋର୍ଦ୍ଧା,୨୬।୯ (ସମିସ): ଭୁବନେଶ୍ୱର-ଚେନ୍ନାଇ ୧୬ନଂ ଜାତୀୟ ରାଜପଥର ପଣ୍ଡିତ ଢାବା ନିକଟରୁ ବଜରଙ୍ଗ ଦଳ ସଦସ୍ୟ ମଇଁଷି ବୋଝେଇ ୨ଟି ଆଇଚର ଓ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଧରି ପୁଲିସ ଜିମା ଦେଇଛନ୍ତି। ସଦର ପୁଲିସ ଗାଡ଼ି ୩ଟିକୁ ଜବତ କରିବା ସହ ସେଥିରୁ ୩୦ ମଇଁଷି ଉଦ୍ଧାର କରିଛି। ଏ ଘଟଣାରେ ପୁଲିସ ଜଣେ ଡ୍ରାଇଭର ତେଲଙ୍ଗାନା ମନୋହରବାଦର ଚେରୁକୁଲା ଶ୍ରୀନିବାସ (୩୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ, ୨ଟି ଆଇଚର ଓ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ମଇଁଷି ବୋଝେଇ ହୋଇ ଆସୁଥିବା ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ଓ ଗୋ-ସୁରକ୍ଷା ବାହିନୀର କର୍ମକର୍ତ୍ତା ଗାଡ଼ି ୩ଟିକୁ ଜାତୀୟ ରାଜପଥର ପଣ୍ଡିତ ଢାବା ନିକଟରେ ଅଟକାଇଥିଲେ। ସଦର ପୁଲିସକୁ ଖବର ଦେବାରେ ପୁଲିସ ପହଞ୍ଚି ଗାଡ଼ି ଯାଞ୍ଚ କରିବାରେ ଗାଡ଼ି ୩ଟିରେ ୩୦ ମଇଁଷି ଅତି ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରୁ ଦୁଇ ଡ୍ରାଇଭର ଖସିଯାଇଥିବା ବେଳେ ଜଣେ ଡ୍ରାଇଭରକୁ ପୁଲିସ ଧରିଛି। ପୁଲିସ ସମସ୍ତ ଗାଡ଼ିକୁ ଜବତ କରି ସେଠାରୁ ଥାନାକୁ ଆଣି ୨୮ ୬/୨୫ରେ ଏକ ମାମଲା ରୁଜୁ କରି ଡ୍ରାଇଭରକୁ କୋର୍ଟଚାଲାଣ କରିଛି। ଉଦ୍ଧାର ମଇଁଷିଙ୍କୁ ନୟାଗଡ଼ ଖଣ୍ଡପଡ଼ାସ୍ଥିତ କାମଧେନୁ ଗୋଶାଳାରେ ଛଡ଼ାଯାଇଛି। ଏହି ରାକେଟ୍ ପଛର ମାଷ୍ଟରମାଇଣ୍ଡ କିଏ, ଅନ୍ୟ କେଉଁମାନେ ଏଥିରେ ସାମିଲ୍ ଅଛନ୍ତି। ପୁଲିସ ଏହାର ଖୋଳତାଡ଼ କରୁଛି।

## ବ୍ଲକ୍ ମୁଖ୍ୟ ଗେଟ୍ ତାଲା ପକାଇଲେ ମିଶନ ଶକ୍ତି ମା'



ଜଟଣୀ,୨୬।୯ (ସମିସ): ବ୍ଲକ୍‌ସ୍ତରୀୟ ଜିପିଏଲ୍‌ଏଫ୍ ସାମ୍ମୁଖ୍ୟ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ଶୁକ୍ରବାର ଅପରାହ୍ଣରେ ମହିଳାମାନେ ବ୍ଲକ୍ ମୁଖ୍ୟ ଗେଟ୍‌କୁ ତାଲା ପକାଇ ପ୍ରତିବାଦ କରିଥିଲେ। ଫଳରେ ବ୍ଲକ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ବାହାରକୁ ଆସିପାରି ନ ଥିଲେ। ଘଟଣାସ୍ଥଳରେ ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାସୁଝା କରିବା ପରେ ଗେଟ୍ ଖୋଲିଥିଲେ। ଏଥିରେ ସଂଘ ସଭାପତି ପ୍ରମିଳା ନାଏକ, ସମ୍ପାଦିକା ବନିତା କଳସୀ, ସ୍ମିତା ଦାସ, ପୂଜା ପ୍ରଧାନ, ଯମୁନା ମୁଦୁଲି, ଶୁଭଲକ୍ଷ୍ମୀ ସାହୁ, ଉଷାରାଣୀ ସାମନ୍ତରାୟଙ୍କ ସମେତ ଅନ୍ୟ କର୍ମୀମାନେ ସାମିଲ ହୋଇଛନ୍ତି।

### ସମବାୟ ସମିତି ସମ୍ପାଦକଙ୍କ କାଗଜପତ୍ର ଯାଞ୍ଚ

# ଇସ୍ତଫା ଦେଉଛନ୍ତି ଜଣକ ପରେ ଜଣେ ସମ୍ପାଦକ

ଖୋର୍ଦ୍ଧା,୨୬।୯ (ସମିସ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିରେ କାର୍ଯ୍ୟରତ ସମ୍ପାଦକଙ୍କର ଜନ୍ମତାରିଖ ସମ୍ପର୍କିତ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ସମବାୟ ଅଧିକାରୀ ଅଳକାନନ୍ଦା ଜେନା ଖୋର୍ଦ୍ଧା ସମବାୟ ସହକାରୀ ଅଧିକାରୀଙ୍କୁ ପ୍ରମାଣପତ୍ର ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ଉପଖଣ୍ଡରେ ଥିବା ୬ଟି ବ୍ଲକ୍ ଯଥା- ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ଚିଲିକା ଓ ବାଣପୁର ଅଞ୍ଚଳରେ କାର୍ଯ୍ୟରତ ସମିତିର ସମ୍ପାଦକଙ୍କ ଜନ୍ମତାରିଖ ସଂକ୍ରାନ୍ତୀୟ ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ପତ୍ର ପଠାଇଥିଲେ। ଅନେକ ସମ୍ପାଦକ ଏହାକୁ ଭ୍ରୂକ୍ଷେପ ନ କରିବା ଖବରପ୍ରାପ୍ତ ହୋଇଛି। ଯାଞ୍ଚ ସମୟରେ ଖୋର୍ଦ୍ଧା ବ୍ଲକ୍‌ର ଦିବ୍ୟସିଂହପ୍ରସାଦ ସମିତିର ସମ୍ପାଦକ ଲିଆକତ୍ ଅଲ୍ଲୀ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କ ସ୍ଥାନରେ ନିକଟସ୍ଥ ମୁକ୍ତାପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଖୋର୍ଦ୍ଧା ସମିତିର ସମ୍ପାଦକ ବିଶ୍ୱନାଥ ମହାରଣା ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କ ସ୍ଥାନରେ ନିକଟସ୍ଥ କାଇପଦର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଏଆର୍‌ସିଏସ୍ ଭାଗମତ ମାରାଣ୍ଡିଙ୍କ ସୂତ୍ରରୁ ଜଣାଯାଇଛି। ବେଗୁନିଆ ବ୍ଲକ୍‌ର ଡିଙ୍ଗର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେହିପରି ଟାଙ୍ଗୀ ବ୍ଲକ୍‌ର ଟାଙ୍ଗୀ ଓ ଲେଣ୍ଡୋ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କ ବିରୁଦ୍ଧରେ ସମାନ ଅଭିଯୋଗ ଆସିଥିଲା। ଏଆର୍‌ସିଏସ୍‌ଙ୍କ ନିଲମ୍ବନ ନିର୍ଦ୍ଦେଶନାମା ପରେ ସେମାନେ ଆଣି ତାଙ୍କ ଡକ୍ୟୁମେଣ୍ଟ ଦାଖଲ କରିଥିଲେ। ବାଣପୁର ବ୍ଲକ୍‌ର ନାଚୁଣୀ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଇସ୍ତଫା ଦେବା ପରେ ନୂତନ ସମ୍ପାଦକ ନିଯୁକ୍ତି ଏପର୍ଯ୍ୟନ୍ତ ପାଇନାହାନ୍ତି। ସେହି ବ୍ଲକ୍‌ର ଡୁମରାପୁଟ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଇସ୍ତଫା ଦେଇଥିବା ସେ କହିଛନ୍ତି। ଖାଲି ସେତିକି ନୁହେଁ, ଏହା ବ୍ୟତୀତ ସମସ୍ତ ସମିତିରେ କାର୍ଯ୍ୟରତ ସହକାରୀ ସମ୍ପାଦକ, କୋଷାଧ୍ୟକ୍ଷ ଓ ପିଅନ ପଦର କର୍ମଚାରୀଙ୍କ ସମଦୃଷ୍ଟିରେ ସେମାନଙ୍କ ଜନ୍ମତାରିଖ ସମ୍ପର୍କିତ ପ୍ରମାଣପତ୍ର ଯାଞ୍ଚ କରାଯିବା ଲାଗି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଥାଉକି, ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକରେ ନିୟୋଜିତ ସମ୍ପାଦକ, ସାଧାରଣ ସମ୍ପାଦକ, ଡିଇଓ, ପିଅନ ପ୍ରଭୃତି ସମସ୍ତ ପଦ ପାଇଁ ନିଯୁକ୍ତି ସମୟରେ ଖୋର୍ଦ୍ଧା ସହକାରୀ ସମବାୟ ଅଧିକାରୀ ମଞ୍ଜୁରୀ ପ୍ରଦାନ କରିଥା'ନ୍ତି। ସେହି କାର୍ଯ୍ୟାଳୟରେ ନିଯୁକ୍ତି ସମ୍ପର୍କିତ ସମସ୍ତ କର୍ମଚାରୀଙ୍କ ଶିକ୍ଷାଗତ, ଜାତିଗତ, ଜନ୍ମତାରିଖ ପ୍ରଭୃତି ସମସ୍ତ ପ୍ରମାଣପତ୍ରର ନକଲ ରହିଥିବାବେଳେ ଯାଞ୍ଚ ଏକ ପ୍ରକାର ପ୍ରହସନ ବୋଲି ଅନେକ ସମିତିର ସମ୍ପାଦକମାନେ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଆର୍‌ସିଏସ୍ ଭାଗମତ ମାରାଣ୍ଡିଙ୍କ କହିବା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ଗ୍ରେଡ୍-୧, ଗ୍ରେଡ୍-୨ କର୍ମଚାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ପରେ ଅନ୍ୟମାନଙ୍କର ମଧ୍ୟ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଉପନିବନ୍ଧକ ଖୋର୍ଦ୍ଧା ଚିଠି ନଂ- ୨୨୫୩ରେ ୧୮.୮.୨୦୨୫ରେ ସହକାରୀ ନିବନ୍ଧକ ଖୋର୍ଦ୍ଧା ଏବଂ ଭୁବନେଶ୍ୱର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମିତିରେ କାର୍ଯ୍ୟରତ ଗ୍ରେଡ୍-୧, ଗ୍ରେଡ୍-୨ କର୍ମଚାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ପ୍ରମାଣପତ୍ର ଯାଞ୍ଚ ପାଇଁ ଆଦେଶ ଦେଇଥିଲେ। ପରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଚିଠି ନଂ- ୨୨୮୧ ତା ୨୦.୮.୨୦୨୫ ରିଖରେ ନିଜର ମ୍ୟାନେଜରଙ୍କୁ ବ୍ୟାଙ୍କ୍‌ସ୍ତରରେ ସମିତି କର୍ମଚାରୀଙ୍କର ନଥିପତ୍ର ଯାଞ୍ଚ ପାଇଁ ଦାୟିତ୍ୱ ଦେଇଥିଲେ। କିନ୍ତୁ ସେଠାକୁ ଅନେକ କର୍ମଚାରୀ ଅନୁପସ୍ଥିତ ଥିଲେ। ପରେ ସହକାରୀ ନିବନ୍ଧକ ପୁଣି ଥରେ ସମସ୍ତ କର୍ମଚାରୀଙ୍କୁ ଅନ୍ୟ ଏକ ଚିଠି କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ ଯେଉଁ କର୍ମଚାରୀମାନେ ଅନୁପସ୍ଥିତ ଥିଲେ ସେମାନେ ପୁଣି ଥରେ ସହକାରୀ ନିବନ୍ଧକ ଖୋର୍ଦ୍ଧା କାର୍ଯ୍ୟାଳୟରେ ଆସି ପହଞ୍ଚିବାକୁ ବ୍ୟକ୍ତିଗତଭାବେ ଆଦେଶ ଦେଇଥିଲେ ବୋଲି ଜଣାଯାଇଛି।

## ବଧୂ ନିର୍ଯାତନା ମାମଲା: ଶାଶୂ ଓ ନଣନ୍ଦଙ୍କୁ କାରାଦଣ୍ଡାଦେଶ

ବାଣପୁର,୨୬।୯ (ସମିସ): ଯୌତୁକ ଲୋଭରେ ବଧୂକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଘରୁ ତଡ଼ିଦେବା ଅଭିଯୋଗରେ ବାଣପୁର ସହକାରୀ ଦୌରାଜଜ୍ ଅମରେଶ ମହାପାତ୍ର ଶାଶୂକୁ ଦେଢ଼ ବର୍ଷ ଓ ନଣନ୍ଦକୁ ଏକ ବର୍ଷ କାରାଦଣ୍ଡାଦେଶ ସହ ଉଭୟଙ୍କୁ ୫ ହଜାର ଟଙ୍କା ଲେଖାଏଁ ମୋଟ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ରହିଛି। ସୂଚନା ମୁତାବକ, ବାଣପୁର ଥାନା ଅନ୍ତର୍ଗତ ଆଙ୍କୁଲାପଦର ଗ୍ରାମର ନିରଞ୍ଜନ ପ୍ରଧାନ ଓରଫ ବୁଲୁ ୨୦୧୨ରେ ନିକଟସ୍ଥ ବଡ଼ସିରେଇପୁର ଗ୍ରାମର ବିକ୍ରମ ପ୍ରଧାନଙ୍କ ଝିଅ ବବିତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବାହାଘର ସମୟରେ ଦାବି ମୁତାବକ ଝିଅ ଘର ପକ୍ଷରୁ ୨ ଲକ୍ଷ ଟଙ୍କା ଯୌତୁକ ବାବଦରୁ ଦେଢ଼ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ବକେୟା ୫୦ ହଜାର ଟଙ୍କା ପରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ବବିତାଙ୍କ ବାପ ଘର ଲୋକେ ବକେୟା ଯୌତୁକ ଟଙ୍କା ଦେଇପାରି ନ ଥିଲେ। ତେଣୁ ବାପଘରୁ ଯୌତୁକ ଟଙ୍କା ଆଣିବା ପାଇଁ ସ୍ୱାମୀ ବୁଲୁଙ୍କ ସମେତ ଶାଶୂ ସୁଷମା ଓ ନଣନ୍ଦ ସାବିତ୍ରୀ ପାଲଟାସିଂହ ବବିତାଙ୍କୁ ବିଭିନ୍ନ ସମୟରେ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ୨୦୧୬ରେ ବବିତାଙ୍କୁ ଘରୁ ବାହାର କରିଦେଇଥିଲେ। ଶେଷରେ ବବିତା ବାଣପୁର ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ବିଚାର ବିଭାଗୀୟ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ବାଣପୁର ସହକାରୀ ଦୌରାଜଜ୍ ଅମରେଶ ମହାପାତ୍ର ଉଭୟ ଶାଶୂ ଓ ନଣନ୍ଦଙ୍କୁ ୧ ବର୍ଷ ଲେଖାଏଁ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସ୍ୱାମୀ ନିରଞ୍ଜନ ଅଦ୍ୟାବଧି ଫେରାର୍ ଥିବାବେଳେ ସରକାରୀ ଓକିଲ ରମେଶ ବିଷୋୟୀ ଓ ସଚ୍ଚିତ ମିଶ୍ର ମାମଲା ପରିଚାଳନା କରୁଥିଲେ।




ସକାଳ
THE SAKALA
www.sakalaepaper.com

## ୬୨ ବର୍ଷର ଯାତ୍ରାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ବିଦାୟ ନେଲା ତିନି ଯୁଦ୍ଧର ପ୍ରମୁଖ ସାରଥି

ଚଣ୍ଡିଗଡ଼, ୨୬।୯ (ଏଜେନ୍ସି): ତିନି ତିନିଟା ଯୁଦ୍ଧରେ ଭାରତର ପ୍ରମୁଖ ସାରଥି ସାଜିଥିବା ତଥା ଭାରତୀୟ ବାୟୁସେନାର ମେରୁଦଣ୍ଡ ଭାବେ ପରିଚିତ ଲଢୁଆ ଯୁଦ୍ଧ ବିମାନ ମିଗ୍-୨୧କୁ ଶୁକ୍ରବାର ଶେଷ ବିଦାୟ ଦିଆଯାଇଛି। ଏହି ବିମାନ ଯେଉଁଠି ସେବାରେ ସାମିଲ ହୋଇଥିଲା, ସେଇଠି ହିଁ ସେବାରୁ ଅବସର ନେଇଛି।

### ମିଗ୍-୨୧ ଉଡ଼ାଇଲେ ବାୟୁସେନା ମୁଖ୍ୟ

ଚଣ୍ଡିଗଡ଼ ଏୟାରବେସ୍‌ରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମିଗ୍-୨୧କୁ ସେବାରୁ ଅପସାରଣ କରାଯାଇଛି। ଆଜିଠାରୁ ଆଉ କୌଣସି ଉଡ଼ାଣରେ ମିଗ୍-୨୧କୁ ଦେଖିବାକୁ ମିଳିବ ନାହିଁ। ଏହି ବିଦାୟୀ କାର୍ଯ୍ୟକ୍ରମରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ୨୩ ସ୍କ୍ୱାଡ୍ରନର ୬ ଲଢୁଆ ବିମାନ ସହିତ ଶେଷ ଉଡ଼ାଣ ଭରିଥିଲେ। ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ମଧ୍ୟ ଫ୍ଲାଇପାଷ୍ଟରେ ଭାଗ ନେଇଥିଲେ। ଏହି ବିମାନ ୧୯୬୩ରେ ଚଣ୍ଡିଗଡ଼ ଏୟାରବେସରୁ ବାୟୁସେନାରେ ସାମିଲ ହୋଇଥିଲା।

୬୨ ବର୍ଷର ସେବା ମଧ୍ୟରେ ଭାରତର ଏହି ପ୍ରଥମ ସୁପରସୋନିକ ଲଢୁଆ ବିମାନ ମିଗ୍-୨୧ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେସ ମୁକ୍ତି ସଂଗ୍ରାମ, ୧୯୯୯ର କାର୍ଗିଲ ଯୁଦ୍ଧ ଏବଂ ୨୦୧୯ର ବାଲାକୋଟ ଏୟାର ଷ୍ଟ୍ରାଇକରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ବିମାନ ଧ୍ୱନିଠାରୁ ସେକେଣ୍ଡ ପିଛା ୩୩୨ ମିଟର ଅଧିକ ବେଗରେ ଉଡ଼ି ପାରୁଥିଲା। ଏବେ ତେଜସ ଏଲ୍ସିଏ ମାର୍କ ୧ଏ ଲଢୁଆ ବିମାନ ମିଗ-୨୧ର ସ୍ଥାନ ନେବ। ଏହି ବିଦାୟକାଳୀନ କାର୍ଯ୍ୟକ୍ରମରେ ପ୍ରତିରକ୍ଷାମନ୍ତ୍ରୀ



ରାଜନାଥ ସିଂହ, ତିନି ସେନାର ମୁଖ୍ୟଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରାଳୟର ଅନେକ ଅଧିକାରୀ ସାମିଲ ହୋଇଥିଲେ। ଏଠାରେ ମିଗ୍-୨୧କୁ ଶେଷ ସାଲ୍ୟୁଟ (ୱାଟର ଗନ୍) ଦିଆଯାଇଥିଲା। ସୂର୍ଯ୍ୟକିରଣ ଟିମ୍ ରଣକୌଶଳ ପ୍ରଦର୍ଶନ କରିଥିଲା। ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଦୀର୍ଘ ସମୟ ହେଲା ମିଗ୍-୨୧ ଅନେକ ସାହସିକ କାର୍ଯ୍ୟର ସାକ୍ଷୀ ରହିଛି। ଏହାର ଯୋଗଦାନ କୌଣସି ଗୋଟିଏ ଘଟଣା କିମ୍ବା ଗୋଟିଏ ଯୁଦ୍ଧରେ ସୀମିତ ନାହିଁ। ୧୯୭୧ ଯୁଦ୍ଧରୁ ନେଇ କାର୍ଗିଲ ସଂଘର୍ଷ ପର୍ଯ୍ୟନ୍ତ କିମ୍ବା ବାଲାକୋଟ ଏୟାରଷ୍ଟ୍ରାଇକରୁ ନେଇ 'ଅପରେସନ ସିନ୍ଦୂର' ଯାଏଁ ସବୁଥିରେ ମିଗ୍-୨୧ ସଶସ୍ତ୍ର ବାହିନୀକୁ ଅସୀମ ଶକ୍ତି ପ୍ରଦାନ କରିଛି। ସେନାର ବୀରତାର ଯାତ୍ରାରେ ଏହି ଲଢୁଆ ବିମାନର ଯୋଗଦାନ ରହିଛି। ଆଜି ଆମେ ଏହି ବିମାନକୁ ବିଦାୟ ଦେଉଛୁ। ମିଗ-୨୧କୁ ନେଇ ଗୌରବ ଏବଂ କୃତଜ୍ଞତା ରହିଛି। ଏହା କେବଳ ଏକ ମେସିନ ନୁହେଁ, ଭାରତ-ରୁଷ ବନ୍ଧୁତାର ସାକ୍ଷୀ ମଧ୍ୟ। ଭାରତରେ ୮୫୦ ମିଗ୍ ବିମାନ ଥିଲା।

ସୂଚନାଯୋଗ୍ୟ ଯେ ୧୯୫୬ରେ ମିଗ-୨୧ ସୋଭିଏତର ଆକାଶରେ ପ୍ରଥମ ଉଡ଼ାଣ ଆରମ୍ଭ କରିଥିଲା। ଏହା ୧୯୫୯ରେ ସୋଭିଏତ ୟୁନିୟନର ବାୟୁସେନା ଫ୍ଲିଟରେ ସାମିଲ ହୋଇଥିଲା। ୧୩ ମିଟର ଲମ୍ବ ବିଶିଷ୍ଟ ଏହି ବିମାନ ଥରକେ ୧୨୧୦ କିମି ପର୍ଯ୍ୟନ୍ତ ଉଡ଼ାଣ କରିବାରେ ସକ୍ଷମ। ଏହାର ଓଜନ ୯,୮୦୦ କେଜି। ଏହା ଘଣ୍ଟା ପ୍ରତି ୨୨୩୦ କିମି ବେଗରେ ଗତି କରିପାରିବ। ତେବେ ଏହି ଲଢୁଆ ବିମାନ 'ଉଡ଼ନ୍ତା କଫିନ' ଏବଂ 'ୱିଡୋ ମେକର' କୁହାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୦୦ରୁ ଅଧିକ ପାଇଲଟ ପ୍ରାଣ ହରାଇ ଥିଲେ। ଏହି ବିମାନର ଯନ୍ତ୍ରାଂଶ ଏବଂ ଅନ୍ୟ ସରଞ୍ଜାମ ଗୁଡିକ ଶୀଘ୍ର ଖରାପ ହେଇ ଯାଉଥିଲା।

## ଜୁବିନ ଗର୍ଗ ମୃତ୍ୟୁ ମାମଲାରେ ସଙ୍ଗୀତଜ୍ଞ ଗିରଫ

ଦିଶପୁର, ୨୬।୯ (ଏଜେନ୍ସି): ସିଙ୍ଗାପୁରରେ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସଂଶୟ ଜାରି ରହିଛି। ମାମଲାର ତଦନ୍ତ ଲାଗି ଆସାମ ସରକାର ସ୍ୱତନ୍ତ୍ର ଟିମ୍ (ଏସଆଇଟି) ଗଠନ କରିଛନ୍ତି। ଏସ୍‌ଆଇଟି ଏହି ମାମଲାରେ ସଙ୍ଗୀତଜ୍ଞ ଶେଖର ଜ୍ୟୋତି ଗୋସ୍ୱାମୀଙ୍କୁ ଗିରଫ କରିଛି। ସେହିପରି ଜୁବିନଙ୍କ ମ୍ୟାନେଜରର ଘରେ ମଧ୍ୟ ଚଢ଼ଉ କରାଯାଇଛି। ସୂଚନା ଅନୁଯାୟୀ ଜୁବିନଙ୍କ ବ୍ୟାଣ୍ଡରେ ସଙ୍ଗୀତଜ୍ଞ ଭାବେ ଶେଖର କାର୍ଯ୍ୟ କରୁଥିଲେ। ସେ ସିଙ୍ଗାପୁର ଗସ୍ତରେ ମଧ୍ୟ ଜୁବିନଙ୍କ ସାଙ୍ଗରେ ଥିଲେ। ଏହା ବ୍ୟତୀତ ସିଙ୍ଗାପୁର କାର୍ଯ୍ୟକ୍ରମର ଆୟୋଜନକାରୀ ଶ୍ୟାନକାନୁ ମହନ୍ତଙ୍କୁ ମଧ୍ୟ ଯାଞ୍ଚ ପରିସରକୁ ନିଆଯାଇଛି। ଆୟୋଜନକାରୀ ଏବଂ ଜୁବିନଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ଧିରେନପାରା ଓ ଗୀତାନଗରସ୍ଥିତ ଘରେ ଚଢ଼ଉ କରାଯାଇଛି। କିନ୍ତୁ ଏହି ସମୟରେ ଉଭୟେ ଘରେ ନ ଥିଲେ। ରିପୋର୍ଟ ଅନୁଯାୟୀ ଯାଞ୍ଚ ପାଇଁ ଏସ୍‌ଆଇଟି ସିଦ୍ଧାର୍ଥଙ୍କ ଘରେ ପହଞ୍ଚିବା ପରେ ଅନେକ ଲୋକେ ଏକାଠି ହୋଇ ପୁଲିସ ଗାଡ଼ି ଉପରକୁ ପଥର ମାଡ଼ କରିଥିଲେ। ଉପଦ୍ରବୀଙ୍କୁ ଉସୁକାଇବାକୁ ନେଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ତେବେ କେଉଁ ଧାରାରେ ଏମାନଙ୍କୁ ଗିରଫ କରାଯାଇଛି ଏବଂ କ'ଣ ପ୍ରମାଣ ମିଳିଛି ତାହା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ସମୟରେ ଜୁବିନଙ୍କ ମୃତ୍ୟୁ ହୋଇଥିଲା। ତେବେ ସେ ଲାଇଫ ଜ୍ୟାକେଟ ନ ପିନ୍ଧି ସମୁଦ୍ରକୁ ଯାଇଥିଲେ। ପ୍ରଥମେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ପରେ ଅନ୍ୟ ସନ୍ଦେହଜନକ ସ୍ଥିତିକୁ ନେଇ ସରକାର ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଆରମ୍ଭ

ପାଟନା, ୨୬।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭର୍ଚୁଆଲ ଭାବେ ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ର ଶୁଭାରମ୍ଭ କରିଛନ୍ତି। ସେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ଖାତାକୁ ଅନଲାଇନରେ ୧୦ ହଜାର ଟଙ୍କା ଲେଖାଏଁ ପଠାଇଛନ୍ତି। ୨୦୨୦ର ତଥ୍ୟ ଅନୁଯାୟୀ ବିହାରରେ ମୋଟ ୩.୩୯ କୋଟି ମହିଳା ଭୋଟର ଅଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୨ ପ୍ରତିଶତ ମହିଳା ଭୋଟରଙ୍କୁ ଏହି ଯୋଜନାର ଲାଭ ମିଳିବ। ଏହି ଅବସରରେ 'ଜୀବିକା ଦିଦି'ଙ୍କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଯେ ଦେଶରେ ଜନ-ଧନ ଯୋଜନା ଅଧୀନରେ ୩୦ କୋଟିରୁ ଅଧିକ ମାଆ, ଭଉଣୀଙ୍କ ବ୍ୟାଙ୍କ ଖାତା ଖୋଲା ଯାଇ ନ ଥିଲେ ଆଜି ଏତେ ଟଙ୍କା ପଠାଇବା ସହଜ ହୋଇ ନ ଥାଆନ୍ତା। ଆଜି ଯେଉଁ ଟଙ୍କା ପଠାଯାଇଛି ତାହା ବ୍ୟାଙ୍କ ଖାତାରେ ଜମା ହେବ। ସେଥିରୁ କେହି ଗୋଟିଏ ପଇସା ବି ନେଇପାରିବେ ନାହିଁ। ପୂର୍ବରୁ ଯୋଜନାର ଅର୍ଥ ଆପଣଙ୍କ ପାଖକୁ ପହଞ୍ଚିବା ପୂର୍ବରୁ ଲୁଟ୍ ହୋଇ ଯାଇଥିଲା। ଭଉଣୀ ସୁସ୍ଥ ଏବଂ ଖୁସିରେ ରହିଲେ ଭାଇ ଖୁସି ହୋଇଥାଏ। ଆଜି ଆପଣଙ୍କ ଦୁଇ ଭାଇ ନରେନ୍ଦ୍ର ଏବଂ ନୀତୀଶ ମିଳିମିଶି ଭଉଣୀମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି।

## 'ବ୍ଲାକବୋର୍ଡ'ରେ ନିର୍ବାଚନ ଲଢିବେ ଲାଲୁଙ୍କ ପୁଅ

ପାଟନା, ୨୬।୯ (ଏଜେନ୍ସି): ପ୍ରେମ ପାଇଁ ପରିବାରରୁ ବିତାଡ଼ିତ ହେବା ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନୂଆ ଦଳ ଗଠନ କରିଛନ୍ତି। ଏହି 'ଜନଶକ୍ତି ଜନତା ଦଳ' ମାଧ୍ୟମରେ ସେ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କ ଦଳ ସହ ମେଣ୍ଟ କରିବା ପାଇଁ କଂଗ୍ରେସ ଏବଂ ଆରଜେଡିକୁ ମଧ୍ୟ କହିଛନ୍ତି। ସେ ନିଜ ସାନ ଭାଇ ତଥା ଆର୍‌ଜେଡିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କୁହାଯାଉଥିବା ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି। ଦଳ କଥାରେ ମୁଣ୍ଡ ନ ପୂରାଇବାକୁ କହିଛନ୍ତି। ଭାଇକୁ ମୁଖ୍ୟମନ୍ତ୍ରୀ ହେବାକୁ ସମର୍ଥନ ଦେବେ ବୋଲି ମଧ୍ୟ ତେଜପ୍ରତାପ ଉଲ୍ଲେଖ କରିଛନ୍ତି। ଏପରି ସମୟରେ ତେଜପ୍ରତାପଙ୍କ ଦଳକୁ ନିର୍ବାଚନୀ ଚିହ୍ନ ମିଳିଯାଇଛି। ବ୍ଲାକ ବୋର୍ଡ ତଥା କଳାପଟା ମାଧ୍ୟମରେ ସେ ମୈଦାନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି। ତେଜ ପ୍ରତାପ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରସ୍ତୁତ। ରାଜ୍ୟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ନୂତନ ବ୍ୟବସ୍ଥା ସୃଷ୍ଟି କରିବା ଆମର ଲକ୍ଷ୍ୟ। ସାମଗ୍ରିକ ବିକାଶ ପାଇଁ ଦୀର୍ଘ ଲଢେଇ ନିମନ୍ତେ ଆମେ ପ୍ରସ୍ତୁତ ଅଛୁ। ଏହା ସହିତ ତେଜପ୍ରତାପ ନିଜ ଦଳର ପୋଷ୍ଟର ଉନ୍ମୋଚନ କରିଛନ୍ତି। ଏଥିରେ ତାଙ୍କ ବାପାଙ୍କ ଫଟୋ ନାହିଁ। ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ପୋଷ୍ଟରରେ ସ୍ଥାନ ଦିଆଯାଇଛି।

## ଶାହବାଜ-ମୁନୀରଙ୍କୁ ଅଧ ଘଣ୍ଟା ଅପେକ୍ଷା କରାଇଲେ ଟ୍ରମ୍ପ

ୱାଶିଂଟନ, ୨୬।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଅସୀମ ମୁନୀର ଗୁରୁବାର ବିଳମ୍ବିତ ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ କରିଛନ୍ତି। ବୈଠକ ପୂର୍ବରୁ ଟ୍ରମ୍ପ ଉଭୟଙ୍କୁ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରାଇ ଥିଲେ। ଏହି ସମୟରେ ଟ୍ରମ୍ପ ସାମ୍ବାଦିକ ସମ୍ମିଳନୀ କରୁଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୨ଟାରେ ଶାହବାଜ ହ୍ୱାଇଟହାଉସରେ ପହଞ୍ଚି ଥିଲେ। ଏହି ସମୟରେ ଟ୍ରମ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର ଏବଂ ସାମ୍ବାଦିକଙ୍କ ସହ ଆଲୋଚନା କରୁଥିଲେ। ଟ୍ରମ୍ପଙ୍କ ପାଇଁ ଶାହବାଜ ଅପେକ୍ଷା କରି ରହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଘଣ୍ଟାଏ ୨୦ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା ହୋଇଥିଲା। ଏହି ବୈଠକକୁ ଗଣମାଧ୍ୟମକୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ଟ୍ରମ୍ପ ଏବଂ ସରିଫ-ମୁନୀର ଆଲୋଚନାକୁ ନେଇ ହ୍ୱାଇଟହାଉସ ପକ୍ଷରୁ କୌଣସି ଫଟୋ କିମ୍ବା ଭିଡିଓ ଜାରି କରାଯାଇ ନ ଥିଲା। ତେବେ ଏହା ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ଟ୍ରମ୍ପ ଯେଉଁ ଦାବି କରି ଆସୁଛନ୍ତି ତାହାକୁ ଶାହବାଜ ସମର୍ଥନ ଦେଇଥିଲେ। ଗତ ତିନି ଦିନ ମଧ୍ୟରେ ଟ୍ରମ୍ପ ଏବଂ ଶାହବାଜଙ୍କ ମଧ୍ୟରେ ଦ୍ୱିତୀୟ ଆଲୋଚନା ହୋଇଛି।

## 'ସମାନ ନାଗରିକ ସଂହିତା' ସପକ୍ଷରେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ବିଜେପି ଶାସିତ କିଛି ରାଜ୍ୟ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କଲେଣି। କିନ୍ତୁ ବିରୋଧୀ ଦଳଗୁଡିକ ଏହାକୁ ବିରୋଧ କରୁଛନ୍ତି। ଏପରି ସମୟରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ୟୁସିସି ସପକ୍ଷରେ ରାୟ ଦେଇଛନ୍ତି।

### ପୋକ୍ସୋରେ ବାଲ୍ୟ ବିବାହ ଅପରାଧ, କିନ୍ତୁ ପର୍ସନାଲ ଲ'ରେ ନୁହେଁ

ସମାନ ନାଗରିକ ସଂହିତା ସମୟର ଆବଶ୍ୟକତା ବୋଲି କୋର୍ଟ କହିଛନ୍ତି। ମୁସଲିମ ପର୍ସନାଲ ଲ'ରେ ବାଲ୍ୟ ବିବାହକୁ ଅନୁମତି ଦିଆଯାଇଛି। ମାତ୍ର ପୋକ୍ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ରେ ବାଲ୍ୟ ବିବାହ ଅପରାଧ। ଏହି ଆଇନଗୁଡ଼ିକୁ ନେଇ ବାରମ୍ବାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ଆଇନର ସ୍ପଷ୍ଟ ବାଖ୍ୟାର ଆବଶ୍ୟକତା ରହିଛି। ଏଭଳି ବିସଙ୍ଗତିଗୁଡିକୁ ୟୁସିସି ଦୂର କରିବ ବୋଲି ଜଷ୍ଟିସ ଅରୁଣ ମୋଙ୍ଗା କହିଛନ୍ତି।

ବିଚାରପତି କହିଛନ୍ତି ଯେ ଅନେକ ମାମଲାରେ କୋର୍ଟ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ଏବେ କ'ଣ ୟୁସିସି ଲାଗୁ କରିବାର ସମୟ ଆସିନାହିଁ କି? ୟୁସିସିରେ ଗୋଟିଏ ବ୍ୟବସ୍ଥା ରହିବ, ଯେଉଁଥିରେ ପର୍ସନାଲ ଲ' ଭଳି ଆଇନ ଆଉ ରାଷ୍ଟ୍ରୀୟ ଆଇନ ଉପରେ ଭାରି ହେବ ନାହିଁ। ୟୁସିସି କାର୍ଯ୍ୟକାରୀ କରିବାର ନିଷ୍ପତ୍ତିକୁ ଆଇନ ପ୍ରଣେତାଙ୍କ ବିବେକ ଉପରେ ଛାଡ଼ିଦେବା ଉଚିତ। କିନ୍ତୁ ବିଧାନସଭା କିମ୍ବା ସଂସଦ ମାଧ୍ୟମରେ ମାମଲାର ସ୍ଥାୟୀ ସମାଧାନ ହେବା ଉଚିତ। ଜଣେ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୁକ୍ତ ହାମିଦ ରାଜାର ଜାମିନ ଆବେଦନର ଶୁଣାଣି ସମୟରେ ଦିଲ୍ଲୀ ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ। ହାମିଦ ବିରୋଧରେ ଆଇପିସିର ଧାରା ୩୭୬ ଏବଂ ପୋକ୍ସୋ ଆଇନ ଲଗାଯାଇଥିଲା। ନାବାଳିକାଙ୍କ ସାବତ ବାପା ଏହି ଅଭିଯୋଗ ଦାଏର କରିଥିଲେ।

## ଲଦାଖ ହିଂସା ପାଇଁ ବନ୍ଧାହେଲେ ୱାଙ୍ଗଚୁକ୍



ଲେହ, ୨୬।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଏହି ହିଂସା ପାଇଁ ସରକାର ତାଙ୍କୁ ଦାୟୀ କରିଛନ୍ତି। ସେ ଉସୁକାଇବା ଭଳି ମନ୍ତବ୍ୟ ଦେବାରୁ ହିଂସା ହେଲା ବୋଲି କୁହାଯାଇଛି। ତେବେ ସେ ଦିନକ ତଳେ ନିଜକୁ ନିର୍ଦ୍ଦୋଷ କହିଥିଲେ। ଏହି କାରଣରୁ ଯେକୌଣସି ସମୟରେ ଗିରଫ କଲେ ଖୁସି ହେବି ବୋଲି କହିଥିଲେ। କିନ୍ତୁ କେଉଁ ମାମଲାରେ ତାଙ୍କୁ ଗିରଫ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୱାଙ୍ଗଚୁକଙ୍କ ବିରୋଧରେ ନ୍ୟାସନାଲ ସିକ୍ୟୁରିଟି ଆକ୍ଟ (ଏନ୍‌ଏସଏ) ଲଗାଯାଇଛି। ତାଙ୍କୁ ଗିରଫ କରି ଅଜ୍ଞାତ ସ୍ଥାନକୁ ନିଆଯାଇଛି। ଶୁକ୍ରବାର ରାତିରେ କିମ୍ବା ଶନିବାର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି। ଏନ୍‌ଏସଏ ଅଧୀନରେ ଅଭିଯୁକ୍ତକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ସୁରକ୍ଷା ଏଜେନ୍ସିକୁ ଅନୁମତି ଦିଆଯାଇଛି। ଏହା ସହିତ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଲଦାଖରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଭୁଲ୍ ସୂଚନା ପ୍ରଚାରପ୍ରସାରକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଗତ ୨୪ ତାରିଖରେ ହୋଇଥିବା ହିଂସା ପରଠାରୁ କ୍ରମାଗତ ତୃତୀୟ ଦିନ ପାଇଁ ଲେହରେ କର୍ଫ୍ୟୁ ଜାରି ରହିଛି। ସ୍କୁଲ-କଲେଜଗୁଡିକୁ ଶନିବାର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଲେହକୁ ରାଜ୍ୟମାନ୍ୟତା ଏବଂ ଷଷ୍ଠ ଅନୁସୂଚୀରେ ସାମିଲ ଦାବିକୁ ନେଇ ବିକ୍ଷୋଭ ଚାଲିଥିବାବେଳେ ଏହି ହିଂସା ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ୪୦ ପୁଲିସ କର୍ମଚାରୀଙ୍କ ସମେତ ୮୦ରୁ ଅଧିକ ଆହତ ହୋଇଥିଲେ। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬୦ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି। ଅନ୍ୟପକ୍ଷରେ ୱାଙ୍ଗଚୁକଙ୍କ ସଂସ୍ଥା ଷ୍ଟୁଡେଣ୍ଟସ ଏଜୁକେସନାଲ ଆଣ୍ଡ କଲଚୁରାଲ ମୁଭମେଣ୍ଟ ଅଫ ଲଦାଖ (ଏସଇସିଏମଓଏଲ)ର ବିଦେଶୀ ଫଣ୍ଡିଂ ଲାଇସେନ୍ସକୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ରଦ୍ଦ କରିଦେଇଛି। ଏହି ସଂସ୍ଥା ବିଦେଶୀ ପାଣ୍ଠି ସଂଗ୍ରହ ନିୟମକୁ ଉଲ୍ଲଙ୍ଘନ କରିଛି ବୋଲି କୁହାଯାଇଛି। ସେହିପରି ସିବିଆଇ ୱାଙ୍ଗଚୁକ୍‌ଙ୍କ ଆଉ ଏକ ଏନ୍‌ଜିଓ ହିମାଲୟାନ ଇନଷ୍ଟିଚ୍ୟୁଟ ଅଫ ଅଲଟରନେଟିଭସ ଲଦାଖ (ଏଚଆଇଏଏଲ)ର ବିଦେଶୀ ଫଣ୍ଡିଂ (ଏଫ୍‌ସିଆରଏ) ମାମଲାର ତଦନ୍ତ ଆରମ୍ଭ କରିଛି। ଏହି ସଂସ୍ଥା ମଧ୍ୟ ଏଫ୍‌ସିଆରଏ ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ଲାଗିଛି। ସିବିଆଇ ଟିମ୍ ବି ଏହି ଏନ୍‌ଜିଓର ଆକାଉଣ୍ଟ ଏବଂ ରେକର୍ଡ ଯାଞ୍ଚ କରୁଛି।

ୱାଙ୍ଗଚୁକ କହିଛନ୍ତି ଯେ ତିନୋଟି ମାମଲାରେ ମିଳିତ ଜାତିସଂଘ, ସ୍ୱିଜରଲାଣ୍ଡର ଏକ ୟୁନିଭର୍ସିଟି ଏବଂ ଇଟାଲୀର ଏକ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାକୁ ନେଇ ସରକାରଙ୍କୁ

### ଅଜ୍ଞାତ ସ୍ଥାନରେ ରଖାଯାଇଛି

### ତୃତୀୟ ଦିନରେ ଲଦାଖରେ କର୍ଫ୍ୟୁ

ଟିକସ ମଧ୍ୟ ଦିଆଯାଇଥିଲା। ସିବିଆଇ କେବଳ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତର ରେକର୍ଡ ଯାଞ୍ଚ କରିବାର ଥିଲା। କିନ୍ତୁ ଏବେ ୨୦୨୦ ଏବଂ ୨୦୨୧ର ରେକର୍ଡ ବି ଦେଖୁଛି। ବାହାରର ସ୍କୁଲ୍‌ରୁ ମଧ୍ୟ କାଗଜପତ୍ର ମଗାଯାଉଛି। ପ୍ରଥମେ ସ୍ଥାନୀୟ ପୁଲିସ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ଲଗାଇ ଥିଲା। ଚାରି ବର୍ଷ ତଳର ଏକ ପୁରୁଣା ମାମଲା ମଧ୍ୟ ଖୋଲିଥିଲା। ଏଥିରେ ଶ୍ରମିକଙ୍କୁ ଦରମା ଦେଇ ନ ଥିବା ଅଭିଯୋଗ ହୋଇଥିଲା। ନିକଟରେ ଏଚଆଇଏଲ ପକ୍ଷରୁ ଦିଆଯାଇଥିବା ଜମି ପଟାକୁ ସରକାର ଖାରଜ କରିଦେଇଥିଲେ। ଲିଜ୍ ବାବଦ ଦେୟ ଦିଆଯାଇ ନ ଥିବା କୁହାଯାଇଥିଲା। କିନ୍ତୁ ସରକାର ଦେୟ ଗ୍ରହଣ କରିଥିବା ନେଇ ତାଙ୍କ ପାଖରେ ପ୍ରମାଣ ରହିଛି। ଆୟକର ବିଭାଗ ମଧ୍ୟ ତାଙ୍କୁ ନୋଟିସ ପଠାଇଛି। ଅନ୍ୟପଟେ ୱାଙ୍ଗଚୁକ୍‌ଙ୍କ ଗିରଫକୁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ବିଜେପି ନିଜ ପ୍ରତିଶ୍ରୁତି ପୂରଣ କରିନାହିଁ। ଏଭଳି ସ୍ଥିତି ସୃଷ୍ଟି ହେବାକୁ ବିଜେପି କାହିଁକି ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି।

## ଚାଷୀକୁ ମୁଖ୍ୟମନ୍ତ୍ରୀ କରିଦିଅ; ଆମେ କ'ଣ ବାଟି ଖେଳିବାକୁ ଆସିଛୁ



ମୁମ୍ବାଇ, ୨୬।୯ (ଏଜେନ୍ସି): ମହିଳା ଆଇପିଏସ ଅଧିକାରୀଙ୍କୁ ଖୋଲମଖୋଲା ଧମକ ଦେଇ ବିବାଦରେ ଫସିଥିବା ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଏବେ ଗରିବ ଚାଷୀଙ୍କ ଉପରେ ରାଗ ଝାଡ଼ିଛନ୍ତି। ମରାଠାୱାଡ଼ା ଧାରାଶିବରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବାକୁ ଯାଇ ସେ ଚାଷୀଙ୍କ ଉପରେ ଚିହିଁକି ଉଠିଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବନ୍ୟା ଫସଲ କ୍ଷତି ହୋଇଥିବା ଦର୍ଶାଇ ଚାଷୀ ଋଣ ଛାଡ଼ ଦାବି କରିବାରୁ ଉପ-ମୁଖ୍ୟମନ୍ତ୍ରୀ ଆଉ ନିଜକୁ ସମ୍ଭାଳି ପାରି ନ ଥିଲେ। ଚାଷୀଙ୍କ ଉପରେ ଦାଉ ସାଧି ଥିଲେ। ଯେଉଁ ଚାଷୀ ଋଣ ଛାଡ଼ ଦାବି କରିଥିଲେ ତାଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରିଦିଅ ବୋଲି କହିଥିଲେ। ଆମେ କ'ଣ ବାଟି ଖେଳିବାକୁ ଆସିଛୁ ବୋଲି ପଚାରି ଥିଲେ। ଏହାକୁ ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଉଛି। ଜଣେ ରାଜନେତା ହୋଇ ସେ ଗୁଣ୍ଡାଙ୍କ ଭଳି ବ୍ୟବହାର କରୁଥିବା କୁହାଯାଉଛି।

ଭାଇରାଲ ଭିଡିଓରେ ଅଜିତ ପାୱାର କହୁଛନ୍ତି ଯେ ସକାଳ ୬ଟାରୁ ମୁଁ ଆଜି କାର୍ଯ୍ୟାରମ୍ଭ କରିଛି। ଯିଏ କାମ କରୁଛି ତାକୁ ଖାଲି ଆପଣାମାନେ ସମାଲୋଚନା କରୁଛନ୍ତି। ଭଉଣୀମାନଙ୍କୁ ଆମେ ବହୁତ କିଛି ସହାୟତା କରିଛୁ। ବର୍ଷକୁ ୪୫ ହଜାର କୋଟିର ସହାୟତା ଦେଉଛୁ। ଚାଷୀଙ୍କ ବିଜୁଳି ବିଲ୍ ଛାଡ଼ କରୁଛୁ। ଏ ବାବଦକୁ ୨୦ ହଜାର କୋଟି ଟଙ୍କା ଦିଆଯାଇଛି। ତେଣୁ ଟଙ୍କାକୁ ନେଇ ଦେଖେଇ ହୁଅନ୍ତୁ ନାହିଁ ବୋଲି ଅଜିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଚଳିତ ମାସରେ ମହିଳା ଆଇପିଏସ ଅଧିକାରୀ ଅଞ୍ଜନା କୃଷ୍ଣାଙ୍କ ସହ ପାୱାର ଯୁକ୍ତି କରୁଥିବା ଭିଡିଓ ସାମ୍ନାକୁ ଆସିଥିଲା।

### ଋଣଛାଡ଼ ଦାବିରେ ରାଗିଗଲେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର

## ଜାତିସଂଘରେ ନେତନ୍ୟାହୁଙ୍କୁ ବୟକଟ୍

ନ୍ୟୁୟର୍କ, ୨୬।୯ (ଏଜେନ୍ସି): ୟୁକ୍ରେନ ଯୁଦ୍ଧକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଗିରଫ ହେବାର ଭୟ ଘାରିଛି। ତେଣୁ ସେ ମାର୍ଗ ବଦଳାଇ ଆମେରିକାରେ ପହଞ୍ଚିଛନ୍ତି। ୫ ୟୁରୋପୀୟ ଦେଶର ବାୟୁସୀମା ନ ଦେଇ୬୦୦ କିମି ଅଧିକ ଯାତ୍ରା କରି ଜାତିସଂଘ ସାଧାରଣ ପରିଷଦ ବୈଠକ (ୟୁଏନଜିଏ)ରେ ଅଭିଭାଷଣ ଦେବାକୁ ପହଞ୍ଚିଛନ୍ତି। କାରଣ ଗାଜାରେ ନରସଂହାରକୁ ନେଇ ଆଇସିସି ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ତେଣୁ ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, ବ୍ରିଟେନ, ଆୟରଲାଣ୍ଡ ଆକାଶ ମାର୍ଗ ଦେଇ ଯାଇଥିଲେ ତାଙ୍କୁ ଗିରଫ କରାଯିବାର ଆଶଙ୍କା ଥିଲା। ଅନ୍ୟପଟେ ନେତନ୍ୟାହୁଙ୍କ ଅଭିଭାଷଣକୁ ଜାତିସଂଘରେ ବୟକଟ୍ କରାଯାଇଛି। ସେ ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅନେକ ଦେଶର କୂଟନୈତିଜ୍ଞ ହଲ୍ ଛାଡ଼ି ପଳାଇଛନ୍ତି। ଏହା ସତ୍ତ୍ୱେ ସେ ଭାଷଣ ଜାରି ରଖିଥିଲେ। ଇସ୍ରାଏଲ ନିଜର ସବୁ ଶତ୍ରୁଙ୍କୁ ନିହତ କରିଛି ବୋଲି କହିଥିଲେ।

# ମୋଦୀ-ପୁତିନଙ୍କୁ ନେଇ ନାଟୋ ମୁଖ୍ୟଙ୍କ ଅପପ୍ରଚାର

### ତୀବ୍ର ବିରୋଧ କଲା ଭାରତ

### ଏଭଳି ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହେଁ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଏହା ପାଇବା ପାଇଁ ସେ ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାକୁ ନେଇ ସେ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଅସ୍ତ୍ର କରିଛନ୍ତି। ଆଉ ଭାରତରେ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଫୋନ୍‌ରେ କଥା ହୋଇଥିବା ମାର୍କ ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଥିଲେ ଯେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ରୁଷ୍‌ଠାରୁ ତୈଳ କିଣୁଥିବାରୁ ଏଥିରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ସାମିଲ ରହିଛି। ଏହାର ଗଭୀର ପ୍ରଭାବ ମସ୍କୋ ଉପରେ ପଡ଼ିଛି। ଏହାକୁ ନେଇ ନୂଆଦିଲ୍ଲୀ ଏବଂ ମସ୍କୋ ମଧ୍ୟରେ ଫୋନ ଯୋଗେ ଆଲୋଚନା ଜାରି ରହିଛି। ଏହି ବାର୍ତ୍ତାଳାପରେ ମୋଦୀ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ଯୋଜନା ବିଷୟରେ ପୁତିନଙ୍କୁ ପଚାରି ଥିଲେ। ଟ୍ରମ୍ପଙ୍କ ଶୁଳ୍କକୁ ନେଇ ଭାରତ ଏବଂ ରୁଷ୍ ମଧ୍ୟରେ ଅନେକ ଥର ଆଲୋଚନା ମଧ୍ୟ ହୋଇଛି। ଏବେ ଭାରତ ଏହାର ମୁଖା ଖୋଲି ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଏହାକୁ ସମ୍ପୂର୍ଣ୍ଣ ଆଧାରହୀନ କହିଛି।



ନାଟୋ ମୁଖ୍ୟଙ୍କୁ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଦୃଢ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁତିନଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପକୁ ନେଇ ନାଟୋ ମୁଖ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍। ଏହା ଆଧାରହୀନ ଏବଂ ଭ୍ରମାତ୍ମକ। ମାର୍କଙ୍କ ମନ୍ତବ୍ୟରେ କୌଣସି ସତ୍ୟତା ନାହିଁ। ମୋଦୀ ଏବଂ ପୁତିନଙ୍କ ମଧ୍ୟରେ ଏଭଳି କୌଣସି ଆଲୋଚନା ହୋଇନାହିଁ। ଉଭୟ ନେତାଙ୍କୁ ନେଇ ନାଟୋ ମୁଖ୍ୟ ଏଭଳି ଆଧାରହୀନ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ। ଏଭଳି ଟିପ୍ପଣୀକୁ କଦାପି ସ୍ୱୀକାର କରାଯିବ ନାହିଁ। ନାଟୋ ଭଳି ସଂଗଠନର ମୁଖ୍ୟ ଅଧିକ ଦାୟିତ୍ୱବାନ ହେବା ଉଚିତ। କିନ୍ତୁ ଏଭଳି ଟିପ୍ପଣୀ ନୈରାଶ୍ୟଜନକ। ନାଟୋ ପକ୍ଷରୁ ଏଭଳି ଟିପ୍ପଣୀ ଦିଆ ନ ଯିବା ଉଚିତ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ଧ୍ୟାନରେ ରଖି ଭାରତ ଶକ୍ତି ଆମଦାନୀ ନେଇ ନିଷ୍ପତ୍ତି ନେଇଥାଏ। ଭାରତୀୟ ଗ୍ରାହକମାନଙ୍କୁ କମ୍ ଦାମରେ ଏବଂ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଭାରତ ନିଜର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

## ଆଜିର ରାଶିଫଳ

**ମେଷ:** ପରିଶ୍ରମ ଅନୁସାରେ ଫଳ ମିଳିବ। ମାନସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ପରିବାରର ଦାୟିତ୍ୱ ବଢ଼ିପାରେ। ଲେଖକ/ଲେଖିକାଙ୍କ ପାଇଁ ଦିନଟି ବହୁତ ଭଲ। ଅତିଥି ସତ୍କାର କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ।

**କର୍କଟ:** ଆୟ ଅନୁସାରେ ବ୍ୟୟ ଅଧିକ ହେବ। ଦୀର୍ଘ ଦିନରୁ ଚାଲିଥିବା ପାରିବାରି ସମସ୍ୟାରୁ ମୁକ୍ତି ମିଳିବ। ପିଲାଙ୍କ ଗତିବିଧି ଉପରେ ମା' ମାନେ ନଜର ରଖନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ କରନ୍ତୁ।

**ସିଂହ:** ରାଜନେତାଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ପଡୋଶୀଙ୍କ ସହ ଛୋଟ ଛୋଟ କଥାରେ ମନୋମାଳିନ୍ୟ ହୋଇପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଉଧାର ଟଙ୍କା ଫେରି ପାଇବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

## ଆଜିର ଇତିହାସ

- ୧୭୬୦- ମୀର୍ କାସିମ୍ ବଙ୍ଗର ନବାବ ହେଲେ।
- ୧୮୩୩- ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଦେହାନ୍ତ।
- ୧୯୦୭- ମହାନ୍ କ୍ରାନ୍ତିକାରୀ ଭଗତ ସିଂହଙ୍କ ଜନ୍ମ।
- ୧୯୩୯- ପୋଲାଣ୍ଡ ଜର୍ମାନୀ ନିକଟରେ ଆତ୍ମସମର୍ପଣ କଲା।
- ୧୯୯୮- ସର୍ଚ୍ଚ ଇଞ୍ଜିନ୍ 'ଗୁଗ୍‌ଲ'ର ସ୍ଥାପନା ହୋଇଥିଲା।
- ୨୦୦୫- ବିଲ୍ ଗେଟ୍‌ସ ଲଗାତାର ଏଗାର ଥର ପାଇଁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେଲେ।

# ୩୦ ବର୍ଷ ଧରି ପିଉଛନ୍ତି ଇଞ୍ଜିନ୍ ଅଏଲ



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। ଏହି କ୍ରମରେ କର୍ଣ୍ଣାଟକରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତି ତିନି ଦଶନ୍ଧି ଧରି ଭାତ ରୁଟି ଛାଡ଼ି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ଅଛନ୍ତି। ନିକଟରେ ଏହି ବ୍ୟକ୍ତିଙ୍କର ଭିଡିଓ ଭାଇରାଲ ହେବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଶିବମୋଗା ଜିଲ୍ଲାରେ ରହୁଥିବା ଏହି ବ୍ୟକ୍ତି ଜଣକ ଅଏଲ କୁମାର ନାଁରେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ସେ ନିତିଦିନ ପାଖାପାଖି ସାତରୁ ଆଠ ଲିଟର ଇଞ୍ଜିନ୍ ଅଏଲ୍ ପିଇଥାନ୍ତି। ଏହାବାଦ୍ ପ୍ରତିଦିନ ସେ ଚା' ମଧ ପିଅନ୍ତି। ଭାଇରାଲ ଭିଡିଓରେ ଲୋକେ ତାଙ୍କୁ ଖାଦ୍ୟ ଯାଚୁଥିବାର ଦେଖାଯାଇଛି। ସେ କିନ୍ତୁ ଖାଦ୍ୟକୁ ଆଡ଼େଇ ଦେଇ ଇଞ୍ଜିନ୍ ଅଏଲ୍ ପିଉଥିବାର ଦେଖାଯାଇଛି। ଉଲ୍ଲେଖନୀୟ କଥାଟି ହେଉଛି, ତିରିଶ ବର୍ଷ ଧରି ଇଞ୍ଜିନ୍ ଅଏଲ୍ ପିଇବା ସତ୍ତ୍ୱେ ତାଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ନାହିଁ। ଏପରିକି ସେ ଏଥିପାଇଁ ମେଡିକାଲ ମଧ ଯାଇ ନାହାନ୍ତି। ସେ କିଛି ରୋଗରେ ମଧ ପୀଡ଼ିତ ହୋଇ ନାହାନ୍ତି। ଏନେଇ ଅଏଲ୍ କୁମାରଙ୍କ କହିବା କଥା, ତାଙ୍କ ଜୀବନ ଭଗବାନ ଅୟପ୍ପାଙ୍କ କୃପାରୁ ଚାଲିଛି। ଭଗବାନଙ୍କ ଆର୍ଶୀବାଦ ନ ଥିଲେ ସେ ଏତେ ବର୍ଷ ଜିଇ ନ ଥାନ୍ତେ। ଇଞ୍ଜିନ୍ ଅଏଲ୍ ପେଟ୍ରୋଲିୟମ୍‌ରୁ ତିଆରି ହେଉଥିବାରୁ ମଣିଷ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ବିପଜ୍ଜନକ ବୋଲି କୁହାଯାଏ। ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏହାକୁ ପିଇ ଦିଅନ୍ତି ଏହା ପାଚନତନ୍ତ୍ର ଓ ଫୁସ୍‌ଫୁସ୍ ଉପରେ ଗଭୀର ପ୍ରଭାବ ପକାଇଥାଏ। ତେବେ ଏହି ବ୍ୟକ୍ତି ଜଣକ ଏତେ ଦିନ ଧରି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ବିଶ୍ୱ ପର୍ଯ୍ୟଟନ ଦିବସ



ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ବିଶ୍ୱବ୍ୟାପୀ ପର୍ଯ୍ୟଟନର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହାବାଦ୍ ପର୍ଯ୍ୟଟକମାନେ ବିଭିନ୍ନ ଦେଶ ବୁଲି ସେଠାକାର ସଂସ୍କୃତି ସମ୍ପର୍କରେ ଜାଣିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ବିଶ୍ୱର ବିଭିନ୍ନ ଦେଶର ଲୋକଙ୍କୁ ପରସ୍ପରର ନିକଟତର ହେବାର ସୁଯୋଗ ଦେବା, ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବା ଏହି ଦିବସ ବାର୍ତ୍ତା ପ୍ରଦାନ କରିଥାଏ। ବିଶ୍ୱର କୋଣ ଅନୁକୋଣରେ ଥିବା ପର୍ଯ୍ୟଟନସ୍ଥଳଗୁଡ଼ିକ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ର ବିଶ୍ୱ ପର୍ଯ୍ୟଟନ ସଂଗଠନ ଦ୍ୱାରା ୧୯୮୦ ମସିହାରୁ ସେପ୍ଟେମ୍ବର ୨୭ ତାରିଖକୁ 'ବିଶ୍ୱ ପର୍ଯ୍ୟଟନ ଦିବସ' ଭାବେ ପାଳନ କରାଯାଉଛି। ଏହି ଦିବସର ବିଶେଷତ୍ୱ ହେଲା ଯେ, ୧୯୭୦ ମସିହା ଏହି ଦିନ ମିଳିତ ଜାତିସଂଘ, ବିଶ୍ୱ ପର୍ଯ୍ୟଟନ ସଂଗଠନର (UNWTO) ଆଇନକୁ ମାନ୍ୟତା ଦିଆଯାଇଥିଲା। ବିଶ୍ୱସ୍ତରରେ ପର୍ଯ୍ୟଟନକୁ ବିଶେଷ ପ୍ରୋତ୍ସାହନ ଦେବା ସନ୍ଦର୍ଭରେ ଏହି ଆଇନଗତ ପ୍ରକ୍ରିୟା ଏକ ମାଇଲ୍ ଖୁଣ୍ଟ ସଦୃଶ। ପର୍ଯ୍ୟଟନ ସହିତ ଜଡ଼ିତ ଥିବା ଲୋକଙ୍କ ପାଇଁ ବିଶ୍ୱ ପର୍ଯ୍ୟଟନ ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ଦିନ ପର୍ଯ୍ୟଟନ ଏବଂ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ପ୍ରତିବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ଭିନ୍ନ ବିଷୟବସ୍ତୁ ରହିଥାଏ। ଏ ବର୍ଷର ବିଷୟବସ୍ତୁ ହେଉଛି 'Tourism and Sustainable Transformation'।

# କିଆରାଙ୍କ ସ୍ଥାନ ନେବେ ଅନୀତ!



'ସୈୟାରା' ଫିଲ୍ମରୁ ଅନୀତ ପଡ୍ଡା ରାତାରାତି ଷ୍ଟାର୍ ପାଲଟି ଯାଇଛନ୍ତି। ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏବେ ଅନୀତଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଥିବା ଚର୍ଚ୍ଚା ହେଉଛି। ଦିନେଶ ବିଜନଙ୍କ ହରର୍ କମେଡି ୟୁନିଭର୍ସର ଆଗାମୀ ଫିଲ୍ମ 'ଶକ୍ତି ଶାଳିନୀ'ରେ ସେ ଲିଡ୍ ରୋଲରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଏହି ଫିଲ୍ମ ପାଇଁ କିଆରା ଆଡଭାନୀଙ୍କୁ ଫାଇନାଲ କରାଯାଇଥିଲା। ଏବେ କିଆରାଙ୍କ ସ୍ଥାନ ଅନୀତ ନେବେ ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ମ୍ୟାଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ଏଥିରେ କୁହାଯାଇଛି, 'ମହାମୁଞ୍ଜ୍ୟା' ଓ 'ଶକ୍ତି ଶାଳିନୀ'ର କଳାକାରଙ୍କୁ ନେଇ ଆସିଥିବା ଖବର ପୂରାପୂରି ଗୁଜବ। ଏନେଇ ଆମେ ବିଧିବଦ୍ଧ ଭାବେ କିଛି ଘୋଷଣା କରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।' ମ୍ୟାଡକ୍ ଫିଲ୍ମର ସ୍ପଷ୍ଟୀକରଣ ପରେ ବି ଦର୍ଶକେ କିଆରାଙ୍କ ଠାରୁ ଅନୀତ ଭଲ ବିକଳ୍ପ ବୋଲି କହିଛନ୍ତି। 'ଶକ୍ତି ଶାଳିନୀ'ର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ସରପୋତଦାର ଅଛନ୍ତି। ଏହାର ସୁଟିଂ ୨୦୨୫ ଶେଷ ଆଡ଼କୁ ଆରମ୍ଭ ହେବ।

## ଗାନ୍ଧୀ ଜୟନ୍ତୀ



ଭୋଜରାଜ ବୁଢ଼

ଧନ୍ୟ ଧନ୍ୟ ରାଜ୍ୟ ଗୁଜରାଟ,
କୋଳେ ଲଭିଲୁ ପରମ ସୁତ,
ଅଠରଶ ଅଣସ୍ତରୀ ଅକ୍ଟୋବର,
ଦୁଇ ତାରିଖେ କଲୁ ଭୂମିଷ୍ଠ ॥
ଧନ୍ୟ କରମ ଚାନ୍ଦ ଗାନ୍ଧୀ ତାତ,
ପୁତୁଳି ବାଇ ଧନ୍ୟ ତୁମେ ମାତ,
ପୂରୁବ ସୁକୃତ ବଳେ କଲ ଜାତ,
ଦେଶପ୍ରେମୀ, ଗୁଣୀ, ଜ୍ଞାନୀ ସୁତ ॥
ଆହେ ବରେଣ୍ୟ ମହାମାନବ,
ତୁମ ନାମ କି କେହି ଭୁଲିବ,
ଦେଶଦଶ ଲାଗି ପ୍ରାଣବଳି ଦେଲ,
ତା'ର ଦୃଷ୍ଟାନ୍ତ କି କାହିଁ ଥିବ ॥
ଯୋଗୀ ପରି କରମ ସାଧିଲ,
ଦୈତ୍ୟ ଫିରିଙ୍ଗି ବଳ ଭାଙ୍ଗିଲ,
ତେର ନଈ ସାତ ଦରିଆ ସେପାରେ,
ବିନା ଅସ୍ତ୍ରେ ରାକ୍ଷସେ ତଡ଼ିଲ ॥
ପରାଧୀନ ଶୃଙ୍ଖଳ ଛିଣ୍ଡିଲା,
ସ୍ୱାଧୀନତା ସୂରୁଜ ଉଇଁଲା,
ଦେଶ ଜନନୀର ତପ୍ତ ଅଶ୍ରୁଧାର,
ଚିର ଦିନ ପାଇଁ ପୋଛିଦେଲା ॥
ଆମେ ତୁମର ତ ବଂଶଧର,
ବକ୍ଷେ ବହେ ତୁମ ରକ୍ତଧାର,
ହେବୁ ଯୋଗ୍ୟସୁତ ଭାରତ ମାତାର,
ସ୍ୱର୍ଗେ ଥାଇ ସୁଆଶିଷ କର ॥
ଆଜି ପାଳୁଛୁ ତବ ଜୟନ୍ତୀ
କରୁ ଭିକ୍ଷା ଦିଅ ହେ ଶକତି,
କୁଟି ଖାଇ କାଟି ପିନ୍ଧିଣ ସାହସେ,
ମାନି ଚଳିବୁ ଅହିଂସା ନୀତି ॥

ପାଇକମାଳ, ବରଗଡ଼
ମୋ- ୬୩୭୧୯୮୭୫୪୨

## ମାଆ ଆସିବେ ବୋଲି





ଅନସୂୟା ପଣ୍ଡା

ସଜ ହେଲାଣି ଧରଣୀ ରାଣୀ
ଆସିବେ ବୋଲି ମାଆ
ରଙ୍ଗୋଲୀ ଶେଫାଳି ବସି ଆଙ୍କିଲାଣି
କାଶ ଫୁଲରେ ଚାମର କରେ ବାଆ।
ହସୁଛି ଆଜି ଧଳା ବଉଦ
ଆକାଶେ ଲେଖି ସ୍ୱାଗତ ଗୀତ
ମଣ୍ଡପ ସବୁ ସଜ ହେଲାଣି
ମାଆ ଆସିବେ ସଭିଙ୍କ ମନ ପ୍ରୀତ।
ଜାଗଇ ମନେ ଭକତି ଭାବ
ଖେଳେ ମନରେ ମିଠା ଆବେଗ
ସଜାଏ ବୋଉ ଘର ଦୁଆର
ତିଆରି କରେ ନାନା ଜାତିର ଭୋଗ।
କୁନା ଆଣିଛି ନୂଆ ସାର୍ଟ
ଯିବ ଦେବୀ ମେଢ଼କୁ ଦେଖି
ରୂପା ସୁନାର ସାଜ ସଜାରେ
ଝଲସି ଯିବ ତା' ଆଖି।
ନୂଆ ଖେଳଣା ଆଣିବ ବୋଲି
ଲାଗିଛି ତା'ର ମନରେ ପରା ଜିଦି
ଫାଷ୍ଟ ଫୁଡ୍ ଖାଇବ ବୋଲି
ତେଲ ମାରୁଛି ଭାଇକୁ ନିଇତି।
ମାଆ ପାଖରେ ରଖିବ ଅଳି
ଦୁର୍ଦ୍ଦିନ ଦୁର୍ବିପାକ ଯାଉ ସରି
ଶାନ୍ତି ସେନେହର ବରଷା ହେଉ
ଜଗତ ଯାଉ ଖୁସି ଗୀତରେ ଭରି।

ବୁର୍ଲା, ସମ୍ବଲପୁର
ମୋ- ୯୪୩୯୨୧୧୭୧

# ସୁମନ



## ଭଲ୍ଲୁକ ରଜାର ବିଚାର





ସୁବ୍ରତ ଦାସ

ଜଙ୍ଗଲରେ ଭାଲୁ ରାଜାର ବୟସ ଅଧିକ ହୋଇଯିବ ଲକ୍ଷ୍ୟ କରି ସବୁ ପଶୁପକ୍ଷୀମାନେ ନୂଆ ରାଜା କିଏ ହେବ, ସେହି ଚିନ୍ତାରେ ଥାଆନ୍ତି। କେତେକ ପଶୁ ସିଂହକୁ ରାଜା କରିବା କଥା ପ୍ରସ୍ତାବ ଦେଉଥାନ୍ତି ତ, ଆଉ କେତେକ ପକ୍ଷୀ ଉକ୍ତ ପ୍ରସ୍ତାବରେ ସହମତି ପ୍ରକାଶ କରୁ ନ ଥାନ୍ତି। ଏହିଭଳି ସମସ୍ତେ ନିଜ ନିଜର ପ୍ରସ୍ତାବ ଭାଲୁକୁ ଦେଉ ଥାଆନ୍ତି। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣୁଥାନ୍ତି। ମହାରାଜ କହିଲେ, ଦେଖ ମୁଁ ବୁଢ଼ା ହୋଇଗଲିଣି। ତେଣୁ ମୋ' ପରେ ରଜା ଯିଏ ହେବ ସେ ଯେମିତି ତୁମ ସମସ୍ତଙ୍କର ସୁଖଦୁଃଖର ସାଥି ହେବା ସହ ତୁମ୍ଭମାନଙ୍କୁ ସବୁ ବିପଦରୁ ରକ୍ଷା କରି ପାରୁଥିବ। ତେଣୁ ଭଲ୍ଲୁକ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲରେ ଗୋଟିଏ ସଭା ଡକାଗଲା। ବିଲୁଆ, ମାଙ୍କଡ଼, କଜଳପାତି, ଠେକୁଆ ସମସ୍ତ ପଶୁପକ୍ଷୀମାନଙ୍କୁ ଗୋଟିଏ ସ୍ଥାନରେ ରୁଣ୍ଡ କରିବା ପାଇଁ ଦାୟିତ୍ୱ ନେଲେ। ସମସ୍ତେ ମିଶି ଜଙ୍ଗଲର ଜୀବଜନ୍ତୁମାନଙ୍କୁ ଖବର ଦେଲେ। କିଛି ସମୟ ପରେ ସଭା ଆରମ୍ଭ ହେଲା। ମାଙ୍କଡ଼ ପ୍ରଥମେ ସମସ୍ତ ପ୍ରାଣୀମାନଙ୍କୁ ସଭାର ଉଦ୍ଦେଶ୍ୟ ବିଷୟରେ ଜଣାଇଦେଲା। ବିଲୁଆ କହିଲା, ଭାଇ ଭଉଣୀମାନେ ଆମ୍ଭେ ଜଙ୍ଗଲରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। ଭଲ୍ଲୁକ ମହାରାଜ ଆମ୍ଭର ରାଜା ଥିଲେ, ମାତ୍ର ବୟସ ଅଧିକ ହେତୁ ସେ ଆଉ ଶାସନ ଚଳାଇ ପାରୁନାହାନ୍ତି। ତେଣୁ ଆମ୍ଭମାନଙ୍କୁ ନୂତନ ରାଜା ବାଛିବାକୁ ହେବ। ଆମର ଯିଏ ରାଜା ହେବ ସେଯେମିତି ଆମର ସବୁ ସୁବିଧା ଅସୁବିଧା ବୁଝି ପାରୁଥିବ ଏବଂ ଶତ୍ରୁ ଆକ୍ରମଣରୁ ସୁରକ୍ଷା ଦେଇ ପାରୁଥିବ। ସମସ୍ତେ ମିଳିତ ସ୍ୱରରେ ବିଲୁଆର କଥାକୁ ସମ୍ମତି ଜଣାଇଲେ। ତେଣୁ ରଜା କିଏ ହେବ ବା କାହାକୁ ରାଜା ବାଛିବେ ଜୀବଜନ୍ତୁଙ୍କ ମଧ୍ୟରେ ଭାଳେଣି ପଡ଼ିଲା। ପ୍ରଥମେ ଶୃଗାଳ ସିଂହର ପ୍ରସ୍ତାବ ଦେଇ କହିଲା, ସିଂହ ସବୁଠୁ ବଳବାନ ପ୍ରାଣୀ। ସେ ସବୁ ବିପଦରୁ ଆମ୍ଭକୁ ରକ୍ଷାକରି ପାରିବ। ତାକୁ ସମସ୍ତେ ଭୟ କରନ୍ତି। ତେଣୁ ସିଂହ ଭାଇଙ୍କୁ ରଜା କରାଯାଉ। ପରେ ଗଧିଆ ଥରିଥରି ହସ୍ତୀର ନାମ ପ୍ରସ୍ତାବ ଦେଲା ଏବଂ କହିଲା, ଜଙ୍ଗଲରେ ସବୁଠାରୁ ବୃହତ୍ତର ପ୍ରାଣୀ ହସ୍ତୀ ଅଟେ। ତାର ଗୋଟିଏ ଗର୍ଜନରେ ସାରା ଜଙ୍ଗଲ ଥରହର ହୋଇଯାଏ। ତା' ସାମ୍ନାକୁ କୌଣସି ପ୍ରାଣୀ ସାହସ କରି ଆସିପାରିବେ ନାହିଁ। ତେଣୁ ହସ୍ତୀକୁ ରଜା କରାଯାଉ। ଏହି ପ୍ରସ୍ତାବରେ ବଣି ଚଢ଼େଇ, ହରିଣ ସମେତ ସମସ୍ତ ପକ୍ଷୀ ଜାତି ସମ୍ମତି ପ୍ରଦାନ କଲେ। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣି ମୁଣ୍ଡ ହଲାଇବା ସହ ଆଉ କେଉଁ ପ୍ରାଣୀମାନଙ୍କର କିଛି କହିବାର ଅଛି ବୋଲି ପ୍ରଶ୍ନ କଲେ। ମାତ୍ର ସମସ୍ତ ପ୍ରାଣୀ ନୀରବ ରହିଲେ। ତାପରେ ଭଲ୍ଲୁକ ମହାରାଜ କହିଲେ, ସବୁ ସ୍ଥଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ମାତ୍ର ଆମ ଜଙ୍ଗଲ ପାର୍ଶ୍ୱ ନଦୀରେ ବାସ କରୁଥିବା ସରୀସୃପ, ଜଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ନାହିଁ। ଆମେ ସମସ୍ତେ ନଦୀର ପାଣିକୁ ବ୍ୟବହାର କରୁଛନ୍ତି। ସେମାନେ ମଧ ଆମ ସହ ବସବାସ କରୁଛନ୍ତି, ତାଙ୍କର ମଧ ମତ ଦେବାର ଅଧିକାର ଅଛି। ତାଙ୍କୁ ବି ଏହି ନିଷ୍ପତ୍ତିରେ ସାମିଲ କରିବା କଥା। ଏହି ପ୍ରସଙ୍ଗରେ ଘୋଡ଼ା, ଚଟୁ ଘୋଡ଼ା, ଠେକୁଆ ସମସ୍ତେ ମିଶି କହିଲେ, ଚାଲ, ଆମେ ସମସ୍ତେ ତାଙ୍କ ପାଖକୁ ଯିବା। ତାଙ୍କର ମତାମତ ନେବା। ସମସ୍ତେ ସାଙ୍ଗ ହୋଇ ଭଲ୍ଲୁକ ମହାରାଜଙ୍କୁ ସାଙ୍ଗରେ ନେଇ ନଦୀ ପାଖକୁ ଗଲେ। ନଦୀ କୂଳରେ କେତେକ କୁମ୍ଭୀର ଶୋଇଥିଲେ। ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ଏକା ସାଙ୍ଗରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ବିଲୁଆ ତାଙ୍କୁ ବୁଝାଇ ଦେଲା ଏବଂ କହିଲା, ଆମେ ସମସ୍ତ ପ୍ରାଣୀ ତୁମ୍ଭମାନଙ୍କର ମତାମତ ନେବାକୁ ଆସିଛୁ। କିଏ ଜଙ୍ଗଲର ରଜା ହେବ? ସିଂହ, ହାତୀ ଦୁଇ ଜଣ ପ୍ରାର୍ଥୀଙ୍କ ଭିତରୁ କିଏ ରଜା ହେବା ପାଇଁ ପ୍ରକୃତ ଯୋଗ୍ୟ। କୁମ୍ଭୀର କହିଲା, ଆଜ୍ଞା ଆମେ ଅଧିକାଂଶ ସମୟ ଜଳରେ ବାସ କରୁ। ତେଣୁ ଆମକୁ ସୁରକ୍ଷା ଦେବା ପାଇଁ କେବଳ ହାତୀ ହିଁ ଭରସାଯୋଗ୍ୟ। ତେଣୁ ହାତୀ ରଜା ହେବା ଉଚିତ୍। ଏହି ସମୟରେ ବେଙ୍ଗଟିଏ ପାଣି ଭିତରୁ ଡେଇଁ ପଡି ଉପରକୁ ଆସି ଭଲ୍ଲୁକ ମହାରାଜଙ୍କୁ ମୁଣ୍ଡିଆଟେ ମାରି କହିଲା, ମଣିମା ଆମ୍ଭେ ସମସ୍ତେ କୁମ୍ଭୀର ଭାଇ କଥାରେ ଏକମତ। କାରଣ ଆମ୍ଭେ ବେଙ୍ଗ ଜାତି ଖୁବ୍ ଛୋଟ ଆଉ ଦୁର୍ବଳ ପ୍ରାଣୀ। ଯେଉଁ ପ୍ରାଣୀ ଛୋଟ ଜୀବଜନ୍ତୁ ଓ ଦୁର୍ବଳ ଶ୍ରେଣୀର ଜନ୍ତୁମାନଙ୍କ ପ୍ରତି ଦୟାବାନ୍ ହେବ, ସେ ରଜା ହେବା ପାଇଁ ଯୋଗ୍ୟ। କାରଣ ସିଂହ ନିଜକୁ ଶକ୍ତିଶାଳୀ ଜୀବ ଭାବି ନଦୀକୁ ପାଣି ପିଇବା ସମୟରେ ଆସିଲାବେଳେ ଆମ୍ଭ ବେଙ୍ଗ ଛୁଆ ଉପରେ ଚଢ଼ି ମାରି ଦିଏ। ସେ ସର୍ବଦା ଉପରକୁ ଅନାଇ ଚାଲେ, ତା'ର ନଜର ତଳକୁ କେବେ ପଡେ ନାହିଁ। ମାତ୍ର ହସ୍ତୀ ଏତେ ବଡ଼ ଜୀବ ହେଲେ ବି ଛୋଟ ଜୀବଙ୍କ ପ୍ରତି ଖୁବ୍ ଯତ୍ନଶୀଳ। କେବେ ବି ଆମ ଶାବକଙ୍କ ଉପରେ ପାଦ ପକାଏ ନାହିଁ। ସବୁବେଳେ ତଳକୁ ନଜର ଦେଇ ଚାଲିଥାଏ। ତେଣୁ ସେ ରଜା ହେବା ପାଇଁ ଯୋଗ୍ୟ। ସମସ୍ତ ଜୀବଜନ୍ତୁମାନେ ବେଙ୍ଗର କଥା ଶୁଣି ଚକିତ ହୋଇଗଲେ। ଭଲ୍ଲୁକ ମହାରାଜ ମୁଣ୍ଡ ଟୁଙ୍ଗାରି କହିଲେ, ହଁ ଠିକ୍ କଥା। ଯିଏ ରଜା ହେବ ସେ ସର୍ବଦା ଦୁର୍ବଳ, ଅସହାୟ ଉପରେ ନଜର ରଖି ତାଙ୍କୁ ସାହାଯ୍ୟ, ସହାୟ ହେବା ଉଚିତ୍। ତେଣୁ ଭଲ୍ଲୁକ ରଜାଙ୍କ ବିଚାରରେ ହସ୍ତୀକୁ ଜଙ୍ଗଲର ନୂଆ ରଜା ରୂପେ ଘୋଷଣା କରାଗଲା। ଏହି ବାର୍ତ୍ତା ଜଙ୍ଗଲ ସାରା ପ୍ରଚାର କରିବା ପାଇଁ ହନୁ ମାଙ୍କଡ଼ ଓ କଜଳପାତୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସମସ୍ତେ ବେଙ୍ଗର ବୁଦ୍ଧିକୁ ପ୍ରଶଂସା କଲେ।

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭ ୭୩୧୯୦୩

## ପ୍ରହେଳିକା

- ଦଶ ହାତେ ଦଶ ଅସ୍ତ୍ର ସେ ଧରି
ଧରାକୁ ଆସନ୍ତି ସେ ଅବତରୀ
କରିଥିଲେ ଯିଏ ଦୁଷ୍ଟ ସଂହାର
ଶରତରେ ଚାଲେ ପୂଜା ତାଙ୍କର
ମଣ୍ଡପରେ ବିଜେ କରନ୍ତି ସିଏ
ନାମଟି ତାଙ୍କର କହିବ କିଏ?
ଉ-ଦେବୀ ଦୁର୍ଗା

- ପବନ ସାଥିରେ ଖେଳଇ ଦୋଳି
ନଈପଠାରେ ଘର ସେ କରି
ଧବଳ ରଙ୍ଗରେ ମୁରୁକି ହସେ
ଧରଣୀ ସୁନ୍ଦର ତା'ର ପରଶେ
ପାର୍ବଣ ଋତୁକୁ ସଜାଏ ସିଏ
ନାମଟି ତାହାର କହିବ କିଏ?
ଉ-କାଶତଣ୍ଡି



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୯୦୩୨୮୩୪୫

## ଚିତ୍ର ଆସୁଛି ଫୁଟି





**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର





**ମାନସ ରଞ୍ଜନ ଆଚାର୍ଯ୍ୟ**
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





**ସ୍ମୃତିରେଖା ବାସ୍କେ**
ଚତୁର୍ଥ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଖୁଣ୍ଟା, ମୟୂରଭଞ୍ଜ






**ମନୀଷା ନାଏକ**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡିଆ, ମୟୂରଭଞ୍ଜ

## ଏସିଆ କପ୍: ନିଶାଙ୍କାଙ୍କ ଶତକ ବ୍ୟର୍ଥ

# ସୁପର ଓଭରରେ ଶ୍ରୀଲଙ୍କାକୁ ହରାଇଲା ଭାରତ

ଦୁବାଇ,୨୬।୯ (ଏଜେନ୍ସି):





ପାଥୁମ ନିଶାଙ୍କା ମ୍ୟାନ୍ ଅଫ୍ ଦି ମ୍ୟାଚ୍

ଅର୍ଶଦୀପ ସିଂହଙ୍କ ଆବଶ୍ୟକ ସମୟରେ ଘାତକ ବୋଲିଂ ଓ ରିଙ୍କୁ ସିଂଙ୍କ ଆକର୍ଷଣୀୟ କ୍ୟାଚ୍ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ସୁପର-୪' ପର୍ଯ୍ୟାୟର ଶେଷ ଲିଗ ମ୍ୟାଚ୍‌ରେ ଭାରତ ସୁପର ଓଭରରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଭାରତ ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ରବିବାର ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ତାହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏସିଆ କପ୍‌ର ୪୧ ବର୍ଷ ଇତିହାସ ଓ ଦୁଇଟିଯାକ ଫର୍ମାଟରେ ଭାରତ ଓ ପାକିସ୍ତାନ ପ୍ରଥମଥର ଏସିଆ କପ୍ ଫାଇନାଲରେ ମୁକାବିଲା କରିବେ। ପୂର୍ବରୁ ଉଭୟ ଦଳ ମଧ୍ୟରେ ୧୨ଟି ସୀମିତ ଓଭର କ୍ରିକେଟ ଫାଇନାଲ ଖେଳାଯାଇଥିଲାବେଳେ ଭାରତ ୪ଟିରେ ଓ ପାକିସ୍ତାନ ୮ଟିରେ ବିଜୟ ହାସଲ କରି ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ଚଳିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଶତକ ହାସଲ କରିଥିବା ଶ୍ରୀଲଙ୍କାର ନିଶାଙ୍କାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଦୁବାଇର ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଭିଷେକ ଶର୍ମା (୩୧ବଲ୍‌ରେ ୬୧ ରନ୍), ତିଳକ ବର୍ମାଙ୍କ ଅପରାଜିତ ୪୯ ଓ ସଞ୍ଜୁ ସାମସନଙ୍କ ଉପଯୋଗୀ ୩୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୨ ରନ୍ କରିଥିଲା। ଜବାବରେ ପାଥୁମ ନିଶାଙ୍କା(୫୮ ବଲ୍‌ରେ ୧୦୭ ରନ୍)ଙ୍କ ଦମ୍‌ଦାର ଶତକ ବଳରେ ଶ୍ରୀଲଙ୍କା ମଧ୍ୟ ୨୦ ଓଭରରେ ୫ ୱିକେଟ ହରାଇ ୨୦୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫ଟି ବଲ୍ ଖେଳି ୨ ରନ୍ ବିନିମୟରେ ୨ଟିଯାକ ୱିକେଟ ହରାଇ ଅଲଆଉଟ ହୋଇଥିଲା। ଜବାବରେ ଭାରତ ମାତ୍ର ଗୋଟିଏ ବଲ ଖେଳି ୩ ରନ୍ କରିବା ସହ ମ୍ୟାଚ୍ ଜିତିନେଇଥିଲା। ଭାରତର ଏହି ଲଢୁଆ ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ ଅର୍ଶଦୀପ ସିଂହ। ଶ୍ରୀଲଙ୍କା ଇନିଂସ ୧୯ତମ ଓଭର ଓ ସୁପର ଓଭରରେ ଚମତ୍କାର ବୋଲିଂ କରି ସେ ଭାରତର ନିଶ୍ଚିତ ପରାଜୟ ମ୍ୟାଚ୍‌କୁ ବିଜୟରେ ପରିଣତ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଟି-୨୦ ଫର୍ମାଟରେ ପାଥୁମ ନିଶାଙ୍କା ପ୍ରଥମ ଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ଅଭିଷେକ ଶର୍ମା ହ୍ୟାଟ୍ରିକ ଅର୍ଦ୍ଧଶତକ ହାସଲ କରି ଚଳିତ ଟୁର୍ଣ୍ଣାମେଣ୍ଟରେ ରନ୍ ସଂଖ୍ୟା ୩୦୯ ରେ ପହଞ୍ଚାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ : ୨୦୨/୫, ୨୦ ଓଭର**
(ଅଭିଷେକ ଶର୍ମା-୬୧, ତିଳକ ବର୍ମା-ଅପରାଜିତ ୪୯, ସଞ୍ଜୁ ସାମସନ-୩୯)

**ଶ୍ରୀଲଙ୍କା : ୨୦୨/୫, ୨୦ ଓଭର**
(ପାଥୁମ ନିଶାଙ୍କା-୧୦୭, କୁଶାଲ ପରେରା-୫୮, ଦାସୁନ ଶାନକା-ଅପରାଜିତ-୨୨)।

## ● ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ

# ରୌଫ୍, ସୂର୍ଯ୍ୟକୁମାରଙ୍କୁ ଆର୍ଥିକ ଦଣ୍ଡ





ଦୁବାଇ,୨୬।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମୁକାବିଲାବେଳେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଉଭୟ ଦେଶର ଦୁଇ ଖେଳାଳି ଦଣ୍ଡିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଓ ଭାରତୀୟ ଅଧିନାୟକ ଆଇସିସି ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନଙ୍କ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଉଭୟ ଖେଳାଳିଙ୍କ ମ୍ୟାଚ୍ ଫି'ର ୩୦ ଶତକଡ଼ା ଦଣ୍ଡ ଆକାରରେ କାଟି ନିଆଯାଇଛି। କିନ୍ତୁ ବନ୍ଧୁକ ମାରିବା ଆକ୍ସନରେ ଅର୍ଦ୍ଧଶତକ ସିଲେବ୍ରେସନ କରିଥିବା ପାକିସ୍ତାନୀ ଓପନର ସାହିବଜାଦା ଫରହାନ୍‌ଙ୍କୁ କେବଳ ଚେତାବନୀ ଦିଆଯାଇ ଛାଡ଼ିଦିଆଯାଇଛି। ସେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ନ ଥିବା କିମ୍ବା ପ୍ରତିପକ୍ଷ ଖେଳାଳି କିମ୍ବା ସମର୍ଥକଙ୍କୁ ଉସୁକାଇ ନ ଥିବା ରିଚାର୍ଡସନଙ୍କର ହୃଦ୍‌ବୋଧ ହୋଇଥିଲା। ଗୁରୁବାର ଏଠାରେ ରିଚାର୍ଡସନ ଉଭୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଆଜି ସେ ତାଙ୍କର ରାୟ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧୪ ତାରିଖରେ ପାକିସ୍ତାନକୁ ଲିଗ୍ ମ୍ୟାଚ୍‌ରେ ହରାଇବା ପରେ ଦେଇଥିବା ପ୍ରତିକ୍ରିୟାରେ ଦଳର ବିଜୟକୁ ଭାରତୀୟ ସେନା ଓ ପହଲଗାମ୍‌ରେ ସନ୍ତ୍ରାସବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ପରିବାର ସଦସ୍ୟଙ୍କୁ ଉତ୍ସର୍ଗ କରିଥିଲେ। ଖେଳରେ ରାଜନୀତି ପୂରାଇଥିବା ସେ ଲେଭଲ-୧ ଅପରାଧ କରିଥିଲେ। ସେହିପରି ସେପ୍ଟେମ୍ବର ୨୧ ତାରିଖ ଭାତ ବିପକ୍ଷ ସୁପର-୪ ମୁକାବିଲାରେ ପାକିସ୍ତାନର ଫାଷ୍ଟ ବୋଲର ପ୍ରତିପକ୍ଷ ଖେଳାଳିଙ୍କୁ ଉସୁକାଇବା ଓ ଅଶୋଭନୀୟ ଶୈଳୀରେ ସମର୍ଥକଙ୍କ ସହ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିଲେ। ଏହା ଆଇସିସି ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଥିବାରୁ ଲେଭେଲ-୧ ଅପରାଧ କରିଥିଲେ। ଏହା ଫଳରେ ତାଙ୍କୁ ଚେତାବନୀ ଦିଆଯିବା ସହ ଦଣ୍ଡ ପ୍ରଦାନ କରାଯାଇଛି। ଉଭୟ ଦେଶର କ୍ରିକେଟ ବୋର୍ଡ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ଗୁରୁବାର ଏହାର ଶୁଣାଣି କରି ରିଚାର୍ଡସନ ଶୁକ୍ରବାର ଏପରି ନିଷ୍ପତ୍ତି ନେଇଛନ୍ତି।

## ● ଅଷ୍ଟ୍ରେଲିଆର କ୍ରମାଗତ ତୃତୀୟ ପରାଜୟ

# ଭାରତର ଦିନିକିଆ ସିରିଜ୍ ସ୍ୱିପ୍

ବ୍ରିସ୍‌ବେନ୍,୨୬।୯ (ଏଜେନ୍ସି): ବେଦାନ୍ତ ତ୍ରିପାଠୀ (୮୬), ରାହୁଲ କୁମାର (୬୨)ଙ୍କ ଅର୍ଦ୍ଧଶତକ ସହିତ ଖୀଲନ ପଟେଲ (୪/୨୬) ଓ ଉଧବ ମୋହନ (୩/୨୬)ଙ୍କ ସୁନ୍ଦର ବୋଲିଂ ବଳରେ ଇଆନ ହିଲି ଓଭାଲ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ୧୬୭ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୩ ମ୍ୟାଚ୍ ଦିନିକିଆ ସିରିଜ୍‌କୁ ୩-୦ରେ ଜିତି ରିଜ୍ ସ୍ୱିପ୍ କରିଛି। ଏହା ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତ ୭ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୫୧ ରନ୍‌ରେ ଜିତିଥିଲା। ଦିନିକିଆ ସିରିଜ୍ ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଏଠାରେ ଓ ଦ୍ୱିତୀୟ ମ୍ୟାଚ୍ ମ୍ୟାକୟରେ ଅକ୍ଟୋବର ୭ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପକ୍ଷରୁ ଗୁଜରାଟ ବ୍ୟାଟର ବେଦାନ୍ତ ତ୍ରିପାଠୀ ୯୨ ବଲ୍‌ରୁ ୮ ଚୌକା ସହ ସର୍ବାଧିକ ୮୬ ରନ୍ କରିଥିଲେ। ପଞ୍ଜାବର ରାହୁଲ କୁମାର ୮୪ ବଲ୍‌ରୁ ୬ ଚୌକା ସହ ୬୨ ରନ୍‌ର ଯୋଗଦାନ ଦେଇଥିଲେ। ନଂ-୩ ବିହାନ ମାଲହୋତ୍ରା ୪୦, ହରବଂଶ ପାଙ୍ଗଲିଆ ୨୩ ଓ ଖୀଲନ ପଟେଲ ୨୦ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୨୬.୩ ଓଭରରେ ମାତ୍ର ୧୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଆଲେକ୍ସ ଟର୍ଣ୍ଣର ୩୨, ଟମ୍ ହୋଗାନ ୨୮ ଓ ଅଧିନାୟକ ୱିଲ ମଲାନଜୁକ୍ ୧୫ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଭାରତ ପକ୍ଷରୁ ଗୁଜରାଟ ବାମହାତୀ ସ୍ପିନର ଖୀଲନ ପଟେଲ ୨୬ ରନ୍‌ରେ ସର୍ବାଧିକ ୪ଟି ଓ ଦିଲ୍ଲୀର ପେସ୍ ବୋଲର ଉଧବ ମୋହନ ମଧ୍ୟ ୨୬ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ରାଜସ୍ଥାନ ଅଫ୍ ସ୍ପିନର କନିସ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

# ୨୦୨୬ ଫିଫା ବିଶ୍ୱକପ୍‌ର ମାସ୍କଟ ଉନ୍ମୋଚିତ



କୋରାଲ ଗାବଲ୍ସ, ୨୬।୯ (ଏଜେନ୍ସି): ଆମେରିକା, କାନାଡା ଓ ମେକ୍ସିକୋରେ ଖେଳାଯିବାକୁ ଥିବା ୨୦୨୬ ଫିଫା ବିଶ୍ୱକପ୍ ଲାଗି ଆଜି ମାସ୍କଟ ଉନ୍ମୋଚନ କରାଯାଇଛି। ଏହି ମାସ୍କଟର ନାମ ରଖାଯାଇଛି କ୍ଲଚ୍, ଜାୟୁ ଓ ମାପଲ। ଆମେରିକାକୁ କ୍ଲଚ୍, ମେକ୍ସିକୋକୁ ଜାୟୁ ଓ କାନାଡାକୁ ମାପଲ ପ୍ରତିନିଧିତ୍ୱ କରୁଛି। ଜୁନ୍ ୧୧ରେ ଫିଫା ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍ ପ୍ରଥମଥର ୩ଟି ଦେଶରେ ଓ ପ୍ରଥମଥର ୪୮ଟି ଦେଶକୁ ନେଇ ଆୟୋଜିତ ହେଉଛି। ଜୁଲାଇ ୧୯ରେ ଶେଷ ହେବାକୁ ଥିବା ଏହି ବିଶ୍ୱକପ୍ ୧୬ଟି ସହରରେ ଖେଳାଯିବ।

# ଶ୍ରଦ୍ଧାଞ୍ଜଳି ଜାତୀୟ ଫୁଟବଲ ଚୟନକର୍ତ୍ତା



ଭୁବନେଶ୍ୱର,୨୬।୯ (ସମିସ): ଓଡ଼ିଶାର କିଂବଦନ୍ତୀ ମହିଳା ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଜାତୀୟ ମହିଳା ଫୁଟବଲର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି। ବରିଷ୍ଠ ଦଳରେ ଏହା ତାଙ୍କର ପ୍ରଥମ ନିଯୁକ୍ତି। ଛତିଶଗଡ଼ଠାରେ ଅକ୍ଟୋବର ୧ରୁ ୧୦ ତାରିଖ ଯାଏ ଜାତୀୟ ବରିଷ୍ଠ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରୁ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରିବା ଶ୍ରଦ୍ଧାଞ୍ଜଳି ଓ ତାଙ୍କ ଟିମ୍‌ର ଦାୟିତ୍ୱ। ଆସନ୍ତାବର୍ଷ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମ୍ଭାବ୍ୟ ଦଳ ଚୟନ କରାଯିବ ବୋଲି ଜଣାଯାଇଛି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ୨୦୨୪ରେ ଭାରତର ୧୯ ବର୍ଷରୁ କମ୍ ଦଳକୁ ସାଫ୍ କପ୍ ଜିତାଇଥିଲେ। ଏପରି ସମ୍ମାନଜନକ ଦାୟିତ୍ୱ ପାଇଥିବାରୁ ଶ୍ରଦ୍ଧାଞ୍ଜଳି ତାଙ୍କ ନିଯୁକ୍ତିଦାତା ନାଲକୋ, ରାଜ୍ୟ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାକୁ କୃତଜ୍ଞତା ଜଣାଇଛନ୍ତି।

# ସୁଶ୍ରୀ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟିକା



କଟକ,୨୬।୯ (ସମିସ): ଆସନ୍ତା ଅକ୍ଟୋବର ୮ରୁ ବରିଷ୍ଠ ମହିଳା ଜାତୀୟ ଟି-୨୦ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଥିଲା। ୧୬ ଜଣିଆ ଦଳରେ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ନେତୃତ୍ୱ ଦିଆଯାଇଛି। ବିଜୟଲକ୍ଷ୍ମୀ ବେହେରା, ଡି ଜାନକୀ ରେଡ୍ଡୀ, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାଏକ, ମାଧୁରୀ ମେହେଟା, ମୋନାଲିସା ରାଉତ(ୱିକେଟ କିପର), ନିବେଦିତା ଜନ୍ ନାଏକ, ପ୍ରଜ୍ଞା ପରମିତା ମହାନ୍ତି(ୱିକେଟ କିପର), ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସଙ୍ଗୀତା ଖାଡିଆ(ଉପଅଧିନାୟିକା), ସରିତା ମେହର, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ତନ୍ମୟୀ ବେହେରା ଦଳରେ ସ୍ଥାନ ପାଇଛନ୍ତି। ଏଲିଟ୍-ସି ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ହାଇଦ୍ରାବାଦ ବିପକ୍ଷରେ ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ। ଗ୍ୱାଲିୟରରେ ଗ୍ରୁପର ସମସ୍ତ ମ୍ୟାଚ୍ ଖେଳାଯିବ। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ, ମୁଖ୍ୟ କୋଚ୍ ସୁମନ ଶର୍ମା ଉପସ୍ଥିତ ଥିଲେ।

## ରାହୁଲ ୧୭୬*, ସୁଦର୍ଶନ ୧୦୦

# ଭାରତ-ଏ'ର ଐତିହାସିକ ବିଜୟ



ଲକ୍ଷ୍ନୌ, ୨୬।୯ (ଏଜେନ୍ସି): ବରିଷ୍ଠ ଖେଳାଳି ଲୋକେଶ ରାହୁଲଙ୍କ ଅପରାଜିତ ୧୭୬ ଓ ସାଇ ସୁଦର୍ଶନଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆ-ଏ'କୁ ୫ ୱିକେଟରେ ହରାଇ ଐତିହାସକ ବିଜୟ ହାସଲ କରିଛି। ଏହି ମ୍ୟାଚ୍ ଜିତିବାକୁ ଭାରତ-ଏ' ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଘରୋଇ ଦଳ ରାହୁଲ ଓ ସୁଦର୍ଶନଙ୍କ ଶତକ, ଅଧିନାୟକ ଧ୍ରୁବ ଜୁରେଲଙ୍କ ୫୬ ରନ୍ ସହାୟତାରେ ଦଳ ୫ ୱିକେଟ ହରାଇ 'ଏ' ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ କରି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଦଳ ୨୦୨୨ ହାବନଟୋଟାରେ ଶ୍ରୀଲଙ୍କା-ଏ' ବିପକ୍ଷରେ ୩୬୭ ରନ୍ କରି ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ-ଏ'ର ରେକର୍ଡକୁ ଅତିକ୍ରମ କରିଥିଲେ। ଭାରତ ମଧ୍ୟ ନିଜ ରେକର୍ଡରେ ଉନ୍ନତି ଆଣିଛି। ୨୦୦୩ରେ ନଟିଂହାମସାୟର ବିପକ୍ଷରେ ଭାରତ-ଏ' ୩୪୦ ରନ୍ କରି ବିଜୟୀ ହୋଇଥିଲାବେଳେ ଏଠାରେ ମଧ୍ୟ ଏହି ରେକର୍ଡ ଅତିକ୍ରମ ହୋଇଯାଇଛି। ଏହି ବିଜୟ ଫଳରେ ଭାରତ-ଏ' ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୦ରେ ଜିତିନେଇଛି। ଏଠାରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟ ହାରଜିତ ବିନା ଫଇସଲାରେ ଶେଷ ହୋଇଥିଲା।

ଭାରତ-ଏ' ପକ୍ଷରୁ ଖେଳୁଥିବା ରାହୁଲ ତାଙ୍କ ପାରମ୍ପରିକ ଟ୍ରେଡମାର୍କ ସଟ୍ ସହାୟତାରେ ୨୧୦ ବଲ ଖେଳରି ୧୬ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୧୭୬ ରନ୍ ଦଳକୁ ଜିତାଇଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ମଧ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ୨ଟି ଟେଷ୍ଟର ୪ଟି ଯାକ ଇନିଂସରେ ସଫଳ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ-ଏ'ର ଜୋଶ ଫିଲିପ୍ସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଭାରତ-ଏ' ଦ୍ୱିତୀୟ ଇନିଂସରେ ସାଇ ସୁଦର୍ଶନ ୧୭୨ ବଲ୍‌ରୁ ୧୦୦ ଓ ଅଧିନାୟକ ଧ୍ରୁବ ଜୁରେଲ ୬୬ ବଲ୍‌ରୁ ୫୬ ରନ୍ ସଂଗ୍ରହ କରି ଉପଯୁକ୍ତ ସହାୟତା ଯୋଗାଇଥିଲେ। ଶେଷରେ ନୀତୀଶ କୁମାର ରେଡ୍ଡୀ ଅପରାଜିତ ୧୬ କରି ରାହୁଲଙ୍କ ସହ ଦଳକୁ ମ୍ୟାଚ୍ ଜିତାଇଥିଲେ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ'ର ୪୨୦ ରନ୍ ଜବାବରେ ଭାରତ-ଏ' ମାତ୍ର ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଭାରତ-ଏ'ର ବୋଲରମାନେ ଘାତକ ପ୍ରଦର୍ଶନ କରିବା ଫଳରେ ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୧୮୫ ରନ୍ କରିଥିଲା। ଫଳରେ ପ୍ରଥମ ଇନିଂସରେ ୨୨୬ ରନ୍‌ର ଅଗ୍ରଣୀକୁ ମିଶାଇ ଅଷ୍ଟ୍ରେଲିଆ-ଏ' ଘରୋଇ ଦଳ ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ଭାରତ ମାତ୍ର ୫ ୱିକେଟ ହରାଇ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛି। ଟେଷ୍ଟ ସିରିଜ୍ ପରେ ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ମଧ୍ୟରେ କାନପୁରର ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌ରେ ୪ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ।

## ଆଇଏସଏସ୍ ଜୁନିଅର ୱାର୍ଲ୍ଡକପ୍



# ଜୋନାଥନଙ୍କୁ ସ୍ୱର୍ଣ୍ଣ, ରଶ୍ମିକାଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଭାରତର ଜୋନାଥନ ଆଣ୍ଟୋନି ତାଙ୍କ ଇଟାଲୀୟ ପ୍ରତିଦ୍ୱନ୍ଦ୍ୱୀ ଲୁକା ଆରିଘିଙ୍କୁ ୮.୫ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଏଠାରେ ଚାଲିଥିବା ଆଇଏସ୍‌ଏସ୍ ଜୁନିଅର ୱାର୍ଲ୍ଡ କପ୍ ସୁଟିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡଃ କାର୍ଣ୍ଣି ସିଂହ ରେଞ୍ଜରେ ଆଜି ଅନୁଷ୍ଠିତ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ କର୍ଣ୍ଣାଟକର ଜୋନାଥନ ବିଜେତା ହୋଇଛନ୍ତି। ଖେଳରତ୍ନ ପୁରସ୍କାର ବିଜେତା ଜିତୁ ରାୟଙ୍କ ତତ୍ତ୍ୱାବଧାନରେ ଜୋନାଥନ ପ୍ରଶିକ୍ଷଣ ନେଉଛନ୍ତି। ମହିଳା ଏୟାର ପିସ୍ତଲରେ ନିରପେକ୍ଷ ଦେଶ ଭାବେ ଭାଗନେଇଥିବା ରୁଷର ଇଭେଲିନା ସିନା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଭାରତର ରଶ୍ମିକା ସେହଗଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଦ୍ୱିତୀୟ ଦିନ ସୁଦ୍ଧା ଭାରତ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ସହ ପଦକ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି।

# ତାରାକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୬।୯ (ସମିସ): ଇଣ୍ଡିଆନ ମାଉଣ୍ଟେନିୟରିଂ ଫେଡେରେସନ (ଆଇଏମ୍‌ଏଫ୍) ପକ୍ଷରୁ ନେଦରଲାଣ୍ଡ ଟିମ୍‌ର ଲିଆସନିଂ ଅଫିସର ଭାବେ କାମ କରି ସଫଳତା ପାଇଥିବା ଓଡ଼ିଶାର ତାରାକାନ୍ତ ପରିଡ଼ାଙ୍କୁ ଆସା (ଅସୋସିଏସନ ଅଫ୍ ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟି) ପକ୍ଷରୁ ସମ୍ମାନିତ କରାଯାଇଛି। ଜୁଡୋ ହଲ ପରିସରରେ ଶୁକ୍ରବାର ଆୟୋଜିତ ବନ୍ଧୁମିଳନରେ ତାରାକାନ୍ତଙ୍କୁ ଆସା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଅନୁଷ୍ଠିତ ଏକ ଅନୌପଚାରିକ ବୈଠକରେ ଆସାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହଣକାରୀ ତଥା ଆସାର ସମ୍ପାଦକ ଗଣେଶ ଜେନା, ହରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସା ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

# 'କଟକ ପାନ୍ଥର୍ସ' ଓପିଟିଏଲ ଚାମ୍ପିଅନ

କଟକ,୨୬।୯ (ସମିସ):



କଟକ ପାନ୍ଥର୍ସ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସଂସ୍କରଣର ଚାମ୍ପିଅନ ହୋଇଛି। ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାନ୍ଥର୍ସ ୫ ରନରେ ସମ୍ବଲପୁର ୱାରିୟର୍ସକୁ ହରାଇଛି। ଚାମ୍ପିଅନ ପାନ୍ଥର୍ସକୁ ଟ୍ରଫି ସମତେ ୫୦ଲକ୍ଷ ଏବଂ ରନର୍ସଅପ ୱାରିୟର୍ସକୁ ଟ୍ରଫି ସମେତ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଦିନ ତମାମ ଲଗାଣ ବର୍ଷା ଫାଇନାଲ ମୁକାବିଲାକୁ ସମ୍ପୂର୍ଣ୍ଣ ବ୍ୟାଘାତ କରିବ ବୋଲି ଆଶଙ୍କା ରହିଥିଲା। ମାତ୍ର ସନ୍ଧ୍ୟା ପରେ ବର୍ଷାର କୋପ ଥମିବା ମାତ୍ରେ ୧୦ଓଭର ବିଶିଷ୍ଟ ମ୍ୟାଚ୍ କରାଯିବାକୁ ମ୍ୟାଚ୍ ରେଫରି ସ୍ଥିର କରିଥିଲେ। ୱାରିୟର୍ସ ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପାନ୍ଥର୍ସକୁ ବ୍ୟାଟିଂ ଡାକରା ଦେଇଥିଲେ। ବିପ୍ଲବ ସାମନ୍ତରାୟଙ୍କ ୮ ବଲରୁ ୨୩ରନ, ଶୁଭମ ଶତ୍ରୁଜିତଙ୍କ ୧୫ବଲରୁ ୨୫ରନ ବଳରେ ୮.୪ ଓଭର ସୁଦ୍ଧା ପାନ୍ଥର୍ସ ୫ ୱିକେଟ ହରାଇ ୯୨ରନ ସଂଗ୍ରହ କରିଥିଲା। ପୁନର୍ବାର ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ୱାରିୟର୍ସ ତରଫରୁ ସୁମିତ ଶର୍ମା ୨ଓଭର ବୋଲିଂ କରି ୬ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ବାମହାତୀ ଅର୍ଥୋଡକ୍ସ ସୁମିତ ଗୋଟିଏ ଓଭରରେ ଇନଫର୍ମ ବ୍ୟାଟର ସୌରଭ ଗୌଡ ଏବଂ ହର୍ଷିତ ରାଠୋଡଙ୍କ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ବିଳମ୍ବ ଯୋଗୁଁ ଡିଏଲଏସ୍ ପଦ୍ଧତିର ବିନିଯୋଗ କରାଯାଇ ୱାରିୟର୍ସ ସମ୍ମୁଖରେ ୫ ଓଭରରେ ୬୨ ରନର ଟାର୍ଗେଟ ମିଳିଥିଲା। ହେଲେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଦଳକୁ ଟାଇଟଲ୍ ଠାରୁ ଦୂରେଇ ରଖିଥିଲା। ଅନ୍ତିମ ଓଭରରେ ବିଜୟ ନିମନ୍ତେ ୨୯ରନ ଆବଶ୍ୟକ ଥିବା ବେଳେ ଇମ୍ପାକ୍ଟ ଖେଳାଳି ଆଦିତ୍ୟ ରାଉତ ୩ଟି ଛକା, ଗୋଟିଏ ଚୌକା ଏବଂ ଗୋଟିଏ ୱାଇଡ୍ ସହ ୨୩ ରନ୍ କରିଥିଲେ। ଦଳ ୫ରନରେ ପଛୁଆ ରହି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଓଡ଼ିଶା ଜୁନିୟର ଦଳର ସ୍ପିନର ରାଜା ଯାଦବ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୱାରିୟର୍ସର ପ୍ରବୀଣ ଲୁହା, ପ୍ରୟାସ ସିଂହ ଓ ଆୟୁଷ ବାରିକଙ୍କୁ ଗୋଟିଏ ଓଭରରେ ପ୍ୟାଭିଲିୟନ ଫେରାଇ ଦଳ ପାଇଁ ସହଜ ବିଜୟର ବାଟ ଫିଟାଇ ଦେଇଥିଲେ। ଆଦିତ୍ୟ ୧୩ବଲରୁ ୩୬ରନ କରିଥିବା ବେଳେ ଶୁଭ୍ରାଂଶୁ ଶୂନରେ ଆଉଟ ହୋଇଥିଲେ ଏବଂ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS